ବର୍ଷ-୨୫, ସଂଖ୍ୟା-୨୮୩
ଭୁବନେଶ୍ୱର
୨୫, ଅକ୍ଟୋବର, ୨୦୨୫ ଶନିବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-25, Issue No. 283
Bhubaneswar
25, October, 2025 Saturday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat



ସଂଗୀତ ନିର୍ଦ୍ଦେଶକ ସଚିନ ଗିରଫ

# ଜନ୍ମ ନେଉଛି ବାତ୍ୟା 'ମୋନ୍ଥା'

ଭୁବନେଶ୍ୱର, ୨୪।୧୦(ମହାଭାରତ): ଆଗାମୀ ୨୫ ତାରିଖରେ ଅବପାତର ରୂପ ନେବ ଲଘୁଚାପ। ଆସନ୍ତାକାଲି ସୁଦୃଶ୍ୟ ଲଘୁଚାପର ରୂପ ନେବ। ୨୬ ତାରିଖ ବେଳକୁ ଗଭୀର ଅଭପାତର ରୂପ ନେବ। ୨୭ ସକାଳେ ବାତ୍ୟାର ରୂପ ନେଇପାରେ ଲଘୁଚାପ। ଏନେଇ ସୂଚନା ଦେଇଛି ଭାରତୀୟ ପାଣିପାଗ ବିଭାଗ। ତେବେ ବାତ୍ୟାର ରୂପ ନେଲେ ଏହାର ନାମ ରହିବ 'ମୋନ୍ଥା'। ତେବେ ବାତ୍ୟାର ପ୍ରଭାବ ଆନ୍ଧ୍ର ଉପରେ ଅଧିକ ରହିବ। ଏହାର ପ୍ରଭାବରେ ଓଡ଼ିଶା ଉପକୂଳ ଜିଲ୍ଲାରେ ପ୍ରବଳ ବର୍ଷା ହେବ।

ଏବେ ଲଘୁଚାପ ଧୀରେ ଧୀରେ ଉତ୍ତର-ପଶ୍ଚିମ ଉତ୍ତର ଦିଗରେ ଗତି କରୁଛି। ଘଣ୍ଟା ପ୍ରତି ୩ କିମି ବେଗରେ ଗତି କରୁଛି। ବଙ୍ଗୋପସାଗରରେ ବଳ ଗୋଟାଉଛି। ବାତ୍ୟା ପାଇଁ ରହିଛି ଅନୁକୂଳ ପାଗ। ୨୭ରୁ ୨୯ ତାରିଖ ଯାଏ ଓଡିଶାରେ ପ୍ରବଳ ବର୍ଷାର ସମ୍ଭାବନା ରହିଛି। କିନ୍ତୁ ପବନର ଆଶଙ୍କା କମ୍ ଥିବା କୁହାଯାଉଛି। ତେବେ ବାତ୍ୟା କେଉଁଠି ମାଡ ହେବ, ସେନେଇ ଏବେ ଯାଏ କୌଣସି ସୂଚନା ମିଳିନାହିଁ।

ଏଣେ ଆଜି ପୁରୀ, ଖୋର୍ଦ୍ଧା, ନୟାଗଡ, ଗଞ୍ଜାମ, ଗଜପତି, ରାୟଗଡା, କୋରାପୁଟ, ମାଲକାନଗିରି, କନ୍ଧମାଳ, କଳାହାଣ୍ଡି, ନବରଙ୍ଗପୁର ଓ ନୟାଗଡ ଆଦି ଜିଲ୍ଲାର କିଛି କିଛି ସ୍ଥାନରେ ବିଜୁଳି, ଘଡଘଡି ସହ ବର୍ଷା ହେବ। ସେହିଭଳି ଶନିବାର ବର୍ଷାର ପରିମାଣ ବଢ଼ିବ। ଉପକୂଳ ସହ ଦକ୍ଷିଣ ଓ ପଶ୍ଚିମ ଓଡିଶାରେ ମଧ୍ୟ ଭଲ ବର୍ଷା ହେବ। ତେବେ ଲଘୁଚାପ ସୃଷ୍ଟି ପରେ ହିଁ ଏହାର ତୀବ୍ରତା



## ଆଜି ଅବପାତର ରୂପ ନେବ ଲଘୁଚାପ, ୨୭ରେ ବାତ୍ୟା ସୃଷ୍ଟି

## ଉପକୂଳ ଓଡ଼ିଶା ସବୁ ଜିଲ୍ଲାରେ ପ୍ରବଳ ବର୍ଷିବ

ସ୍ପଷ୍ଟ ହେବ। ରାଜ୍ୟକୁ ଏବେ ସାମୁଦ୍ରିକ ବଙ୍ଗୋପସାଗରୀୟ ପବନ ପ୍ରବାହ ଜାରି ରହିଛି। ବର୍ଷା ସମ୍ଭାବନା ବି ରହୁଛି। ଏଣୁ ଉତ୍ତରା ଥଣ୍ଡା ପବନ ପ୍ରବାହ ବାଧାପ୍ରାପ୍ତ ହୋଇଛି। ଆସନ୍ତାକାଲି ରାଜଧାନୀ ଭୁବନେଶ୍ୱରର ପାଗ ଆଂଶିକ ମେଘୁଆ ସହ ସକାଳୁ କୁହୁଡି ପଡିବ। ସର୍ବାଧିକ ଦିନ ତାପମାତ୍ରା ୩୫ ଡିଗ୍ରି ଓ ସର୍ବନିମ୍ନ ରାତ୍ରି ତାପମାତ୍ରା ୨୪ ଡିଗ୍ରି ମଧ୍ୟରେ ରହିବ। ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ମୁତାବକ, ଦକ୍ଷିଣ-ପୂର୍ବ ବଙ୍ଗୋପସାଗର ଓ ସଂଲଗ୍ନ ଦକ୍ଷିଣ ଆଣ୍ଡାମାନ ସାଗର ଅଞ୍ଚଳରେ ଏକ ଉପର ବାୟୁମଣ୍ଡଳସ୍ତରୀୟ ଘୂର୍ଣ୍ଣିବଳୟ ରହିଛି। ଏହାର ପ୍ରଭାବରେ ଦକ୍ଷିଣପୂର୍ବ ଓ ସଂଲଗ୍ନ ପୂର୍ବକେନ୍ଦ୍ରୀୟ ବଙ୍ଗୋପସାଗର ଅଞ୍ଚଳରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି। ଆଗାମୀ ୫ ଦିନ ପାଇଁ ରାଜ୍ୟରେ ବର୍ଷାର ଆଶଙ୍କା ରହିଛି। ୨୭ ତାରିଖରେ କେତେକ ଜିଲ୍ଲାରେ ଭୀଷଣ ବର୍ଷାର ଆକଳନ କରାଯାଇଛି। ଏନେଇ ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ଏହି ସମୟରେ ପବନର ବେଗ ଘଣ୍ଟା ପ୍ରତି ୬୦ରୁ ୭୦ କିମି ରହିପାରେ। ବାତ୍ୟା କେଉଁଠି ଲ୍ୟାଣ୍ଡଫଲ କରିବ ଜଣାପଡିନଥିଲେ ବି ଆନ୍ଧ୍ରକୁ ଅଧିକ କ୍ଷତି ପହଞ୍ଚାଇବ ବୋଲି କୁହାଯାଉଛି। ଓଡିଶାରେ କେବଳ ପ୍ରବଳ ବର୍ଷା ହେବ। ତିନି ଦିନ ଧରି ବର୍ଷା ପବନ ରହିଛି। ଅକ୍ଟୋବର ମାସରେ ବଙ୍ଗୋପସାଗରରୁ ବାହାରୁଥିବା ଘୂର୍ଣ୍ଣିଝଡ଼ ଦ୍ୱାରା ଓଡ଼ିଶା ପ୍ରଭାବିତ ହେବାର ଇତିହାସ ରହିଛି। ୧୯୯୯ ମସିହାର ସୁପର ସାଇକ୍ଲୋନ୍ ଅକ୍ଟୋବର ୨୯ ତାରିଖରେ ରାଜ୍ୟରେ ଆଘାତ କରିଥିଲା, ଯାହା ଏକ ଅଭୂତପୂର୍ବ କ୍ଷୟକ୍ଷତି ଛାଡିଥିଲା। ଫାଇଲିନ (୨୦୧୩), ହୁଡ଼ହୁଡ୍ (୨୦୧୪), ତିତଲି (୨୦୧୮) ଏବଂ ସିଭିୟର ସାଇକ୍ଲୋନ ଦାନା (୨୦୨୪) ମଧ୍ୟ ଅକ୍ଟୋବରରେ ଘଟିଥିଲା। ଯେତେବେଳେ ମେ ମାସରେ ଫନି ନାମକ ଏକ ଘୂର୍ଣ୍ଣିଝଡ଼ ପୁରୀରେ ପଶିଯାଇଥିଲା।

## ଜଳ ସଂପଦ ବିଭାଗର ପ୍ରସ୍ତୁତି

ଭୁବନେଶ୍ୱର, ୨୪।୧୦(ମହାଭାରତ): ଭାରତୀୟ ପାଣିପାଗ ବିଭାଗର ଆକଳନ ଅନୁସାରେ ଆଗାମୀ ସମ୍ଭାବ୍ୟ ବାତ୍ୟା ଜନିତବର୍ଷାକୁଦୃଷ୍ଟିରେ ରଖି ରାଜ୍ୟ ଜଳସଂପଦ ବିଭାଗ ପକ୍ଷରୁ ପ୍ରସ୍ତୁତି ନେଇ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଏକ ବୈଠକରେ ସ୍ଥିତି ସମୀକ୍ଷା କରିଥିଲେ। ଆଜି ସଂଧ୍ୟାରେ ଲୋକସେବା ଭବନ ସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ବୈଠକରେ ଜଳସଂପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀଙ୍କ ସମେତ ଅନ୍ୟ ବରିଷ୍ଠ ପଦାଧିକାରୀମାନେ ଉପସ୍ଥିତ ଥିଲେ।ବାତ୍ୟା ଫଳରେ ଲଘୁଚାପ ଜନିତ ବର୍ଷାକୁ ନେଇ ରାଜ୍ୟର ବିଭିନ୍ନ ଅବବାହିକାରେ ଥିବା ଜଳଭଣ୍ଡାର ସ୍ଥିତିକୁ ନିକଟରୁ ଅନୁଧ୍ୟାନ କରିବାକୁ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି।ସମ୍ଭାବ୍ୟ ଲଗାଣ ବର୍ଷାଫଳରେ ବିଭିନ୍ନ ଜଳଭଣ୍ଡାରରେ ଜଳପତ୍ତନ ପରିମାଣ କେତେ ବୃଦ୍ଧି ଘଟୁଛି, ଏହାର ବାସ୍ତବତାକୁ ଦେଖି, ସଠିକ ଆକଳନ କରି ଯୋଜନା ଓ ସୁନିୟନ୍ତ୍ରିତ ଭାବେ ଜଳ ନିଷ୍କାସନ ତଥା ଜଳ ପରିଚାଳନା କରିବାକୁ ସେ ପରାମର୍ଶ ଦେଇଛନ୍ତି। ବର୍ତ୍ତମାନ ସ୍ଥିତିରେ ସମସ୍ତ ନଦୀରେ ଜଳସ୍ତର କମ୍ ରହିଛି। ତେଣୁସଂପ୍ରତି ଲଗାଣ ବର୍ଷା ଜନିତ ବନ୍ୟା ପରିସ୍ଥିତି ହେବାର ଆଶଙ୍କା ନାହିଁ ବୋଲି ବୈଠକରେ ଆଲୋଚନା କରାଯାଇଥିଲା।ତେବେ ସ୍ଥିତିକୁ ଦେଖି ବିଭାଗ ତଥା କ୍ଷେତ୍ର ସ୍ତରରେ ଥିବା ସମସ୍ତ ଅଧିକାରୀ ଓ ଯନ୍ତ୍ରୀମାନଙ୍କୁ ସତର୍କ ରହି କାର୍ଯ୍ୟ କରିବାକୁ ଉନ୍ନୟନ କମିଶନର ଏହି ପରିପ୍ରେକ୍ଷୀରେ ଆବଶ୍ୟକ ନିର୍ଦ୍ଦେଶ ଓ ପରାମର୍ଶ ଦେଇଛନ୍ତି।

## ଆମେ ପୂରା ପ୍ରସ୍ତୁତ : ମନ୍ତ୍ରୀ

ଭୁବନେଶ୍ୱର, ୨୪।୧୦(ମହାଭାରତ): ସମ୍ଭାବ୍ୟ ବାତ୍ୟାକୁ ନେଇ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ପ୍ରତିକ୍ରିୟା ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି ଯେ କୌଣସି ପରିସ୍ଥିତିର ମୁକାବିଲା କରିବା ପାଇଁ ଆମେ ପ୍ରସ୍ତୁତ ଅଛୁ। ଓଡିଶା ପ୍ରାକୃତିକ ବିପର୍ଯ୍ୟୟ ପ୍ରବଣ ରାଜ୍ୟ ହୋଇଥିବାରୁ ଆମେ ସବୁବେଳେ ପ୍ରସ୍ତୁତ ରହିଛୁ। ବଙ୍ଗୋପସାଗରରେ ଲଘୁଚାପ ସୃଷ୍ଟି ହୋଇସାରିଛି। ମଧ୍ୟମରୁ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଦକ୍ଷିଣ, ଆଭ୍ୟନ୍ତରୀଣ ଓ ପଶ୍ଚିମ ଓଡିଶାରେ ବର୍ଷା ହେବା ସମ୍ଭାବନା ଅଧିକ ରହିଛି। ସ୍ୱାସ୍ଥ୍ୟ ବିଭାଗକୁ ସଜାଗ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ପଶୁମାନଙ୍କ ସୁରକ୍ଷା ପାଇଁ ପଶୁ ସମ୍ପଦ ବିଭାଗକୁ ଆଲର୍ଟ କରାଯାଇଛି ବୋଲି ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି।

## ଏଣିକି ରାସନ କାର୍ଡଧାରୀଙ୍କୁ ଅଧିକ ୫ କେଜି ଚାଉଳ

ଭୁବନେଶ୍ୱର, ୨୪।୧୦(ମହାଭରତ): ରାଜ୍ୟବାସୀଙ୍କୁ ରାଜ୍ୟ ସରକାର ଦେବାକୁ ଯାଉଛନ୍ତି ଖୁସି ଖବର। ହିତାଧିକାରୀଙ୍କୁ ମିଳିବାକୁ ଯାଉଛି ଅତିରିକ୍ତ ଚାଉଳ। ଚଳିତ ମାସରେ ରାଜ୍ୟ ସରକାର ୧୦ଲକ୍ଷ ୫୭ ହଜାର ୧୧୨.୭୦କୁଇଣ୍ଟାଲ ଚାଉଳ ପ୍ରଦାନ କରିବେ। ପରିବାର ପିଛା ପାଞ୍ଚ କେଜି ଅତିରିକ୍ତ ଚାଉଳ ଦେବା ପାଇଁ ନିଷ୍ପତ୍ତି ନେଇଛନ୍ତି ସରକାର। ଏଥିପାଇଁ ବିଭାଗ ପକ୍ଷରୁ ସମସ୍ତ ଜିଲ୍ଲାକୁ ଜଣାଇ ଦିଆଯାଇଛି। ଯେହେତୁ ରାଜ୍ୟ ସରକାର ପ୍ରଥମ ପର୍ଯ୍ୟାୟରେ ରାଜ୍ୟର ୧୯ଟି ଜିଲ୍ଲାରେ ଦେବାକୁ ଯାଉଛନ୍ତି।

ଅନୁଗୋଳ, ବାଲେଶ୍ୱର, ବରଗଡ, ଭଦ୍ରକ, କଟକ, ଦେବଗଡ, ଢେଙ୍କାନାଳ, ଗଞ୍ଜାମ, ଜଗତସିଂପୁର, ପୁରୀ, ସମ୍ବଲପୁର, ସୁନ୍ଦରଗଡ, ଯାଜପୁର, ଝାରସୁଗୁଡା, କେନ୍ଦ୍ରପଡା, କେନ୍ଦୁଝର, ଖୋର୍ଦ୍ଧା, ମୟୁରଭଞ୍ଜ ଓ ନୟାଗଡ ଜିଲ୍ଲାବାସୀ ଏଥିରେ ଉପକୃତ ହେବାକୁ ଯାଉଛନ୍ତି।ରାଜ୍ୟ ସରକାର ଜାତୀୟ ଓ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ ଥିବା ଏହି ୧୯ଜିଲ୍ଲାର ହିତାଧିକାରୀଙ୍କୁ ଅତିରିକ୍ତ ଚାଉଳ ଦେବାର ନିଷ୍ପତ୍ତି ନେଇ ସେହି ପରିବାର ଭିତରେ ଖୁସି ଭରିଦେଇଛନ୍ତି। ଖାଦ୍ୟ ସୁରକ୍ଷା ସୁନିଶ୍ଚିତ କରିବା ଲକ୍ଷ୍ୟ ନେଇ ରାଜ୍ୟ ସରକାର ଏହି ନିଷ୍ପତ୍ତି ନେଇଛନ୍ତି। ପ୍ରଥମରେ ସେପ୍ଟେମ୍ବର, ଅକ୍ଟୋବର ଏବଂ ନଭେମ୍ବର ମଙ୍କସର ଚାଉଳ ଦେବାକୁ ନିର୍ଦ୍ଦେଶ ଜାରି କରିଛନ୍ତି। ଯେଉଁଠି ମଧ୍ୟ ଚାଉଳ ବଣ୍ଟନରେ ସମସ୍ୟା ଉପୁଜୁଛି ତାହା ବିଭାଗକୁ ଅବଗତ କରି ବିକଳ୍ପ ବାଛିବା ପାଇଁ ମଧ୍ୟ ଚିଠିରେ ଉଲ୍ଲେଖ ରହିଛି। ଏହି ତିନିମାସର ଚାଉଳ ୧୦ ନଭେମ୍ବର ସୁଦ୍ଧା ଦେବାକୁ ବିଭାଗ ପକ୍ଷରୁ କଡାକଡି ନିଦ୍ରେଦଶ ରହିଛି। ଏହି ନିଷ୍ପତ୍ତି ନେବା ପୂର୍ବରୁ ଖାଦ୍ୟ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ଅନେକ ବାର ବୈଠକ କରାଯାଇଛି। ଯାହା ପରେ ରାଜ୍ୟ ସରକାର ଏହି ନିଷ୍ପତ୍ତି ନେଇଛନ୍ତି।

## ପୂରଣ ହେବ ୪୨୧୯ କନଷ୍ଟେବଲ ପଦବୀ

ଭୁବନେଶ୍ୱର, ୨୪।୧୦(ମହାଭରତ): ରାଜ୍ୟରେ ଖାଲି ପଡ଼ିଥିବା ୪୨୧୯ କନଷ୍ଟେବଲ ପଦକୁ ସିଧାସଳଖ ପୂରଣ କରାଯିବ ବୋଲି ଗୃହ ବିଭାଗ ପକ୍ଷରୁ କୁହାଯାଇଛି। ଆଜି ଏ ସଂକ୍ରାନ୍ତରେ ଗୃହବିଭାଗ ଉପସଚିବ ତରୁଣ କୁମାର ପଣ୍ଡା ପୋଲିସ ମହାନିର୍ଦ୍ଦେଶକ ଏବଂ ଆଇଜିଙ୍କୁ ପତ୍ର ଲେଖି ଅବଗତ କରାଇଛନ୍ତି, ରାଜ୍ୟରେ ଖାଲି ପଡ଼ିଥିବା କନଷ୍ଟେବଲ ପଦ ପୂରଣ ନେଇ ରାଜ୍ୟ ପୋଲିସ ମୁଖ୍ୟାଳୟ ପକ୍ଷରୁ ଆସିଥିବା ପ୍ରସ୍ତାବକୁ ସରକାର ବିଚାର କରିବା ପରେ ଖାଲି ପଦ ପୂରଣ ଲାଗି ଏହି ନିଷ୍ପତ୍ତି ନେଇଛନ୍ତି। ତେବେ କନଷ୍ଟେବଲ ର୍ୟାଙ୍କ୍‌ର ଉକ୍ତ ପଦ ପୂରଣ ବେଳେ ବିଭାଗ ପକ୍ଷରୁ ଜାରି ପୃଥକ୍ ପୃଥକ୍ ନିର୍ଦ୍ଦେଶନାମା ସହିତ ଚଳିତବର୍ଷ ସେପ୍ଟେମ୍ବର ୨୨ରେ ଜାରି ହୋଇଥିବା ଏସ୍‌ଓପିକୁ ଅନୁସରଣ କରିବାକୁ ହେବ ବୋଲି ଉପସଚିବ ପତ୍ରରେ ଦର୍ଶାଇଛନ୍ତି।

## ୫୧ ହଜାର ଯୁବକଯୁବତୀଙ୍କୁ ପ୍ରମାଣପତ୍ର ବାଣ୍ଟିଲେ ମୋଦୀ

ନୂଆଦିଲ୍ଲୀ, ୨୪।୧୦(ପିଆଇବି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ଭିଡିଓ କନଫରେନ୍ସିଂ ମାଧ୍ୟମରେ ରୋଜଗାର ମେଳାକୁ ସମ୍ବୋଧନ କରି ଯୁବମାନଙ୍କ ପାଇଁ ଏକ ବଡ଼ ପଦକ୍ଷେ 'ପ୍ରତିଭା ସେତୁ ପୋର୍ଟାଲ୍' ଆରମ୍ଭ କରିବାର ଘୋଷଣା କରିଛନ୍ତି। ଏହି ପୋର୍ଟାଲ୍ ୟୁପିଏସସିର ଅନ୍ତିମ ତାଲିକା ପର୍ଯ୍ୟନ୍ତ ପହଞ୍ଚିଥିବା କିନ୍ତୁ ଚୟନିତ ନହୋଇଥିବା ପ୍ରାର୍ଥୀମାନଙ୍କୁ ନୂଆ ସୁଯୋଗ ପ୍ରଦାନ କରିବ।ସେ ଗୁରୁତ୍ୱ ଦେଇ କହିଛନ୍ତି ଯେ ଏହି ପ୍ରାର୍ଥୀମାନଙ୍କ ଉଦ୍ୟମ ବ୍ୟର୍ଥ ଯିବ ନାହିଁ। ବେସରକାରୀ ଓ ସରକାରୀ – ଦୁଇ ପ୍ରକାରର ସଂସ୍ଥାଗୁଡ଼ିକ ଏବେ ଏହି ପୋର୍ଟାଲ୍ ମାଧ୍ୟମରେ ଏହି ପ୍ରତିଭାଶାଳୀ ବ୍ୟକ୍ତିମାନଙ୍କ ସହ ଯୋଗାଯୋଗ କରୁଛନ୍ତି।ପ୍ରଧାନମନ୍ତ୍ରୀ ଆଜି ବିଭିନ୍ନ ମନ୍ତ୍ରାଳୟ ଏବଂ ସରକାରୀ ସଂସ୍ଥାଗୁଡ଼ିକରେ ୫୧ ହଜାର ନିଯୁକ୍ତିପତ୍ର ବଣ୍ଟନ କରିଛନ୍ତି। ଏହି ଅବସରରେ ସେ କହିଛନ୍ତି ଯେ ଆଜିର ନିଯୁକ୍ତିଗୁଡ଼ିକ ଦେଶ ଗଠନରେ ସକ୍ରିୟ ଭାଗ ନେବାର ସୁଯୋଗ ଅଟେ। ହି







କ୍ରମରେ ଭୁବନେଶ୍ୱରସ୍ଥିତ ରେଳ ଅଡିଟୋରିୟମରେ ଆୟୋଜିତ ରାଜ୍ୟସ୍ତରୀୟ ରୋଜଗାର ମେଳା କାର୍ଯ୍ୟକ୍ରମରେ କେନ୍ଦ୍ର ଜନଜାତି ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ୩୦୨ ଜଣ ଯୁବକଯୁବତୀଙ୍କୁ ନିଯୁକ୍ତିପତ୍ର ବିତରଣ କରିଛନ୍ତି।

ସେ ଆଶା ପ୍ରକାଶ କରିଛନ୍ତି ଯେ ନିଯୁକ୍ତ ବ୍ୟକ୍ତିମାନେ ନିଷ୍ଠା ଓ ସତ୍ୟନିଷ୍ଠା ସହିତ କାମ କରି ଭବିଷ୍ୟତ ଭାରତ ପାଇଁ ଉତ୍କୃଷ୍ଟ ବ୍ୟବସ୍ଥା ସୃଷ୍ଟିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇବେ। ପ୍ରଧାନମନ୍ତ୍ରୀ ମୋଦି ଏହା ଉପରେ ଗୁରୁତ୍ୱ ଦେଇଛନ୍ତି ଯେ ଯୁବ ସଶକ୍ତିକରଣ ତାଙ୍କ ସରକାରର ସର୍ବୋଚ୍ଚ ପ୍ରାଥମିକତା ରହିଛି। ରୋଜଗାର ମେଳାଗୁଡିକ ଏବେ ଯୁବ ଭାରତୀୟମାନଙ୍କ ଆକାଂକ୍ଷା ପୂରଣରେ ଏକ ସଶକ୍ତ ମାଧ୍ୟମ ହୋଇପଡ଼ିଛି। କିଛି ଦିନରେ, ଏହି ମେଳାମାନଙ୍କ ମାଧ୍ୟମରେ ୧୧ ଲକ୍ଷରୁ ଅଧିକ ନିଯୁକ୍ତିପତ୍ର ଜାରି କରାଯାଇଛି।ସେ କହିଛନ୍ତି ଯେ ସରକାରଙ୍କ ଉଦ୍ୟମ କେବଳ ସରକାରୀ ଚାକିରି ପର୍ଯ୍ୟନ୍ତ ସୀମିତ ନୁହେଁ। ସରକାର ୩.୫ କୋଟି ଯୁବକୁ ରୋଜଗାର ପ୍ରଦାନ କରିବାର ଲକ୍ଷ୍ୟ ସହିତ 'ପ୍ରଧାନମନ୍ତ୍ରୀ ବିକଶିତ ଭାରତ ରୋଜଗାର ଯୋଜନା' ଆରମ୍ଭ କରିଛି।ସେ ଆହୁରି କହିଛନ୍ତି ଯେ ସ୍କିଲ୍ ଇଣ୍ଡିଆ ମିଶନ୍ ପରି ପଦକ୍ଷେପଗୁଡିକ ଯୁବମାନଙ୍କୁ ଆବଶ୍ୟକ ପ୍ରଶିକ୍ଷଣ ପ୍ରଦାନ କରୁଛି। ରାଷ୍ଟ୍ରୀୟ କ୍ୟାରିଅର ସେବା ପରି ମଞ୍ଚଗୁଡିକ ତାଙ୍କୁ ନୂଆ ଅବସର ସହ ଯୋଡୁଛି। ଏହି ମଞ୍ଚ ମାଧ୍ୟମରେ ୭ କୋଟିରୁ ଅଧିକ ଖାଲି ପଦବୀ ସମ୍ପର୍କୀୟ ସୂଚନା ଯୁବମାନଙ୍କ ସହିତ ସେୟାର୍ କରାଯାଇଛି। ପ୍ରଧାନମନ୍ତ୍ରୀ କହିଥିଲେ, ଗତ ୧୧ ବର୍ଷ ଧରି, ଦେଶ ଏକ ବିକଶିତ ଭାରତ ଗଠନର ସଂକଳ୍ପ ନେଇ ଆଗକୁ ବଢୁଛି, ଏବଂ ଏହି ଯାତ୍ରାରେ ଯୁବପିଢ଼ି ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛନ୍ତି ଯୁବ ସଶକ୍ତୀକରଣ ତାଙ୍କ ସରକାର ପାଇଁ ସର୍ବୋଚ୍ଚ ପ୍ରାଥମିକତା ହୋଇ ରହିଛି ଯୁବ ଭାରତୀୟଙ୍କ ଆକାଂକ୍ଷା ପୂରଣ କରିବା ପାଇଁ ନିଯୁକ୍ତି ମେଳା ଏକ ପ୍ରଭାବୀ ମାଧ୍ୟମ ପାଲଟିଛି ଏବଂ ସାମ୍ପ୍ରତିକ ସମୟରେ, ଏହି ମେଳା ମାଧ୍ୟମରେ ୧୧ ଲକ୍ଷରୁ ଅଧିକ ନିଯୁକ୍ତି ପତ୍ର ପ୍ରଦାନ କରାଯାଇଛି। ସେ ଗୁରୁତ୍ୱାରୋପ କରିଥିଲେ ଏହି ପ୍ରୟାସ କେବଳ ସରକାରୀ ଚାକିରି ପର୍ଯ୍ୟନ୍ତ ସୀମିତ ରହିନାହିଁ ସରକାର ୩ କୋଟି ୫୦ ଲକ୍ଷ ଯୁବକଙ୍କୁ ନିଯୁକ୍ତି ପ୍ରଦାନ କରିବା ଲକ୍ଷ୍ୟରେ ପ୍ରଧାନମନ୍ତ୍ରୀ ବିକଶିତ ଭାରତ ରୋଜଗାର ଯୋଜନା ଆରମ୍ଭ କରିଛନ୍ତି ସ୍କିଲ୍ ଇଣ୍ଡିଆ। ମିଶନ ଭଳି ପଦକ୍ଷେପ।

## ଜୈବିକ ଚାଉଳରୁ କୋଠ ଭୋଗ

ଭୁବନେଶ୍ୱର, ୨୪।୧୦(ମହାଭାରତ): ଆସନ୍ତା ରଥଯାତ୍ରାରୁ ଜୈବିକ ଚାଉଳରୁ ପ୍ରସ୍ତୁତ ହେବ କୋଠ ଭୋଗ। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ତଥା କୃଷି ବିଭାଗ ପ୍ରମୁଖ ଶାସନ ସଚିବ ଅରବିନ୍ଦ ପାଢ଼ୀ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ଆସନ୍ତା ରଥଯାତ୍ରା ସମୟରେ ଅମୃତ ଅନ୍ନ ଯୋଜନାରେ ଜୈବିକ ଚାଉଳରୁ କୋଠ ଭୋଗ ପ୍ରସ୍ତୁତ ହେବ। ଏଥି ପାଇଁ ବରଗଡ଼, କଟକ ଏବଂ କୋରାପୁଟ ଜିଲ୍ଲାରେ ଜୈବିକ ଚାଷ କରାଯାଉଛି। ବଳଭଦ୍ର ଜୈବିକ ଚାଷ ମିଶନରେ ଜୈବିକ ଚାଷ ପାଇଁ ସହାୟତା ଦିଆଯାଇଛି। କୋଠ ଭୋଗ ପାଇଁ ଆବଶ୍ୟକୀୟ ପରିମାଣର ଚାଉଳ ଅମଳ ହେବ। ଯଦି ବଳକା ରହେ କିଛି ପରିମାଣର ମହାପ୍ରସାଦ ମଧ୍ୟ କରାଯିବ। ଆନନ୍ଦ ବଜାରରେ ଜୈବିକ ମହାପ୍ରସାଦ ପାଇଁ ସ୍ୱତନ୍ତ୍ର କାଉଂଟର ହେବ। ପରବର୍ତ୍ତୀ ସମୟରେ ଜୈବିକ ପନିପରିବା ମଧ୍ୟ ବ୍ୟବହାର କରାଯିବ। ଗତ ରଥଯାତ୍ରା ବେଳେ ମାଉସୀ ମା ମନ୍ଦିରରେ ମହାପ୍ରଭୁଙ୍କ ଆଡପ ମଣ୍ଡପ ଭୋଗରେ ଜୈବିକ ଚାଉଳ ବ୍ୟବହାର ହୋଇଥିଲା।

## 'କଳାମଣ୍ଡଳ' ପ୍ରକଳ୍ପ କାର୍ଯ୍ୟର ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୪।୧୦(ମହାଭାରତ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଲୋକସେବା ଭବନରେ ଭୁବନେଶ୍ୱରରେ ନିର୍ମାଣାଧୀନ ପ୍ରେକ୍ଷାଳୟ 'କଳାମଣ୍ଡଳ' ପ୍ରକଳ୍ପ କାର୍ଯ୍ୟର ସମୀକ୍ଷା କରିଛନ୍ତି। ଏଥିସହିତ କେନ୍ଦୁଝର ଜିଲ୍ଲାରେ କ୍ରୀଡା ଭିତ୍ତିଭୂମିର ବିକାଶ ସମ୍ପର୍କରେ ଆଲୋଚନା କରିଛନ୍ତି।

ସୂଚନାଯୋଗ୍ୟ ଯେ, ଭୁବନେଶ୍ୱରର ସୈନିକ ସ୍କୁଲ ନିକଟରେ ୯.୮୫ ଏକର ଜମି ଉପରେ ୧୭୩ କୋଟି ଟଙ୍କା ବ୍ୟୟରେ ଓଡ଼ିଶାର ସର୍ବବୃହତ ଏହି ପ୍ରେକ୍ଷାଳୟ ଇଡ୍‌କୋ ପକ୍ଷରୁ ନିର୍ମାଣ କରାଯାଉଛି।

୨୦୦୦ ଆସନ ବିଶିଷ୍ଟ ପ୍ରେକ୍ଷାଳୟ ସହିତ ୫୦୦ ସିଟ୍ ବିଶିଷ୍ଟ ଏକ ଓପନ୍ ଏୟାର ଥିଏଟର ମଧ୍ୟ ଏହି ପରିସର ମଧ୍ୟରେ ରହିବ। ମୁଖ୍ୟମନ୍ତ୍ରୀ ଏହାର ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରି ୨୦୨୬ ମେ ମାସ ସୁଦ୍ଧା ସମ୍ପୂର୍ଣ୍ଣ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଭୁବନେଶ୍ୱରରେ ବିଭିନ୍ନ ସରକାରୀ କାର୍ଯ୍ୟକ୍ରମ ଓ ସଭାସମିତି ଆୟୋଜନ କରିବା ପାଇଁ ଏହି ପ୍ରେକ୍ଷାଳୟଟି ଅତ୍ୟନ୍ତ ଉପଯୋଗୀ





ହେବ। ଭବିଷ୍ୟତକୁ ଦୃଷ୍ଟିରେ ରଖି ସମସ୍ତ ଆନୁସଙ୍ଗିକ ବ୍ୟବସ୍ଥା ଏହି 'କଳାମଣ୍ଡଳ' ପରିସରରେ ଉପଲବ୍ଧ କରିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। ଏଥି ସହିତ ପର୍ଯ୍ୟାପ୍ତ ପାର୍କିଂ ସୁବିଧା ପାଇଁ ମଧ୍ୟ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଇଥିଲେ। ସେହିଭଳି, କେନ୍ଦୁଝର ଜିଲ୍ଲାରେ ପ୍ରସ୍ତାବିତ ୬ଟି ଗୁରୁତ୍ୱପୂର୍ଣ୍ଣ କ୍ରୀଡ଼ା ପ୍ରକଳ୍ପର ବିକାଶ ସମ୍ପର୍କରେ ମଧ୍ୟ ବୈଠକରେ ଆଲୋଚନା ହୋଇଥିଲା। କେନ୍ଦୁଝରର ରାଙ୍କୀ ଓ ରାଇକଳା ଠାରେ ଦୁଇଟି ଅତ୍ୟାଧୁନିକ ସ୍ପୋର୍ଟସ କମ୍ପ୍ଲେକ୍ସ, କାଳୀ ପଡ଼ିଆରେ ଏକ ଫୁଟବଲ ଷ୍ଟାଡ଼ିଅମ୍ ସହିତ ଇନଡୋର ଓ ଆଉଟଡୋର ଗେମ'ର ସୁବିଧା, ଡିଏନ୍ ହାଇସ୍କୁଲ ପରିସରରେ ଏକ ଅତ୍ୟାଧୁନିକ ସ୍ୱିମିଂ ପୁଲ, ନରଣପୁରରେ ଆର୍ଚେରୀ ଏକାଡେମୀ ଏବଂ କେନ୍ଦୁଝରରେ ୧୦୦ ଶଯ୍ୟା ବିଶିଷ୍ଟ ହ୍ୟାଣ୍ଡବଲ କ୍ରୀଡା ଛାତ୍ରାବାସ ନିର୍ମାଣ କରାଯିବ ବୋଲି ବୈଠକରେ ଆଲୋଚନା ହୋଇଥିଲା। ଏହି ବୈଠକରେ ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ଓ କ୍ରୀଡା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର, ଅର୍ଥ ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୀବ ମିଶ୍ର, କ୍ରୀଡା ବିଭାଗର କମିଶନର ତଥା ଶାସନ ସଚିବୀ ସଚିନ ରାମଚନ୍ଦ୍ର ଯାଦବ, ସଂସ୍କୃତି ବିଭାଗର ଶାସନ ସଚିବ ବିଜୟ କେତନ ଉପାଧ୍ୟାୟ, କ୍ରୀଡା ନିର୍ଦ୍ଦେଶକ ଡଃ ଏଦୁଲା ବିଜୟ ଏବଂ ଉଭୟ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

## ବସ୍‌ରେ ଜଳିଗଲେ ୨୦ ଯାତ୍ରୀ

ହାଇଦ୍ରାବାଦ, ୨୪।୧୦: ଆନ୍ଧ୍ର ପ୍ରଦେଶର କୁରନୁଲରେ ଭୟଙ୍କର ଦୁର୍ଘଟଣା। ଗୋଟିଏ ଯାତ୍ରୀବାହୀ ବସ୍ ଓ ବାଇକ ମଧ୍ୟରେ ହୋଇଛି ଧକ୍କା। ଦୁର୍ଘଟଣାଏତେ ଭୟଙ୍କର ରହିଥିଲା ଯେ ବସ୍‌ରେ ଥିବା ପ୍ରାୟ ୪୦ ଜଣ ଯାତ୍ରୀଙ୍କ ମଧ୍ୟରୁ ୨୦ ଜଣ ଜୀବନ୍ତ ଦଗ୍ଧ ହୋଇ ଯାଇଛି। କିଛି ମୃତଦେହ ସଂପୂର୍ଣ୍ଣ ଭାବେ ପୋଡି ଯାଇଥିବାରୁ ସେମାନଙ୍କ ପରିଚୟ ମଧ୍ୟ ହାସଲ କରିବା ପ୍ରଶାସନ ପାଇଁ କାଠିକର ପାଠ ହୋଇ ପଡିଛି।

ତବେ ଆନ୍ଧ୍ରରେ ଦୁର୍ଘଟଣା ଗ୍ରସ୍ତ ହୋଇଥିବା ଘରୋଇ ବସ୍‌ଟି ଓଡିଶାର। ଏହାର ତେଲଙ୍ଗାନାର ନୁହେଁ। ବସ୍‌ଟି ଓଡିଶାର ରାୟଗଡା ଜିଲ୍ଲାରେ ପଞ୍ଜିକୃତ ହୋଇଥିଲା ବୋଲି ପରିବହନ ବିଭାଗ ପକ୍ଷରୁ ସ୍ପଷ୍ଟ କରାଯାଇଛି।

ଅଧିକାରୀଙ୍କ କହିବା କଥା ଯେ ବସ୍ ପାଇଁ ଜାରି ହୋଇଥିବା ଫିଟ୍‌ନେସ ଓ ଅନୁମତି ସଂକ୍ରାନ୍ତ ସମସ୍ତ କାଗଜପତ୍ର ଓଡିଶାର ରାୟଗଡାରୁ ଜାରି ହୋଇଛି। ଏପରି କି ଦୁର୍ଘଟଣାଗ୍ରସ୍ତ ବସ୍ ନାଁରେ ଏକାଧିକ ଇ-ଚାଲାଣ ତେଲଙ୍ଗାନାରେ କଟିଛି। ଦ୍ରୁତଗତିରେ ଗାଡି ଚଳାଇ, ରଙ୍ଗ ରୁଟରେ ଗାଡିକୁ ନେବା ଓ ବିପଦ ଜନକ ଡ୍ରାଇଭିଂ ପାଇଁ ବସ୍ ନାଁରେ ମୋଟ ୨୩ ହଜାର ଟଙ୍କାର ଚାଲାଣ ରହିଥିବା ଯାଞ୍ଚରୁ ଜଣାପଡିଛି। ପ୍ରଶାସନର କହିବା କଥା ଯେ ରାୟଗଡା ଆରଟିଓଙ୍କ ନିକଟରେ ବସ୍‌ର ପଞ୍ଜିକରଣ ୨୦୧୮ ମସିହା ଅଗଷ୍ଟ ୮ ତାରିଖରେ ହୋଇଥିଲା। ଏହାର ଫିଟନେସ ୨୦୨୭ ମାର୍ଚ୍ଚ ୩୧ ଯାଏ ବୈଧ ରହିଛି। ସେହିପରି ଟିକସ, ବୀମା ୨୦୨୬ ଯାଏ ବୈଧ ଥିବାବେଳେ ପ୍ରଦୂଷଣର ବୈଧତା ଅକ୍ଟୋବର ୩୧ରେ ଶେଷ ହେବାର ଥିଲା।ଗାଡିଟି ୭ ବର୍ଷ ୨ ମାସ ପୁରୁଣା ହୋଇଥିବା ବେଳେ ୨୦୩୦ ଯାଏ ଏହା ରାସ୍ତାରେ ଚାଲିବାକୁ ଅନୁମତି ପାଇଥିଲା। ବସ୍ ନାଁରେ ଏକାଧିକ ଥର ଇ-ଚାଲାଣ କଟିଥିଲେ ହେଁ ଏହାକୁ ପୈଠ କରାଯାଇ ନଥିବା ପ୍ରଶାସନ ପକ୍ଷରୁ କୁହାଯାଇଛି। ଶୁକ୍ରବାର ଭୋର ପ୍ରାୟ ୩.୩୦ରେ କୁରନୁଲ ଜିଲ୍ଲାର ଚିନ୍ନାଟେକୁର ନିକଟରେ ବସ୍‌ଟି ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଯାତ୍ରୀଙ୍କୁ ନେଇ ଏହା ହାଇଦ୍ରାବାଦରୁ ବେଙ୍ଗାଲୁରୁ ଯାଉଥିବା ବେଳେ ଗୋଟିଏ ବାଇକ ସହ ଧକ୍କା ହୋଇଥିଲା। ପ୍ରବଳ ବର୍ଷା ଯୋଗୁ ଏପରି ଦୁର୍ଘଟଣା ହୋଇଥିବା କୁହାଯାଉଛି। ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ ବସରେ ନିଆଁ ଲାଗି ଯାଇଥିଲା। ଚାହୁଁଚାହୁଁ ପୂରା ବସ୍‌କୁ ନିଆ ବ୍ୟାପିଯାଇଥିଲା ଓ ଏଥିରେ ୨୦ ଜଣ ପୋଡି ହୋଇ ପ୍ରାଣ ହରାଇଛନ୍ତି।



## ଗହମ ବର୍ଫି

ସମ୍ପ୍ରତି ଦେଶର ସ୍ଥିତି ଉଦ୍‌ବେଗ ଜନକ ରହିଛି । ଏପରି ସମୟରେ ଜିଦିଆ ହୋଇ ସରକାରୀ ଆଦେଶ ବିରୋଧରେ ବାହାରେ ନ ବୁଲି ଘରେ ରହିବା ଆବଶ୍ୟକ । ତେବେ ପୂରା ଦିନ ଘରେ ରହିବା ଅବଶ୍ୟ ବିରକ୍ତି କର । କିନ୍ତୁ ଏହି ସମୟକୁ ଯଦି ସୃଜନଶୀଳ କରାଯାଏ, ତେବେ ଏହା ଅତ୍ୟନ୍ତ ଆନନ୍ଦଦାୟୀ ହୋଇପାରିବ । ତେଣୁ ଏହି ସମୟର ସଦୁପଯୋଗ କରିବାକୁ କିଛି ନୂଆ ଓ ସ୍ୱାଦିଷ୍ଟ ଭୋଜନ ପ୍ରସ୍ତୁତି କରିବା କିଛି ଭୁଲ ହେବ ନାହିଁ । ତେଣୁ ଆମେ କହୁଛୁ ଅତି ସହଜରେ ଓ ଅଳ୍ପ ଖର୍ଚ୍ଚରେ କିପରି କରିବେ ଗହମ ବର୍ଫି ।

ଆବଶ୍ୟକ ସାମଗ୍ରୀ: ଗହମ ବଟା, ଚିନି, କ୍ଷୀର, ଗୁଜୁରାତି, କାଜୁ, ଗୁଆ ଘିଅ

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ କ୍ଷୀରକୁ ଭଲ ଭାବେ ଫୁଟାଇ ଦିଅନ୍ତୁ । ତା□ପରେ ଗହମ ବଟା ପକାଇ ଆଉଥରେ ଭଲକରି ଫୁଟାନ୍ତୁ । ଏହି ମିଶ୍ରଣ ଯେପରି ତଳେ ନ ଲାଗିବା ସେଥିପାଇଁ ବାରମ୍ବାର ଘାଣ୍ଟନ୍ତୁ । ପ୍ରାୟ ୨୦ ମିନିଟ ପର୍ଯ୍ୟନ୍ତ ଫୁଟିଗଲା ପରେ ସେଥିରେ ଚିନି, ଗୁଜୁରାତି ଓ କାଜୁ ପକାଇ ଗୋଳାନ୍ତୁ । ବର୍ତ୍ତମାନ ଏକ ଥାଳିରେ ଗୁଆଘିଅ ମାରି ରଖନ୍ତୁ । ଏବେ ଏଥିରେ କଡ଼େଇରେ ଫୁଟୁଥିବା ମିଶ୍ରଣକୁ ଢାଳିଦିଅନ୍ତୁ । ଥଣ୍ଡା ହୋଇଯିବା ପରେ ଏହାକୁ ପନ୍ଦର କୋଡିଏ ମିନିଟ୍ ଫ୍ରିଜରେ ରଖି ଦିଅନ୍ତୁ । ଏହା ପରେ ମନପସନ୍ଦର ଆକାରରେ କାଟି ପରଷି ଦିଅନ୍ତୁ



### ଖବର

## କ୍ୟୁଙ୍କି ସାସ୍ ଭି କଭି ବହୁ ଥି ୨ ରେ ଅଭିନୟ କରିବେ ବିଲ୍ ଗେଟ୍ସ



ମାଇକ୍ରୋସଫ୍ଟର ସହ- ପ୍ରତିଷ୍ଠାତା ଏବଂ ବିଶ୍ୱର ସବୁଠାରୁ ପ୍ରଭାବଶାଳୀ ଶିଳ୍ପପତିଙ୍କ ମଧ୍ୟରୁ ଜଣେ ହେଉଛନ୍ତି ବିଲ୍ ଗେଟ୍ସ । କିଛିଦିନ ହେବ ବିଲ୍ ଗେଟ୍ସ ଛୋଟପରଦାରେ ନଜର ଆସିବା ଖବର ସାମ୍ନାକୁ ଆସିବା ପରେ ଦର୍ଶକଙ୍କ ମଧ୍ୟରେ ଉତ୍ସାହ ଭରି ଯାଇଛି ।ସ୍ମୃତି ଇରାନୀଙ୍କ ସୋ' କ୍ୟୁଙ୍କି ସାସ୍ ଭି କଭି ବହୁ ଥି ୨ ରେ ଏକ ଛୋଟ ଭୂମିକାରେ ବିଲ୍ ଗେଟ୍ସ ଅଭିନୟ କରିବାକୁ ଯାଉଛନ୍ତି । ସୋ'ର ତିନିଟି ଅଧ୍ୟାୟରେ ବିଲ୍ ଗେଟ୍ସଙ୍କ ଅଭିନୟ ଦେଖିବାକୁ ମିଳିବ । କ୍ୟୁଙ୍କି ସାସ୍ ଭି କଭି ବହୁ ଥି ୨ କାହାଣୀରେ ଏମିତି ଏକ ମୋଡ଼ ଆସିବ ଯେଉଁଥିରେ ସ୍ମୃତି ଇରାନୀ ଏବଂ ବିଲ୍ ଗେଟ୍ସ ଏକ ଭିଡିଓ କଲ୍ ମାଧ୍ୟମରେ କଥାବାର୍ତ୍ତା ହେଉଥିବାର ଦେଖିବାକୁ ମିଳିବ । ଏହି ଆଲୋଚନା କେବଳ ଏକ ସାଧାରଣ ଗ୍ୱେଟ୍ ହେବ ନାହିଁ ବରଂ ଏକ ଗମ୍ଭୀର ସାମାଜିକ ବାର୍ତ୍ତା ବହନ କରିବ ।ସୂତ୍ର ଅନୁଯାୟୀ, ବିଲ୍ ଆଣ୍ଡ୍ ମେଲିଣ୍ଡା ଗେଟ୍ସ ଫାଉଣ୍ଡେସନ୍ ଦୀର୍ଘ ଦିନ ଧରି ଶିଶୁ ମୃତ୍ୟୁହାର ହ୍ରାସ କରିବା ଏବଂ ଶିଶୁ ସ୍ୱାସ୍ଥ୍ୟର ଉନ୍ନତି ପାଇଁ କାମ କରିଆସୁଛି । ସୋ' ସହିତ ଜଡ଼ିତ ସୂତ୍ରରୁ ପ୍ରକାଶ, ସେମାନେ ଗର୍ଭବତୀ ମହିଳା ଏବଂ ନବଜାତ ଶିଶୁଙ୍କ ସ୍ୱାସ୍ଥ୍ୟ ଉପରେ ଧ୍ୟାନ ଦେଇ ଏକ ଟ୍ରାକ୍ ସୁଟିଂ କରିଛନ୍ତ । ଏହି ଏପିସୋଡ୍ ବିଲ୍ ଆଣ୍ଡ୍ ମେଲିଣ୍ଡା ଗେଟ୍ସ ଫାଉଣ୍ଡେସନ୍ ସହିତ ମିଳିତ ଭାବରେ ସୃଷ୍ଟି କରାଯାଇଛି, ଯାହା ବାସ୍ତବ ଦୁନିଆରେ ମଧ୍ୟ ଏହି ଦିଗରେ କାର୍ଯ୍ୟ କରେ ।ସ୍ମୃତି ଇରାନୀ ନିଜେ ମଧ୍ୟ ଚାହୁଁଥିଲେ ଯେ, ଏହି ଧାରାବାହିକଟି ସାମାଜିକ ସମସ୍ୟାଗୁଡ଼ିକୁ ସମ୍ବୋଧିତ କରୁ, ଯାହା ଦ୍ୱାରା ଦର୍ଶକମାନେ ଏଥିରୁ କିଛି ଶିକ୍ଷା ଲାଭ କରିପାରିବେ । କ୍ୟୁଙ୍କି ସାସ ଭି କଭି ବହୁ ଥି ସର୍ବଦା ମହିଳାଙ୍କ ବ୍ୟକ୍ତିଗତ ଏବଂ ପାରିବାରିକ ସମସ୍ୟାକୁ ଚିତ୍ରଣ କରିଆସିଛି ।

## ପାଦ ଚିହ୍ନ

ଭଗବାନ ଅତ୍ୟନ୍ତ ମନଯୋଗ ସହକାରେ ସୃଷ୍ଟି ନିର୍ମାଣ କଲେ । ସେ ମାନବକୁ ଏହି ମନୋହର ଦୁନିଆ ଦେଖାଇ ସେଠାରେ ଯାଇ ରହିବାକୁ କହିଲେ । ଭାଗବାନଙ୍କ ନିକଟରେ ଛିଡ଼ା ହୋଇଥିବା ମଣିଷ ଆଖି ପୂରାଇ ଦୁନିଆକୁ ଦେଖିଲା, କିନ୍ତୁ ତା ମନରେ ଏକ ଆଶଙ୍କା ଉତ୍ପନ୍ନ ହେଲା । ତେଣୁ ସେ ସହମତ ହେବା ପୂର୍ବରୁ ସ୍ଥିତି ସ୍ପଷ୍ଟ କରିନେବାକୁ ଚାହିଁଲା ।

ସେ ଭଗବାନଙ୍କୁ ପଚାରିଲା- ସେଠାକୁ କ ଣ ମୋତେ ଏକୁଟିଆ ଯିବାକୁ ପଡ଼ିବ ? ଭଗବାନ କହିଲେ, ନା ତୁମ ସହିତ ଏକ ସମାଜ ଥିବ । ମଣିଷ କହିଲା, ମୁଁ ସେକଥା କହୁନାହିଁ । ଆପଣ ଥିବେ ନା ନାହିଁ ?

ଭଗବାନ କହିଲେ, ମୁଁ ଏଇଠି ଅଛି । ମୁଁ କାହିଁକି ଯିବି ? ମଣିଷ କହିଲା, ନା ନା ! ଆପଣଙ୍କୁ ଯିବାକୁ ହେବ । ନହେଲେ ମୁଁ ସେଠାକୁ ଯିବି ନାହିଁ, ଯେତେ ସୁନ୍ଦର ଦୁନିଆ ହେଉ ପଛେ । ଭଗବାନ କହିଲେ, ଠିକ ଅଛି ତା ହେଲେ ମୋର ଗୋଟିଏ ସର୍ତ୍ତ ଅଛି । ମୁଁ ତୁମ ସହିତ ରହିବି, କିନ୍ତୁ ଦେଖାଦେବି ନାହିଁ । ମଣିଷ ପଚାରିଲା- ତା ହେଲେ ମୁଁ ଜାଣିବି କେମିତି ତୁମେ ଅଛ ବୋଲି ? ତୁମେ ମଝିରେ ମଝିରେ ପଛକୁ ବୁଲି ଚାହିଁବ । ତୁମକୁ ମୋର ପାଦ ଚିହ୍ନ ଦେଖାଯିବ । ତୁମେ ଚାରିଟି ପାଦ ଚିହ୍ନ ଦେଖିପାରିବ । ଦୁଇଟି ତୁମର ଏବଂ ଦୁଇଟି ମୋର । ଭଗବାନଙ୍କ ଏହି କଥା ଶୁଣି ଲୋକଟି ଆଶ୍ୱସ୍ତ ହେଲା । ସେ ଦୁନିଆରେ ରହିବାକୁ ଆସିଲା । ସବୁବେଳେ ଦୁନିଆର କାର୍ଯ୍ୟରେ ସେ ଏତେ ବ୍ୟସ୍ତ ହୋଇଗଲା ଯେ ପାଦ ଚିହ୍ନ ଦେଖିବା ଲାଗି ଫୁରସତ ପାଇଲା ନାହିଁ । ଦୁନିଆର ସୁଖ ଗୋଟାଇବାର ନିଶା ମଧ୍ୟ ତା କୁ ଜଞ୍ଜାଳ ଭିତରେ ପକାଇ ଦେଲା । ହେଲେ ଏହା ଭିତରେ ସେ ବିପତ୍ତିରେ ପଡ଼ିଗଲା । ଭଗବାନଙ୍କ କଥା ମନେପଡ଼ିବାରୁ ସେ ପଛକୁ ବୁଲିଚାହିଁଲା, ସେ ଦେଖିଲା ଯେ କେବଳ ଦୁଇଟି ପାଦ ଚିହ୍ନ ଅଛି । ହେ ଭଗବାନ ! ଆପଣ କେଉଁଠି ଅଛନ୍ତି ? ମୋତେ କାହିଁକି ଛାଡ଼ିଦେଲେ ? ଏହା କହି ସେ ମୂର୍ଚ୍ଛିତ ହୋଇଗଲା । ହୋସ ଆସିବାରୁ ସେ ଭଗବାନଙ୍କୁ ଅନୁଭବ କରିପାରିଲା । ସେ ଭଗବାନଙ୍କୁ ପଚାରିଲା, ଆପଣ କୁଆଡ଼େ ଚାଲିଯାଇଥିଲେ ? ଦେଖନ୍ତୁ ! ମୋତେ କିଛି କୁହନ୍ତୁ ନାହିଁ । ମୁଁ ବେହୋସ ହେବା ପୂର୍ବରୁ ଆପଣଙ୍କୁ ଦେଖିପାରିନଥିଲି । ପଛକୁ ବୁଲି ଦେଖିବାରୁ କେବଳ ଦୁଇଟି ପାଦ ଚିହ୍ନ ହିଁ ଦେଖିପାରିଲି । ଭଗବାନ କହିଲେ, ହଁ ! ତୁମେ ନିଶ୍ଚିତ ଭାବେ ଦୁଇଟି ପାଦ ଚିହ୍ନ ଦେଖିଥିବ । କାରଣ ତୁମେ ସେତେବେଳେ ମୋ କୋଳରେ ଥିଲ । ତୁମେ ପଡ଼ିଯିବା ପୂର୍ବରୁ ମୁଁ ତୁମକୁ ଉଠାଇ ନେଇଥିଲି ।

## ଅବିନାଶୀ ଆତ୍ମା

ଅନ୍ତବନ୍ତ ଇମେ ଦେହା ନିତ୍ୟସ୍ୟୋକାଃ ଶରୀରିଣଃ । ଅନାଶିନୋ ଅପ୍ରମେୟସ୍ୟ ତସ୍ମାଦ୍ୟୁଧ୍ୟସ୍ୱ ଭାରତ । ଶ୍ରୀମଦ୍ ଭଗବତ ଗୀତାରେ ଭଗବାନ ଶ୍ରୀକୃଷ୍ଣ କହୁଛନ୍ତି, ଅବିନାଶୀ ଅର୍ଥାତ୍ ଯାହାର ବିନାଶ କରାଯାଇପାରିବ ନାହିଁ, ଅପ୍ରମେୟ ଅର୍ଥାତ ଯାହାର ପ୍ରମାଣ କରିବା ସମ୍ଭବ ନୁହେଁ, ସେହି ନିତ୍ୟସ୍ୱରୂପ ଆତ୍ମା ବାସ କରୁଥିବା ପ୍ରତ୍ୟେକ ଶରୀର ନାଶବାନ ଅଟେ । ସେଥିପାଇଁ ହେ ଭରତବଂଶୀ ଅର୍ଜୁନ, ତୁମେ ଯୁଦ୍ଧ କର । ଆତ୍ମା ହିଁ ଅମୃତ ଅଟେ । ଆତ୍ମା ହିଁ ଅବିନାଶୀ ଅଟେ । ତିନି ଲୋକରେ ଆତ୍ମାକୁ କେବେହେଲେ ନାଶ କରାଯାଇପାରିବ ନାହିଁ । ତେଣୁ ଆତ୍ମା ହିଁ ସତ୍ ଅଟେ । କିନ୍ତୁ ଶରୀର ନାଶବାନ, ଏହା ହେଉଛି ଅସତ୍ୟ, ଯାହାର ତିନି ଲୋକରେ କେଉଁଠି



ହେଲେ ଅସ୍ତିତ୍ୱ ନାହିଁ । ତେଣୁ ତୁମେ ଯୁଦ୍ଧ ହିଁ କର । ଭଗବାନ ଏ ଯେଉଁ ଆଦେଶ ଅର୍ଜୁନଙ୍କୁ ଦେଇଛନ୍ତି, ତା ର ଅର୍ଥ ନୁହେଁ ଯେ ସେ କେବଳ କୌରବମାନଙ୍କୁ ବଧ କରିବା ଲାଗି ପାଣ୍ଡୁପୁତ୍ରଙ୍କୁ କହୁଛନ୍ତି । ପାଣ୍ଡବ ପକ୍ଷରେ ମଧ୍ୟ ଶରୀର ଅଛନ୍ତି । ପାଣ୍ଡବଙ୍କ ଶରୀର କ ଣ ଅବିନାଶୀ ? ଯଦି ଶରୀର ଅବିନାଶୀ, ତା ହେଲେ ଶ୍ରୀକୃଷ୍ଣ କାହାର ସୁରକ୍ଷା ପାଇଁ ଛିଡ଼ା ହୋଇଥିଲେ ? ଅର୍ଜୁନ କ ଣ ଅନ୍ୟ କୌଣସି ଶରୀରଧାରୀ ଥିଲେ ? ଶରୀର ଯାହା ଅସତ୍, ଯାହାର ଅସ୍ତିତ୍ୱ ନାହିଁ, ଯାହାକୁ ସୁରକ୍ଷା କରି ରଖିବା ସମ୍ଭବ ନୁହେଁ, ଶ୍ରୀକୃଷ୍ଣ କ ଣ ସେହି ଶରୀରର ସୁରକ୍ଷା ପାଇଁ ସେଠାରେ ଉପସ୍ଥିତ ଥିଲେ ? ତା ହେଲେ ଶ୍ରୀକୃଷ୍ଣଙ୍କର କ ଣ ଜ୍ଞାନ ନଥିଲା ? ଏହି ପ୍ରଶ୍ନର ଉତ୍ତର ଶ୍ରୀକୃଷ୍ଣ ନିଜେ ହିଁ କହିଛନ୍ତି । ସେ କହିଛନ୍ତି, ଯିଏ କେବଳ ଶରୀର ପାଇଁ ପରିଶ୍ରମ କରିଥାଏ, ସେ ଅବିବେକୀ ଏବଂ ମୂଢ଼ ବୁଦ୍ଧି ଅଟେ । ତେଣୁ ଅର୍ଜୁନ କ ଣ ଥିଲେ ? ବସ୍ତୁତଃ ଅନୁରାଗ ହିଁ ଅର୍ଜୁନ ଅଟେ । ଅନୁରାଗୀ ବ୍ୟକ୍ତି ପାଇଁ ଇଷ୍ଟଦେବ ସର୍ବଦା ରଥୀ ହୋଇ ଛିଡ଼ା ହୋଇ ରହିଥା ନ୍ତି । ମନୁଷ୍ୟ ଖାଲି ଶରୀର ନୁହେଁ, ଶରୀର ତ ବାହ୍ୟ ଆବରଣ । ଏହି ଶରୀର ଦିନେ ଚାଲିଯିବ, ଆତ୍ମା ଆଉ ଏକ ଶରୀର ଧାରଣ କରିବ । ଏହି ସମ୍ପର୍କରେ ଶ୍ରୀକୃଷ୍ଣ ଗୀତାରେ କହିସାରିଛନ୍ତି- ଯେପରି ବାଲ୍ୟକାଳରୁ ଯୁବାବସ୍ଥା ଏବଂ ପରେ ବୃଦ୍ଧାବସ୍ଥା ଆସିଥାଏ, ସେହିପରି ଦେହାନ୍ତର(ମୃତ୍ୟୁ)ର ପ୍ରାପ୍ତି ମଧ୍ୟ ହୋଇଥାଏ । ଏ ଶରୀର ଚାଲିଗଲେ, ଜୀବାତ୍ମା ନୂଆ ବସ୍ତ୍ର ଧାରଣ କରିବ ।

## ଚିନ୍ତାମଣି ବିନାୟକ



ରାଜା ଅଭିଷେକ ଏବଂ ତାଙ୍କ ରାଣୀ ଗୁଣବତୀଙ୍କର କେହି ସନ୍ତାନ ନଥିଲେ । ଏହି କାରଣରୁ ରାଜା ଓ ରାଣୀ ଦୁଃଖରେ ଥିଲେ । ଥରେ ସେମାନେ ଜଣେ ଋଷିଙ୍କୁ ଦେଖା କରି ନିଜର ସମସ୍ୟା ଜଣାଇଲେ । ଋଷିଙ୍କ ନିର୍ଦ୍ଦେଶ ମୁତାବକ ପୂଜା କରିବାରୁ ରାଜା ଓ ରାଣୀଙ୍କର ଏକ ସୁନ୍ଦର ପୁତ୍ର ଜାତ ହେଲା । ପୁତ୍ରର ନାଁ ରଖାଗଲା ଗଣ । ଗଣ ବଡ଼ ହୋଇ ଭଗବାନ ଶିବଙ୍କୁ ତପସ୍ୟା କଲା । ମହାଦେବ ତାର ତପସ୍ୟାରେ ସନ୍ତୁଷ୍ଟ ହୋଇ ତାକୁ ବରଦାନ ଦେଲେ । ମହାଦେବଙ୍କ ଠାରୁ ଶକ୍ତିଶାଳୀ ହେବାର ବରଦାନ ପାଇଁ ଗଣ ଅତ୍ୟାଚାରୀ ହୋଇଉଠିଲା । ଦିନେ ଗଣ ନିଜ ସୈନ୍ୟଙ୍କ ସହ ଶିକାରରେ ବାହାରିଲା । ବହୁ ସମୟ ଧରି ବୁଲିବା ପରେ ମଧ୍ୟ ତା□ ଭାଗ୍ୟରେ ଶିକାରଟିଏ ଜୁଟିଲା ନାହିଁ । ଗଣ ଓ ତାର ସୈନ୍ୟମାନେ ଜଙ୍ଗଲରେ ବୁଲୁ ବୁଲୁ କପିଳ ମୁନିଙ୍କ ଆଶ୍ରମରେ ପହଞ୍ଚିଲେ । ମୁନି ସେମାନଙ୍କୁ ଖାଇବା ପାଇଁ ଆମନ୍ତ୍ରଣ କଲେ । ମୁନିଙ୍କ ନିକଟରେ ଇନ୍ଦ୍ରଙ୍କ ଦ୍ୱାରା ପ୍ରଦତ୍ତ ଚିନ୍ତାମଣି ଥିଲା । ସେହି ଚିନ୍ତାମଣିକୁ ମୁନି ଖାଦ୍ୟ ମାଗି ରାଜକୁମାର ଗଣ ଓ ତାର ସୈନ୍ୟମାନଙ୍କୁ ପରଷି ଦେଲେ । ସ୍ୱାର୍ଥପର ଗଣ ମୁନିଙ୍କୁ ସେହି ମଣି ମାଗିଲା । କପିଳ ମୁନି ତାକୁ ଚିନ୍ତାମଣି ଦେବାକୁ ମନା କରିଦେଲେ । ମାତ୍ର ଗଣ ବଳପୂର୍ବକ ମୁନିଙ୍କ ଠାରୁ ମଣିଟିକୁ ଛଡ଼ାଇ ନେଲା । ନିରାଶ ହୋଇ ମୁନି କପିଳ ଭଗବାନ ଗଣେଶଙ୍କୁ ଡାକିଲେ । ଗଣେଶ ପ୍ରକଟ ହୋଇ କପିଳ ମୁନିଙ୍କୁ ଚିନ୍ତାମଣି ଫେରାଇ ଆଣିବା ଲାଗି ପ୍ରତିଶ୍ରୁତି ଦେଲେ । ଏହାପରେ ଗଣକୁ ସ୍ୱପ୍ନାଦେଶ ହେଲା । ଚିନ୍ତାମଣି ଫେରାଇ ଦେବାକୁ ଗଣେଶ ତାକୁ ସ୍ୱପ୍ନରେ କହିଲେ । ମାତ୍ର ସ୍ୱପ୍ନାଦେଶକୁ ଖାତିର କଲା ନାହିଁ ଗଣ । ସେ ଗଣେଶଙ୍କ ସହ ଯୁଦ୍ଧ କରିବାକୁ ବାହରିଲା । ଘମାଘୋଟ ଯୁଦ୍ଧ ହେଲା । ଶେଷରେ ଗଣେଶଙ୍କ ହାତରେ ଗଣର ପ୍ରାଣଗଲା । ସେଥିପାଇଁ ଗଣେଶଙ୍କୁ ଗଣନାୟକ କୁହାଯାଇଥାଏ । ଗଣେଶ ଚିନ୍ତାମଣି ଆଣି କପିଳମୁନିଙ୍କୁ ଦେଲେ । ମାତ୍ର ମୁନି କହିଲେ, ଏହି ମଣି ସର୍ବଦା ମୋ ପାଇଁ ଚିନ୍ତାର କାରଣ ପାଲଟିଛି । ଏଣୁ ଆପଣ ଏହାକୁ ନିଜ ପାଖରେ ରଖନ୍ତୁ । ଗଣେଶ ଚିନ୍ତାମଣି ନିଜ ପାଖରେ ରଖିଲେ । ଏହି ଘଟଣା ପରେ କପିଳ ମୁନି ଗଣେଶଙ୍କ ଏକ ମନ୍ଦିର ପ୍ରତିଷ୍ଠା କଲେ । ସେହି ମନ୍ଦିର ଚିନ୍ତାମଣି ବିନାୟକ ମନ୍ଦିର ଭାବେ ପ୍ରସିଦ୍ଧ ହେଲା । ଯାହା ଏବେ ମହାରାଷ୍ଟ୍ରର ପୁନେ ସହର ନିକଟରେ ଥିବା ଅଷ୍ଟ ବିନାୟକ ମନ୍ଦିର ମଧ୍ୟରୁ ଅନ୍ୟତମ ।

## ଭଗବାନଙ୍କ ସୃଷ୍ଟି ରଚନାରୁ ଶିକ୍ଷା

ବ୍ରହ୍ମା ସୃଷ୍ଟି ରଚନା କରିଥିଲେ ବୋଲି ପୁରାଣରେ ବର୍ଣ୍ଣିତ । ସଂସାର ନିର୍ମାଣ କରିବାର ଆବଶ୍ୟକତା ପଡ଼ିବାରୁ ବ୍ରହ୍ମାଙ୍କୁ ଏହି ଦାୟିତ୍ୱ ଦେଲେ ପରମେଶ୍ୱର । ସେତେବେଳେ ପୃଥିବୀ ଜଳମଗ୍ନ ଥିଲା ।



ଭଗବାନଙ୍କ ସହାୟତାରେ ତାହାର ଉଦ୍ଧାର ହେବାର ଥିଲା । ବ୍ରହ୍ମା ଭଗବାନ ବିଷ୍ଣୁଙ୍କୁ ପ୍ରାର୍ଥନା କରି କହିଲେ ଯେ ଆପଣ ପୃଥିବୀକୁ ଜଳରୁ ଉଦ୍ଧାର କରନ୍ତୁ । ଏହାପରେ ବିଷ୍ଣୁ ପୃଥିବୀକୁ ଜଳରୁ ବାହାର କଲେ । ଏହାପରେ ବ୍ରହ୍ମା ନିଜ ଶରୀରରୁ ଏକ ଦମ୍ପତିଙ୍କୁ ପ୍ରକଟ କଲେ । ସେ ଥିଲେ ମନୁ ଏବଂ ତାଙ୍କ ପତ୍ନୀ ଶତରୂପା । ସନାତନ ଧର୍ମରେ ମାନ୍ୟତା ରହିଛି ଯେ ସଂକଳ୍ପ ସବୁଠୁ ଶ୍ରେଷ୍ଠ ସମ୍ପତି ହେବା ଜରୁରୀ । କେବଳ ସମ୍ପତ୍ତି ଥିଲେ ଚଳିବ ନାହିଁ । ସନ୍ତାନ ଏପରି ହେବା ଉଚିତ, ଯିଏ ଗୌରବ ବୃଦ୍ଧି, ଯାହାଙ୍କ ଜ୍ଞାନ-ବିଜ୍ଞାନର ବିସ୍ତାର ହେବ । କେବଳ କାମବାସନରେ ଉଦବେଳିତ ହୋଇ ସନ୍ତାନଙ୍କୁ ଜନ୍ମ ଦେବା ଅନୁଚିତ । ସଂଯମ, ନିୟମ ଏବଂ ମନକୁ ଶୁଦ୍ଧ କରି ହିଁ ସନ୍ତାନ ଉତ୍ପନ୍ନ କରିବା ଉଚିତ, ତାହେଲେ ଯାଇ ଉତ୍ତମ ସନ୍ତାନ ହୋଇଥାନ୍ତି । ଏବେ ଲୋକମାନେ କେବଳ ଭୋଗ ପାଇଁ ବଞ୍ଚୁଛନ୍ତି, ବୋଧହୁଏ । ଭୋଗରେ ଟିକିଏ ଯେମିତି ଅଭାବ ନରହୁ, ସେଥିପାଇଁ ପ୍ରୟାସ କରୁଛନ୍ତି । ସଂସାରରେ ଆଜି ଆପଣମାନେ ଯାହା ଦେଖୁଛନ୍ତି, ସେସବୁ ଈଶ୍ୱରଙ୍କର । ମନୁ ଜଙ୍ଗଲରେ ବୁଲି ବୁଲି ସଂଯମ ଏବଂ ନିୟମ ବ୍ରତ କରିଥିଲେ । ଭଗବାନଙ୍କ ଦୟାରୁ ସେ ମାଗିଥିଲେ ଯିଏ ପରମ ଭଗବାନ ଅଟନ୍ତି, ଯାହାଙ୍କ କାରଣରୁ ସୂର୍ଯ୍ୟ ଏବଂ ଚନ୍ଦ୍ର ଆତଯାତ ହେଉଛନ୍ତି, ଯିଏ ଉଦୟ ଏବଂ ଅସ୍ତ ଯାଉଛନ୍ତି, ଯାହାଙ୍କ ପ୍ରଭାବରୁ ବାୟୁ ନିୟନ୍ତ୍ରିତ ହେଉଛି, ଯାହାଙ୍କ କାରଣରୁ ସମୁଦ୍ର ମର୍ଯ୍ୟାଦା ଉଲ୍ଲଙ୍ଘନ କରୁନାହିଁ, ଯାହାଙ୍କ ଦ୍ୱାରା ସେ ନିୟନ୍ତ୍ରିତ ହୋଇ ରହୁଛି । ଶାସ୍ତ୍ରରେ ଯାହାଙ୍କୁ ସର୍ବତ୍ର ବ୍ୟାପକ ବୋଲି କୁହାଯାଇଛି, ସେହି ନିର୍ମାଣ କରନ୍ତି, ପାଳନ କରୁଛନ୍ତି, ସଂହାର କରୁଛନ୍ତି, କର୍ମ ଫଳ ମଧ୍ୟ ସେ ହିଁ ପ୍ରଦାନ କରୁଛନ୍ତି । ମନରେ ଆସିବା ଦରକାର ଯେ ଆମେ ଭଗବାନଙ୍କୁ ଦେଖିବା । ଆମ ଦୃଷ୍ଟି ଯେତେବେଳେ ବ୍ୟାପକ ହେବ । ସମ୍ପୂର୍ଣ୍ଣ ସଂଯମ-ନିୟମରେ ସଜ୍ଜିତ ହେବ, ସେତେବେଳେ ଆମେ ତାକୁ ଦେଖିବାର ଯୋଗ୍ୟତା ହାସଲ କରିପାରିପାରିବା । ମହାପୁରୁଷମାନେ କହିଛନ୍ତି ଯେ ଭଗବାନ ଯେତେବେଳେ ପ୍ରସନ୍ନ ହୋଇଥାନ୍ତି, ସେତେବେଳେ ମାଗିବା ଉଚିତ୍ । ଶ୍ରେଷ୍ଠତମ ଜୀବନ ବଞ୍ଚୁଥିବା ଲୋକମାନଙ୍କୁ ହିଁ ସୁଯୋଗ ମିଳିଥାଏ । ଭଗବାନ କେବଳ ସେମାନଙ୍କ ଭକ୍ତି ଚାହିଁଥାନ୍ତି ।

# ପିଆଇବି ପକ୍ଷରୁ 'ତମାଖୁ ମୁକ୍ତ ଯୁବସମାଜ ଅଭିଯାନ' କର୍ମଶାଳା

କଟକ, ୨୪।୧୦(ମହାଭାରତ): ଭାରତୀୟ ଯୁବସମାଜ ତମାଖୁ ନିଶାରେ ପଡି ଶାରୀରିକ ଏବଂ ମାନସିକ କ୍ଷତିର ଶିକାର ହେଉଛନ୍ତି। ବିଶେଷ କରି କିଶୋରାବସ୍ଥାରେ ତମାଖୁ ନିଶା ବିଭିନ୍ନ ପ୍ରକାର ଗୁରୁତର ବ୍ୟାଧି ସୃଷ୍ଟି କରୁଛି । ଦେଶର ଯୁବପିଢ଼ିଙ୍କୁ ତମାଖୁ ନିଶା କବଳରୁ ରକ୍ଷା କରିବା ଲାଗି ବ୍ୟାପକ ସଚେତନତା ସହିତ ତମାଖୁ ସଂକ୍ରାନ୍ତ ଆଇନର କଡାକଡି ଅନୁପାଳନର ଆବଶ୍ୟକତା ରହିଛି ବୋଲି ଆଜି କଟକଠାରେ ଆୟୋଜିତ ଗଣମାଧ୍ୟମ କର୍ମଶାଳା 'ବାର୍ତ୍ତା' ରେ ବିଶିଷ୍ଟ ଅତିଥିମାନେ ମତପ୍ରକାଶ କରିଛନ୍ତି। 'ତମାଖୁ ମୁକ୍ତ ଯୁବସମାଜ ଅଭିଯାନ'ର ତୃତୀୟ ପର୍ଯ୍ୟାୟ ଅଧୀନରେ ଏହି କର୍ମଶାଳା ଅନୁଷ୍ଠିତ ହୋଇଛି।

ଭାରତ ସରକାରଙ୍କ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅଧୀନ ପତ୍ର ସୂଚନା କାର୍ଯ୍ୟାଳୟ (ପିଆଇବି) ପକ୍ଷରୁ ଆଜି କଟକଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପିଆଇବି/ସିବିସିର ଅତିରିକ୍ତ ମହାନିର୍ଦ୍ଦେଶକ ତଥା ଅତିରିକ୍ତ ପ୍ରେସ ରେଜିଷ୍ଟ୍ରାର (ଓଡିଶା ଏବଂ ଝାଡଖଣ୍ଡ କ୍ଷେତ୍ର) ଶ୍ରୀ ଅଖିଳ କୁମାର ମିଶ୍ର ଉଦବୋଧନ ଦେଇ ତମାଖୁ ମୁକ୍ତ ସମାଜ ଗଠନ ପାଇଁ ବ୍ୟାପକ ଜନସଚେତନତା ଉପରେ ଗୁରୁତ୍ୱାରୋପ କରିଥିଲେ। ସେ କହିଥିଲେ, ତମାଖୁ ସେବନର ଅପକାରିତା ସମ୍ପର୍କରେ ଜନ ସଚେତନତା ସୃଷ୍ଟି କ୍ଷେତ୍ରରେ ଗଣମାଧ୍ୟମ, ବିଶେଷ କରି ସାମାଜିକ ଗଣମାଧ୍ୟମର ବେଶ୍ ଗୁରୁତ୍ୱ ରହିଛି । ଗ୍ରାମୀଣ ଏବଂ ତୃଣମୂଳସ୍ତରରେ ସାମାଜିକ ସଚେତନତାର ମଧ୍ୟ ଆବଶ୍ୟକତା ରହିଛି ବୋଲି ସେ କହିଥିଲେ।

କଟକ ଅତିରିକ୍ତ ଜିଲ୍ଲାପାଳ ଶିବ ଟପ୍ପ କାର୍ଯ୍ୟକ୍ରମକୁ ସମ୍ବୋଧିତ କରି କହିଥିଲେ, ସାମ୍ପ୍ରତିକ




ସମାଜରେ ଅଧିକ ସଂଖ୍ୟାରେ ଯୁବବର୍ଗ ନିଶା କବଳରେ ପଡୁଛନ୍ତି । ନିଶା ନିବାରଣ ଏବଂ ଏହାର କୁପ୍ରଭାବକୁ ରୋକିବା ଲାଗି ସରକାର ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି । ଏଥିପାଇଁ କଠୋର ଆଇନ ପ୍ରଣୟନ ଏବଂ ପ୍ରବର୍ତ୍ତନ କରାଯାଉଛି। ତେବେ ତମାଖୁ ଏବଂ ଅନ୍ୟ ନିଶାଦ୍ରବ୍ୟ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଏବଂ ସରକାରଙ୍କ ପଦକ୍ଷେପକୁ ବ୍ୟାପକ ମାତ୍ରାରେ ପ୍ରଚାରପ୍ରସାର କରିବାରେ ଗଣମାଧ୍ୟମର ପ୍ରମୁଖ ଭୂମିକା ରହିଛି ବୋଲି ସେ ମତବ୍ୟକ୍ତ କରିଥିଲେ ।କଟକସ୍ଥିତ ଆଚାର୍ଯ୍ୟ ହରିହର ସ୍ନାତକୋତ୍ତର କର୍କଟ ଚିକିତ୍ସା ପ୍ରତିଷ୍ଠାନର ପ୍ରାଧ୍ୟାପକ ଡାକ୍ତର ସୁରେନ୍ଦ୍ର ନାଥ ସେନାପତି ତାଙ୍କ ଅଭିଭାଷଣରେ ତମାଖୁ ନିଶାର କୁପ୍ରଭାବ ସମ୍ପର୍କରେ ତଥ୍ୟାତ୍ମକ ଅବତାରଣା କରିଥିଲେ। ସେ କହିଥିଲେ, ଭାରତରେ ପ୍ରତ୍ୟେକ ବର୍ଷ ପ୍ରାୟ ୧୪ ଲକ୍ଷ ୬୧ ହଜାର ଲୋକ କର୍କଟ ରୋଗରେ ଆକ୍ରାନ୍ତ ହେଉଛନ୍ତି। ଏମାନଙ୍କ ମଧ୍ୟରୁ ପ୍ରାୟ ୨୦% ତମାଖୁ ଜନିତ କର୍କଟ ରୋଗରେ ପୀଡିତ ହୋଇଥା'ନ୍ତି। ସେହିପରି ଓଡ଼ିଶାରେ ବାର୍ଷିକ ପ୍ରାୟ ୫୨,୯୬୦ କର୍କଟ ରୋଗୀଙ୍କ ମଧ୍ୟରୁ ୩୦ ପ୍ରତିଶତ ତମାଖୁ ଜନିତ କର୍କଟ ଆକ୍ରାନ୍ତ ଥିବା ଅଧ୍ୟୟନରୁ ଜଣାପଡିଛି। ୧୦ ପ୍ରତିଶତ ରୋଗୀ କିଶୋରାବସ୍ଥାରେ ତମାଖୁ କବଳରେ ପଡି ରୋଗାକ୍ରାନ୍ତ ହେବା ଅତ୍ୟନ୍ତ ଚିନ୍ତାର ବିଷୟ ବୋଲି ପ୍ରଫେସର ସେନାପତି କହିଥିଲେ। ସେ ଆହୁରି କହିଥିଲେ, ତମାଖୁ ସେବନ କାରଣରୁ ବିଶ୍ୱରେ ପ୍ରତି ୨୬ ସେକେଣ୍ଡରେ ଜଣେ ବ୍ୟକ୍ତି ମୃତ୍ୟୁମୁଖରେ ପଡୁଛନ୍ତି। ତମାଖୁ ଏକ ନିରବ ଘାତକ। ଏଥିରେ ଲକ୍ଷ ଲକ୍ଷ ଲୋକ ରୋଗାକ୍ରାନ୍ତ ହେବା ସହିତ ମୃତ୍ୟୁବରଣ କରୁଛନ୍ତି। ତମାଖୁ ଓ ଅନ୍ୟାନ୍ୟ ନିଶା ନିବାରଣ ପାଇଁ କାର୍ଯ୍ୟକାରୀ ହେଉଥିବା ଆଇନର ପ୍ରଭାବୀ କାର୍ଯ୍ୟକାରିତା ସହିତ ଜିଲ୍ଲା ଓ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ନିଶାମୁକ୍ତି କେନ୍ଦ୍ର ଖୋଲିବା ଆବଶ୍ୟକ ବୋଲି ସେ ପରାମର୍ଶ ଦେଇଥିଲେ। କଟକ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ପ୍ରଶାନ୍ତ କୁମାର ହୋତା କହିଥିଲେ, ତମାଖୁ ମୁକ୍ତ ଭାରତ ଗଠନ ଦ୍ୱାରା ବିକଶିତ ଭାରତର ସ୍ୱପ୍ନ ସାକାର ହୋଇପାରିବ। ସେ କହିଥିଲେ, ବର୍ତ୍ତମାନ ୧୦ରୁ ୧୫ ବର୍ଷ ବୟସର ପିଲା, ବିଶେଷ କରି ବିଦ୍ୟାଳୟର ଛାତ୍ରଛାତ୍ରୀ ସେମାନଙ୍କର ଆଦ୍ୟ କିଶୋରାବସ୍ଥାରେ ସାଙ୍ଗସାଥୀଙ୍କ ପ୍ରଭାବରେ ତମାଖୁ ନିଶା କବଳରେ ପଡିବା ଚିନ୍ତାର ବିଷୟ। ଗଣମାଧ୍ୟମ, ବିଶେଷ କରି ସେଲିବ୍ରିଟିମାନେ ମଧ୍ୟ ତମାଖୁ ଉତ୍ପାଦର ପ୍ରଚାରପ୍ରସାର କରିବା ଦ୍ୱାରା ପିଲାମାନେ ଅଧିକ ପ୍ରଭାବିତ ହେଉଛନ୍ତି । ସେମାନଙ୍କୁ ଏ ସମ୍ପର୍କରେ ସଚେତନ କରିବା ଲାଗି ସୂଚନା, ଶିକ୍ଷା ଏବଂ ସଚେତନତାରେ ଗଣମାଧ୍ୟମର ପ୍ରମୁଖ ଭୂମିକା ରହିଛି। ଗତ ୯ ଅକ୍ଟୋବରରୁ ଆରମ୍ଭ ହୋଇଥିବା ନିଶାମୁକ୍ତି ଅଭିଯାନକୁ ଆହୁରି ବ୍ୟାପକ କରିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ।

# କୋମନା ବ୍ଲକ ନୂଆଗାଁରେ ବିଜେଡିର ପ୍ରଚାର

ଭୁବନେଶ୍ୱର, ୨୪।୧୦(ମହାଭାରତ): ଶୁକ୍ରବାର ବିଜୁ ଜନତା ଦଳ (ବିଜେଡି) ପ୍ରାର୍ଥୀ ଶ୍ରୀମତୀ ଛୁରିଆ ନୂଆଗାଁରେ ପ୍ରଚାର ଅଭିଯାନ ଆରମ୍ଭ କରିଛନ୍ତି । କୋମନା ବ୍ଲକ ନୂଆଗାଁ ଗ୍ରାମପଞ୍ଚାୟତ ଅଧୀନସ୍ଥ ନୂଆଗାଁ ଗ୍ରାମରେ ହଜାର ହଜାର ସମର୍ଥକ, ସାଧାରଣ ଲୋକ ଓ ବିଜେଡି କାର୍ଯ୍ୟକର୍ତ୍ତାମାନେ ମିଶି ବିଜେଡି ପ୍ରାର୍ଥୀ ଶ୍ରୀମତୀ ସ୍ନେହାଙ୍ଗିନୀ ଛୁରିଆଙ୍କୁ ଉଚ୍ଛ୍ୱସିତ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ ।

ମ୍ପାହ୍ନ ୧୨ଟା ସମୟରେ ପ୍ରଚାର ଆରମ୍ଭ ହୋଇଥିଲା । ବିଜେଡିର ବରିଷ୍ଠ ନେତା ଓ କର୍ମୀଙ୍କ ଦ୍ୱାରା ଗ୍ରାମରେ ବିଶାଳ ଶୋଭାଯାତ୍ରା କରାଯାଇଥିଲା । ଏଥିରେ ବିଜେଡି ପ୍ରାର୍ଥୀ ଶ୍ରୀମତୀ ଛୁରିଆ ସାମିଲ ହୋଇଥିଲେ । ଏହି ବିଶାଳ ଶୋଭାଯାତ୍ରାରେ ନୂଆଗାଁର ଲୋକଙ୍କ ଉତ୍ସାହ ଓ ଆସ୍ଥା ସ୍ପଷ୍ଟ ଭାବରେ ପ୍ରକାଶ ପାଇଥିଲା, ଯାହା ବିଜୁ ଜନତା ଦଳ ଓ ଶ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱ ପ୍ରତି ଦୃଢ଼ ବିଶ୍ୱାସକୁ ଦର୍ଶାଇଥିଲା । ପ୍ରଚାର ଆରମ୍ଭ ପୂର୍ବରୁ ଶ୍ରୀମତୀ ଛୁରିଆ ଓ ଅନ୍ୟ ବିଜେଡି ନେତାମାନେ ସ୍ଥାନୀୟ ଜଗନ୍ନାଥ ମନ୍ଦିରରେ ପୂଜାର୍ଚ୍ଚନା କରି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦ ନେଇଥିଲେ । ଏହି ଅବସରରେ ପୂର୍ବତନ ମନ୍ତ୍ରୀ ଓ ବିଜେଡିର ବରିଷ୍ଠ ନେତା ପୁଷ୍ପେନ୍ଦ୍ର ସିଂହଦେଓଙ୍କ ଅଧ୍ୟକ୍ଷତାରେ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା । ସଭାରେ ନୂଆପଡ଼ା ଜିଲ୍ଲାପରିଷଦ ଉପାଧ୍ୟକ୍ଷା ଦୀପିକା ଦୀପ କହିଥିଲେ ଯେ, କୋମନା ବ୍ଲକର ସମସ୍ତ ମୁଖ୍ୟ ଉନ୍ନୟନ କାର୍ଯ୍ୟ ନବୀନ ପଟ୍ଟନାୟକଙ୍କ ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱରେ ହୋଇଛି । ଗତ ୧୬ ମାସରେ ରାଜ୍ୟରେ ରହିଥିବା ବିଜେପି ସରକାର ବିକାଶର ଗତିକୁ ରୋକି ଦେଇଛି । ନୂଆପଡ଼ା ଜିଲ୍ଲାରେ ପ୍ରାୟ ୧୫୦ଟି ସ୍କୁଲ ବନ୍ଦ କରି ଗ୍ରାମୀଣ ଶିକ୍ଷା ବ୍ୟବସ୍ଥାକୁ ଗଭୀର ଭାବେ ପ୍ରଭାବିତ କରିଛି ।

ଏହି ଅବସରରେ ଶ୍ରୀମତୀ ଛୁରିଆ ତାଙ୍କ ଅଭିଭାଷଣରେ ବିଜେଡି ସଭାପତି ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ । ସେ କହିଥିଲେ ଯେ, ନବୀନ ବାବୁଙ୍କ ଆଶୀର୍ବାଦରେ ନୂଆପଡ଼ା ଲୋକଙ୍କ ସେବା ପାଇଁ ତାଙ୍କୁ ସୁଯୋଗ ମିଳିଛି । ଦିବଙ୍ଗତ ରାଜେନ୍ଦ୍ର ଢୋଲକିଆଙ୍କ ସ୍ୱପ୍ନକୁ ସେ ପୂରଣ କରିବେ ଏବଂ ବିଜେଡି ସରକାର ସମୟରେ ଆରମ୍ଭ ହୋଇଥିବା ସମସ୍ତ ଉନ୍ନୟନ ପ୍ରକଳ୍ପକୁ ଆଗେଇ ନେବେ ।

ସେ ଅଭିଯୋଗ କରିଥିଲେ ଯେ, ରାଜ୍ୟରେ ବର୍ତ୍ତମାନ ବିଜେପି ସରକାର ନୂଆପଡ଼ା ଜିଲ୍ଲାର ସମସ୍ତ ଉନ୍ନୟନ କାର୍ଯ୍ୟକୁ ବନ୍ଦ କରିଦେଇଛି ଏବଂ ବିଭିନ୍ନ ଦୁର୍ନୀତି ଓ ଘୋଟାଲାରେ ଜଡ଼ିତ ଅଛି । ପୁଲିସ୍ ସବ୍-ଇନ୍ସପେକ୍ଟର୍ ନିଯୁକ୍ତି ପରୀକ୍ଷା ଘୋଟାଲାର ଉଦାହରଣ ଦେଇ ସେ କହିଥିଲେ ଯେ, ପ୍ରଶ୍ନପତ୍ର ପ୍ରଘଟ ହେବାରୁ ହଜାର ହଜାର ଯୁବକଯୁବତୀ ତାଙ୍କ ଯୋଗ୍ୟତା ଥିବା ସତ୍ତ୍ୱେ ପରୀକ୍ଷା ଦେଇପାରିନାହାନ୍ତି ।ଏହି ପ୍ରଚାର କାର୍ଯ୍ୟକ୍ରମରେ ବିଜେଡିର ବରିଷ୍ଠ ଉପସଭାପତି ଦେବୀପ୍ରସାଦ ମିଶ୍ର ଯୋଗ ଦେଇଥିଲେ ।

# ଆକ୍ସନ ମୋଡ଼ରେ ବିଏମ୍‌ସି

## ୟୁନିଟ-୧ ଅଂଚଳରୁ ହଟିଲେ ଫଳ ଦୋକାନୀ

ଭୁବନେଶ୍ୱର, ୨୪।୧୦(ମହାଭାରତ): ୟୁନିଟ-୧ ହାଟରେ ନିଆଁ ଲାଗିବା ପରେ ଆକ୍ସନ ମୋଡ଼ରେ ଆସିଛି ବିଏମସି। ଶୁକ୍ରବାର ଦିନ ୟୁନିଟ-୧ ଅଂଚଳରୁ ଫଳ ଦୋକାନୀମାନଙ୍କୁ ଉଠାଯାଇଛି। ରାତିରେ ରାସ୍ତା କଡ଼ରେ ଜିନିଷ ରଖିଥିବାରୁ ତାକୁ ଖାଲି କରିଛି ବିଏମସି। ସମ୍ପୂର୍ଣ୍ଣ ଅଂଚଳକୁ ସଫେଇ କରାଯାଇଛି। ସକାଳେ ଓ ସନ୍ଧ୍ୟାରେ ନିର୍ଦ୍ଦିଷ୍ଟ ସମୟ ଭିତରେ ବେପାର କରିବେ। ସମୟ ସରିଲେ ଫଳ ଗାଡିକୁ ରାସ୍ତା କଡରେ ଆଉ ରଖିପାରିବେନି। ନମାନିଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି ମେୟର ସୁଲୋଚନା ଦାସ।



ମେୟର ଆହୁରି କହିଛନ୍ତି ରାସ୍ତାକଡରେ ଡ୍ରେନ ଉପରେ ଠେଲା ରଖି ବେପାର କରିବାରୁ ଡ୍ରେନ ସଫେଇ ହୋଇପାରୁନି। ସର୍ବସାଧାରଣଙ୍କ ଯାତାୟାତରେ ବି ସମସ୍ୟା ସୃଷ୍ଟି ହେଉଛି। ସପ୍ତାହେ ଭିତରେ ଏନେଇ ଉଠାଦୋକାନୀଙ୍କୁ ସଚେତନ କରାଯିବ। ଅନ୍ୟପଟେ କିଛି ଲୋକ ଭେଣ୍ଡିଂ ଜୋନକୁ ଭଡାରେ ଦେଇ ଠେଲାରେ ବେପାର କରୁଛନ୍ତି। ଏଭଳି କାର୍ଯ୍ୟକୁ ବନ୍ଦ ନକଲେ ଭେଣ୍ଡିଂ ଜୋନକୁ ରଦ୍ଦ କରିବାକୁ ଚେତାବନୀ ଦେଇଛି ବିଏମସି। ସେହିପରି ବିଭିନ୍ନ ସପିଂ ମଲରେ ପାର୍କିଂ ଫି କୁ ନେଇ ବିଏମସି କମିଶନର ଚଂଚଳ ରାଣା ପ୍ରତିକ୍ରିୟା ଦେଇ କହିଛନ୍ତି ହାଇକୋର୍ଟ ରେ ଏହି କେଶ ଶୁଣାଣି ହୋଇଥିଲା ଏବଂ ବିଏମସି ଏହାକୁ ଦୃଷ୍ଟିରେ ରଖିଛି ସେମାନଙ୍କୁ ବିଭିନ୍ନ ଦିଗରେ ଅଧିକାର ରହିଛି ପାର୍କିଂ ଫି ଆଦାୟ ପାଇଁ କିନ୍ତୁ ଏହାକୁ ସେମାନେ ବିଜନେସ ଓରିଏଂଟ କଲେ ବିଏମସି ଆକ୍ସନ ନେବ ।

# ରିଫ୍ରେଶର୍ କୋର୍ସ ଇନ୍ ଫାର୍ଷ୍ଟ ଏଡ୍ ବିଷୟରେ କର୍ମଶାଳା

ଭୁବନେଶ୍ୱର, ୨୪।୧୦(ମହାଭାରତ): ରାଜ୍ୟରେ କାରଖାନାମାନଙ୍କରେ ଶ୍ରମିକ ସୁରକ୍ଷା ଓ ସୁରକ୍ଷିତ କାର୍ଯ୍ୟସ୍ଥଳୀ ନିର୍ମାଣକୁ ସରକାର ପ୍ରାଥମିକତା ଦେଇଆସୁଛି। ଏହାକୁ ଦୃଷ୍ଟିରେ ରଖି, ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗର ମଞ୍ଜୁରୀକ୍ରମେ କାରଖାନା ଏବଂ ବାଷ୍ପୀତ୍ର ନିର୍ଦ୍ଦେଶାଳୟ ପକ୍ଷରୁ ନିୟମିତ ଭାବରେ ଭିନ୍ନ ଭିନ୍ନ ସୁରକ୍ଷା ସମ୍ପର୍କିତ ତାଲିମ କାର୍ଯ୍ୟକ୍ରମ ଆୟୋଜିତ ହେଉଛି।

ସେହି କ୍ରମରେ, ଶୁକ୍ରବାର ରାଜ୍ୟ ଶ୍ରମ ପ୍ରତିଷ୍ଠାନ, ଭୁବନେଶ୍ୱରର ସମ୍ମିଳନୀ କକ୍ଷରେ "ରିଫ୍ରେଶର୍ କୋର୍ସ ଇନ୍ ଫାର୍ଷ୍ଟ ଏଇଡ୍ – ସୁରକ୍ଷା ଏବଂ ଗୁଣବତା" ବିଷୟରେ ଏକ ରାଜ୍ୟସ୍ତରୀୟ ତାଲିମ କର୍ମଶାଳା ଆୟୋଜିତ ହୋଇଥିଲା। ଉଦଘାଟନୀ ସଭାରେ କାରଖାନା ଏବଂ ବାଷ୍ପୀତ୍ର ନିର୍ଦ୍ଦେଶାଳୟର ଉପନିର୍ଦ୍ଦେଶକ (ସୁରକ୍ଷା) ଡଃ ମଳୟ କୁମାର ପ୍ରଧାନ ମୁଖ୍ୟ ଅତିଥି ଭାବେ ଉଦ୍‌ବୋଧନ ଦେଇ କହିଥିଲେ ଯେ, "କାରଖାନାମାନଙ୍କରେ ସ୍ୱାସ୍ଥ୍ୟ ଓ ସୁରକ୍ଷାକୁ ସର୍ବାଧିକ ଅଗ୍ରାଧିକାର ଦେବା ଆବଶ୍ୟକ। ସୁରକ୍ଷା ବିଫଳ ହେଲେ ପ୍ରାଥମିକ ଚିକିତ୍ସା ଆରମ୍ଭ ହୁଏ, ଯାହା ଜୀବନ ଓ ମୃତ୍ୟୁ ମଧ୍ୟରେ ସେତୁ ସୃଷ୍ଟି କରେ। ସମୟୋଚିତ ପ୍ରାଥମିକ ଚିକିତ୍ସା ଦ୍ୱାରା ଦୁର୍ଘଟଣାଜନିତ ମୃତ୍ୟୁର ଆଶଙ୍କା ୯୦ ଶତାଂଶ ରୁ ଅଧିକ କମି ଯାଏ।"

ତାଲିମ କର୍ମଶାଳାରେ ନିର୍ଦ୍ଦେଶାଳୟର ସହନିର୍ଦ୍ଦେଶକ (ସୁରକ୍ଷା) ଅନିଲ କୁମାର ନନ୍ଦ ଓ ସହନିର୍ଦ୍ଦେଶକ (ମୁଖ୍ୟାଳୟ) ପଙ୍କଜ କୁମାର ବିଶ୍ୱାଳ ମଧ୍ୟ ଯୋଗଦେଇ ତାଲିମ ସଞ୍ଚାଳନରେ ପ୍ରମୁଖ ଭୂମିକା ନିର୍ବାହ କରିଥିଲେ। ପ୍ରତିଷ୍ଠାନ ପକ୍ଷରୁ ଭିନ୍ନ ଭିନ୍ନ ବର୍ଗର ୫୭ ଜଣ କାରଖାନା ଅଧିକାରୀ ଅଂଶଗ୍ରହଣ କରିଥିଲେ। ସନ୍ଧ୍ୟା ସମାରୋହରେ ଅଂଶଗ୍ରାହୀମାନଙ୍କୁ ପ୍ରମାଣପତ୍ର ବିତରଣ କରା ଯାଇଥିଲା।

ଏହି କର୍ମଶାଳା ମାଧ୍ୟମରେ ଶ୍ରମିକ ସୁରକ୍ଷା, ଆପତକାଳିନ ସଜାଗତା ଏବଂ ପ୍ରାଥମିକ ଚିକିତ୍ସା ବିଷୟରେ ସଚେତନତା ବୃଦ୍ଧି ପାଇଛି, ଯାହା ରାଜ୍ୟର ଶ୍ରମ ସୁରକ୍ଷା ଅଭିଯାନକୁ ଆଗକୁ ନେବାରେ ସାହାଯ୍ୟ କରିବ।

# ବିଏମ୍‌ସିର ଗଣସଫେଇ କାର୍ଯ୍ୟକ୍ରମ

ଭୁବନେଶ୍ୱର, ୨୪।୧୦(ମହାଭାରତ): ସହରକୁ ସ୍ୱଚ୍ଛ ଓ ସୁନ୍ଦର କରିବା ପାଇଁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍ ସି)ପକ୍ଷରୁ ଜାରି ରହିଛି ଗଣ ସଫେଇ ଓ ସଚେତନତା କାର୍ଯ୍ୟକ୍ରମ । ଆଜି ଏକ ନମ୍ବର ହାଟ ଅଂଚଳରେ ବ୍ୟାପକ ଗଣସଫେଇ ଓ ଜନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହିଳା ଥାନାଠାରୁ ଆରମ୍ଭ କରି ହାଟ ଅଂଚଳରେ ଗଣ ସଫେଇ, ଗଛ ଡାଳ କଟା, ଡ୍ରେନ ସଫା, କବାଡି ସାମଗ୍ରୀ ପରିଷ୍କାର, ଜବର ଦଖଲ ଉଚ୍ଛେଦ ଆଦି କାର୍ଯ୍ୟ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ମେୟର ଶ୍ରୀମତୀ ସୁଲୋନଚା ଦାସ, କମିଶନର ଚଞ୍ଚଳ ରାଣା, ସ୍ଥାନୀୟ କର୍ପୋରେଟର ଆସିଆ ବେଗମଙ୍କ ସମେତ ବିଏମ୍ ସିର ବରିଷ୍ଠ ଅଧିକାରୀ ଓ କର୍ମଚାରୀ, ସଫେଇ କର୍ମୀ, ୟୁନିଟ୍-୧ ହାଟ ଆସୋସିଏସନର ବହୁ କର୍ମକର୍ତ୍ତା, ସ୍ଥାନୀୟ ବାସିନ୍ଦା, ସ୍ୱେଚ୍ଛାସେବୀ ପ୍ରମୁଖ ୩ ଶହରୁ ଅଧିକ ଲୋକ ସାମିଲ ହୋଇଥିଲେ । ଏହି ଗଣ ସଫେଇ ସମୟରେ ପ୍ରାୟ ୮ ଟନ ବର୍ଜ୍ୟ ସଂଗ୍ରହ କରାଯାଇଛି ।ଭୁବନେଶ୍ୱରକୁ ସ୍ୱଚ୍ଛ ସୁନ୍ଦର କରିବା ଏବଂ ପାଇଁ ବିଏମ୍ ସି ପକ୍ଷରୁ ଲଗାତର ଭାବେ ଗଣ ସଫେଇ ଅଭିଯାନ ଜାରି ରହିଛି । ଏଥିପାଇଁ ସ୍ଥାନୀୟ ଲୋକେ ମଧ୍ୟ ଆଗ୍ରହ ପ୍ରକାଶ କରିବା ସହ ଏହି କାର୍ଯ୍ୟକ୍ରମରେ ସାମିଲ ହେଉଛନ୍ତି । କେବଳ ଗଣ ସଫେଇ ନୁହେଁ, ଭୁବନେଶ୍ୱରକୁ ସ୍ୱଚ୍ଛ, ସବୁଜ ଓ ସୁନ୍ଦର କରିବା ପାଇଁ ପ୍ରତ୍ୟେକ ବ୍ୟକ୍ତି ନିଜ ନିଜ ସ୍ତରରେ ଉଦ୍ୟମ କରିବା ପାଇଁ ଆହ୍ୱାନ ଦେଇଛନ୍ତି ମେୟର । ଭୁବନେଶ୍ୱରବାସି ବ୍ୟକ୍ତିଗତ ଭାବେ ଉଦ୍ୟମ କଲେ, ଆମ ସହର ନିଶ୍ଚୟ ସ୍ୱଚ୍ଛ ଓ ସୁନ୍ଦର ହେବା ସହ ଦେଶର ଏକ ନମ୍ବର ସୁନ୍ଦର ସହର ଭାବେ ପରିଗଣିତ ହେବ ବୋଲି ସେ କହିଛନ୍ତି ।

# ଡିସେମ୍ବର ସୁଦ୍ଧା ବଳକା ଚାଉଳ ଉଠାଇବ ଏଫସିଆଇ

ଭୁବନେଶ୍ୱର, ୨୪।୧୦(ମହାଭାରତ): ଡିସେମ୍ବର ସୁଦ୍ଧା ବଳକା ଚାଉଳ ଉଠାଇବ ଏଫସିଆଇ। କିନ୍ତୁ ଉଷୁନା ଚାଉଳ ଉଠାଇବାକୁ କେନ୍ଦ୍ର ଅମଙ୍ଗ ହେଉଛି। ତେଣୁ ରାଜ୍ୟରେ ଥିବା ରାଇସ ମିଲ ଗୁଡିକୁ ଅଧିକ ଅରୁଆ ଚାଉଳ କରିବାକୁ ଯୋଗାଣ ବିଭାଗ ନିର୍ଦ୍ଦେଶନାମା ଦେବ। ଉପମୁଖ୍ୟମନ୍ତ୍ରୀ କେଭି ସିଂଦେଓ ଏହି ସୂଚନା ଦେଇଛନ୍ତି। ସେ ଆହୁରି କହିଛନ୍ତି ମିଲର ମାନେ ନିର୍ଦ୍ଦେଶ ଅନୁସାରେ ଅରୁଆ ଚାଉଳ ପାଇଁ ଯାନ୍ତ୍ରିକ ପରିବର୍ତ୍ତନ କରିବାକୁ ହେବ। ଆଗକୁ ଅଧିକ ଅରୁଆ ଚାଉଳ ଦେବାକୁ ମିଲର ମାନଙ୍କୁ କୁହାଯିବ। ଚଳିତ ବର୍ଷ ଏଫସିଆଇ ୨୪ ଲକ୍ଷ ମେଟ୍ରିକ ଟନ ଚାଉଳ ଉଠାଇଥିବା ବେଳେ ୧୫ ଲକ୍ଷ ମେଟ୍ରିକ ଟନ ଚାଉଳ ଉଠାଇବାକୁ ପଡି ରହିଛି। ନିକଟରେ ଉପମୁଖ୍ୟମନ୍ତ୍ରୀ କେଭି ସିଂଦେଓ କେନ୍ଦ୍ର କୃଷି ମନ୍ତ୍ରୀଙ୍କୁ ଭେଟି ବଳକା ଚାଉଳ ଉଠାଇବାକୁ ନିବେଦନ ଜଣାଇଥିଲେ।

# ଆଇଟି ନିୟମ ୨୦୨୧ର ନିୟମ ୩(୧)(ଡି)ରେ ସଂଶୋଧନ

ନୂଆଦିଲ୍ଲୀ, ୨୪।୧୦(ପିଆଇବି): ଇଲେକ୍‌ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରଣାଳୟ ସୂଚନା ପ୍ରଯୁକ୍ତିବିଦ୍ୟା (ମଧ୍ୟସ୍ଥ ମାର୍ଗଦର୍ଶିକା ଏବଂ ଡିଜିଟାଲ୍ ମିଡିଆ ଆଚାର ସଂହିତା) ସଂଶୋଧନ ନିୟମ, ୨୦୨୫ ସଂକ୍ରାନ୍ତରେ ବିଜ୍ଞପ୍ତି ପ୍ରକାଶ କରିଛି । ଏହି ବିଜ୍ଞପ୍ତିରେ ସୂଚନା ପ୍ରଯୁକ୍ତିବିଦ୍ୟା (ମଧ୍ୟସ୍ଥ ମାର୍ଗଦର୍ଶିକା ଏବଂ ଡିଜିଟାଲ୍ ମିଡିଆ ଆଚାର ସଂହିତା) ନିୟମ, ୨୦୨୧ (''ଆଇଟି ନିୟମ, ୨୦୨୧'') ସଂଶୋଧନ ସମ୍ପର୍କରେ ସୂଚନା ପ୍ରଦାନ କରାଯାଇଛି।

ଏହି ସଂଶୋଧନଗୁଡ଼ିକ ସୂଚନା ପ୍ରଯୁକ୍ତିବିଦ୍ୟା ଆଇନ, ୨୦୦୦ (''ଆଇଟି ଆଇନ'') ଅଧୀନରେ ମଧ୍ୟସ୍ଥମାନଙ୍କର ଉପଯୁକ୍ତ ତତ୍ପରତା ଉତ୍ତରଦାୟିତ୍ୱ ପାଇଁ ଢାଞ୍ଚାକୁ ସୁଦୃଢ଼ କରିଥାଏ। ବିଶେଷକରି, ନିୟମ ୩(୧)(ଡି) ରେ ସଂଶୋଧନଗୁଡ଼ିକ ଅତିରିକ୍ତ ସୁରକ୍ଷା ବ୍ୟବସ୍ଥା ପ୍ରଚଳନ କରେ ଯାହାଦ୍ୱାରା ମଧ୍ୟସ୍ଥମାନେ ସ୍ୱଚ୍ଛ, ସମାନୁପାତିକ ଏବଂ ଦାୟିତ୍ୱପୂର୍ଣ୍ଣ ଭାବରେ ବେଆଇନ ବିଷୟବସ୍ତୁକୁ ହଟାଇବେ। ସଂଶୋଧିତ ନିୟମଗୁଡ଼ିକ ୧୫ନଭେମ୍ବର ୨୦୨୫ ଠାରୁ କାର୍ଯ୍ୟକାରୀ ହେବ।ମୂଳତଃ ୨୫ ଫେବୃଆରୀ, ୨୦୨୧ରେ ଆଇଟି ନିୟମ, ୨୦୨୧ ଅଧିସୂଚିତ କରାଯାଇଥିଲା। ପରବର୍ତ୍ତୀ ସମୟରେ ଏହାକୁ ୨୮ ଅକ୍ଟୋବର, ୨୦୨୨ ଏବଂ ୬ ଏପ୍ରିଲ, ୨୦୨୩ରେ ସଂଶୋଧନ କରାଯାଇଥିଲା। ଏହି ନିୟମ ମଧ୍ୟସ୍ଥମାନଙ୍କ ଉପରେ ଯଥାର୍ଥ ତତ୍ପରତା ଉତ୍ତରଦାୟିତ୍ୱ ଲାଗୁ କରେ, ଯେଉଁଥିରେ ସାମାଜିକ ଗଣମାଧ୍ୟମ ମଧ୍ୟସ୍ଥମାନେ ଅନଲାଇନ୍ ସୁରକ୍ଷା, ସଂରକ୍ଷଣ ଏବଂ ଉତ୍ତରଦାୟିତ୍ୱ ସୁନିଶ୍ଚିତ କରିପାରିବେ।

ନିୟମ ୩(୧)(ଡି) ଅନୁଯାୟୀ, ମଧ୍ୟସ୍ଥମାନେ ଉପଯୁକ୍ତ ସରକାରଙ୍କ ଠାରୁ କୋର୍ଟ ଆଦେଶ କିମ୍ବା ବିଜ୍ଞପ୍ତି ମାଧ୍ୟମରେ ପ୍ରକୃତ ସୂଚନା ପାଇବା ପରେ ବେଆଇନ ସୂଚନା ଅପସାରଣ କରିବାକୁ ବାଧ୍ୟ।ଇଲେକ୍‌ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତି ମନ୍ତ୍ରଣାଳୟ ଦ୍ୱାରା ଏକ ସମୀକ୍ଷା ବରିଷ୍ଠ ସ୍ତରରେ ଉତ୍ତରଦାୟିତ୍ୱ, ବେଆଇନ ବିଷୟବସ୍ତୁର ସଠିକ୍ ରିପୋର୍ଟିଂ ଏବଂ ଉଚ୍ଚ ସ୍ତରରେ ସରକାରୀ ନିର୍ଦ୍ଦେଶାବଳୀର ସମୟକାଳୀନ ସମୀକ୍ଷା ସୁନିଶ୍ଚିତ କରିବା ପାଇଁ ଅତିରିକ୍ତ ସୁରକ୍ଷା ବ୍ୟବସ୍ଥାର ଆବଶ୍ୟକତା ଉପରେ ଆଲୋକପାତ କରିଛି। ଏବେ, କେବଳ ଯୁଗ୍ମ ସଚିବ କିମ୍ବା ସମକକ୍ଷ ପଦର ଜଣେ ବରିଷ୍ଠ ଅଧିକାରୀ କିମ୍ବା ଯେଉଁଠାରେ ଏପରି ପଦବୀ ନିଯୁକ୍ତ ହୋଇନାହିଁ, ସେଠାରେ ନିର୍ଦ୍ଦେଶକ କିମ୍ବା ସମକକ୍ଷ ପଦର ଜଣେ ଅଧିକାରୀ ବେଆଇନ ସୂଚନା ଅପସାରଣ ପାଇଁ ମଧ୍ୟସ୍ଥମାନଙ୍କୁ ଯେକୌଣସି ନୋଟିସ୍ ଜାରି କରିପାରିବେ। ଏହା ବ୍ୟତୀତ, ଯେଉଁଠାରେ ଏପରି ଏକ ସଂସ୍ଥାକୁ ଏପରି ଭାବରେ ନିଯୁକ୍ତ କିମ୍ବା କ୍ଷମତାପ୍ରାପ୍ତ କରାଯାଇଛି, ସେଠାରେ କ୍ଷମତାପ୍ରାପ୍ତ ସଂସ୍ଥା ମଧ୍ୟରେ ଜଣେ ସମକକ୍ଷ ଅଧିକାରୀଙ୍କ ମାଧ୍ୟମରେ କାର୍ଯ୍ୟକାରୀ କରାଯାଇପାରିବ।

# କବି ରାଜେନ୍ଦ୍ର କିଶୋର ପଣ୍ଡାଙ୍କ ପରଲୋକ

ଭୁବନେଶ୍ୱର, ୨୪।୧୦(ମହାଭାରତ); କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ କବି ତଥା ବରିଷ୍ଠ ଆଇଏଏସ୍ ରାଜେନ୍ଦ୍ର କିଶୋର ପଣ୍ଡାଙ୍କର ଆଜି ଭୁବନେଶ୍ୱର ବନଜା ଆପାର୍ଟମେଣ୍ଟସ୍ଥିତ ନିଜ ବାସଭବନରେ ପୂର୍ବାହ୍ଣ ୧୧.୩୦ ଘଟିକାରେ ପରଲୋକ ଗମନ ହୋଇଯାଇଅଛି। ମୃତ୍ୟୁବେଳକୁ ତାଙ୍କୁ ୮୧ ବର୍ଷବୟସ ହୋଇଥିଲା। ଗତ ମାସରେ ତାଙ୍କ ପତ୍ନୀଙ୍କର ପରଲୋକ ହୋଇଯିବା ପରେ ସେ ଶାରୀରିକ ଓ ମାନସିକ ଭାବେ ଦୁର୍ବଳ ହୋଇପଡିଥିଲେ। ସ୍ୱର୍ଗତ ପଣ୍ଡା ୨୦୦୪ ମସିହାରେ ସରକାରୀ ଚାକିରୀରୁ ଅବସର ନେଇଥିଲେ। ତାଙ୍କର ଦୁଇଟି ଝିଅ ଅଛନ୍ତି।



୧୯୪୪ ମସିହାରେ ଝାରସୁଗୁଡ଼ାରେ ଜନ୍ମଗ୍ରହଣ କରିଥିବା ସ୍ୱର୍ଗତ ପଣ୍ଡା ନିଜର ରଚନାବଳୀ ମଧ୍ୟରେ ଗୌଣ ଦେବତା, ଶତଦ୍ରୁ ଅନେକ, ଅନବତାର ଓ ଅନ୍ୟ ଅନ୍ୟ, ଘୁଣାକ୍ଷର, ନିଜପାଇଁ ନାନାବାୟା, ଚୌକାଠରେ ଚିରକାଳ, ଶୈଳକଳ୍ପ, ବହ୍ୱାରମ୍ଭ, ଦ୍ରୋହବାକ୍ୟ, ବୈରାଗୀ ଭ୍ରମର, ଅନ୍ୟା, ଈଶଖେଳ, ସତ୍ୟୋତ୍ତର, ବୋଧିନଭ, ବହୁବ୍ରୀହି, ଚିଦାଭାସ ଇତ୍ୟାଦି ବହୁ ପ୍ରକାଶିତ ପୁସ୍ତକଗୁଡ଼ିକ ଏ ଜାତିକୁ ଏକ ନୂତନ ଦିଗ୍‌ଦର୍ଶନ ଦେଇପାରିଅଛି। ସର୍ବଭାରତୀୟ ପ୍ରଶାସନିକ ସେବାରେ କାର୍ଯ୍ୟ ଜାରି ରଖିଥିବା ସମୟରେ ତତ୍‌କାଳୀନ ସଂସ୍କୃତି ବିଭାଗରେ ଶାସନ ସଚିବ ଭାବେ କାର୍ଯ୍ୟ କରିଥିଲେ। ଆଜି ଏଭଳି ଏକ ମୁହୂର୍ତ୍ତରେ ତାଙ୍କୁ ଶେଷ ଦର୍ଶନ କରିବା ନିମନ୍ତେ ଓଡ଼ିଶା ସାହିତ୍ୟ ଏକାଡେମୀରସଚିବ ଡକ୍ଟର ଚନ୍ଦ୍ରଶେଖର ହୋତା ତାଙ୍କର ମରଶରୀର ନିକଟରେ ଉପସ୍ଥିତ ହୋଇ ପୁଷ୍ପାଞ୍ଜଳି ଅର୍ପଣ କରିଥିଲେ। ଓଡ଼ିଶା ସାହିତ୍ୟଏକାଡେମୀ ପକ୍ଷରୁ ଅପରାହ୍ଣରେ ଏକାଡେମୀ କାର୍ଯ୍ୟାଳୟରେ ସ୍ୱର୍ଗତ ପଂଡାଙ୍କ ଅମର ଆତ୍ମାର ସଦ୍‌ଗତି କରିବା ନିମନ୍ତେ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା।

## ମୁଖ୍ୟମନ୍ତ୍ରୀଙ୍କ ଶୋକପ୍ରକାଶ

ତାଙ୍କ ପରଲୋକ ଖବର ଶୁଣି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଶୋକ ପ୍ରକାଶ କରିଛନ୍ତି। ଏକ୍ସରେ ମୁଖ୍ୟମନ୍ତ୍ରୀ ଲେଖିଛନ୍ତି କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ କବି ତଥା ପୂର୍ବତନ ପ୍ରଶାସନିକ ଅଧିକାରୀ ରାଜେନ୍ଦ୍ର କିଶୋର ପଣ୍ଡାଙ୍କ ବିୟୋଗ ବିଷୟରେ ଜାଣି ମୁଁ ଦୁଃଖିତ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣ କମଳରେ ତାଙ୍କ ଆତ୍ମାର ସଦଗତି ନିମନ୍ତେ ପ୍ରାର୍ଥନା କରିବା ସହ ଶୋକସନ୍ତପ୍ତ ପରିବାର ବର୍ଗଙ୍କ ପ୍ରତି ସମବେଦନା ଜ୍ଞାପନ କରୁଛି। ସେହିପରି ବିରୋଧୀ ଦଳର ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ପୂର୍ବତନ ମୁଖ୍ୟ ଶାସନ ସଚିବ ବିଜୟ କୁମାର ପଟ୍ଟନାୟକ ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ପରଲୋକରେ ଶୋକପ୍ରକାଶ କରିଛନ୍ତି।

# କ୍ଷୁଦ୍ର ସୌର ଶକ୍ତି ଉତ୍ପାଦନ ୟୁନିଟ୍ ସ୍ଥାପନ ଉପରେ ରାଜ୍ୟପାଳଙ୍କ ଗୁରୁତ୍ୱାରୋପ

ଭୁବନେଶ୍ୱର, ୨୪।୧୦(ମହାଭାରତ): ରାଜ୍ୟରେ ନବୀକରଣୀୟ ଶକ୍ତି ଭିତ୍ତିଭୂମି କ୍ଷେତ୍ରକୁ ଅଧିକ ସୁଦୃଢ଼ କରିବା ପାଇଁ କ୍ଷୁଦ୍ର ସୌର ଶକ୍ତି ଉତ୍ପାଦନ ୟୁନିଟ୍ ସ୍ଥାପନ ଉପରେ ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି ଗୁରୁତ୍ୱାରୋପ କରିଛନ୍ତି। ଚଳିତ ଅକ୍ଟୋବର ୨୪ ତାରିଖ ଦିନ ରାଜଭବନର ନ୍ୟୁ ଅଭିଷେକ ହଲ୍‌ଠାରେ ଶକ୍ତି ବିଭାଗର କାର୍ଯ୍ୟାବଳୀ ସମୀକ୍ଷା କରିବା ଅବସରରେ ରାଜ୍ୟପାଳ ଏପରି ଗୁରତ୍ୱାରୋପ କରି ଏଦିଗରେ ଶକ୍ତି ବିଭାଗ ବିହିତ ପଦକ୍ଷେପ ନେବାକୁ କହିଛନ୍ତି। ନବୀକରଣୀୟ ଶକ୍ତିର ବିକାଶ ଦିଗରେ ହୋଇଥିବା ଉଦ୍ୟମକୁ ରାଜ୍ୟପାଳ ପ୍ରଶଂସା କରି ଅଧିକାରୀ ଓ କର୍ମଚାରୀମାନେ ଆଗାମୀ ଦିନରେ ଅଧିକ ନିଷ୍ଠାର ସହ କାର୍ଯ୍ୟକରିବାକୁ ପ୍ରେରଣା ଦେଇଥିଲେ। ଶକ୍ତି ବିଭାଗ ସଂପର୍କିତ ବିଭିନ୍ନ ପ୍ରସଙ୍ଗ ଉପରେ ସମୀକ୍ଷା କରି ରାଜ୍ୟପାଳ କହିଥିଲେ ଯେ, ଏପରି ସୌର ଶକ୍ତି ଉତ୍ପାଦନ ୟୁନିଟ୍ ସ୍ଥାପନ ପାଇଁ ଉପଯୁକ୍ତ ଜମି ଚିହ୍ନଟ କରିବା ବଡ ସମସ୍ୟା ହେବ ନାହିଁ। ଏହି ସୌର ଶକ୍ତି ୟୁନିଟ୍ ସ୍ଥାପନ କରି ନବୀକରଣୀୟ ଶକ୍ତିର ଚାହିଦା ପୂରଣ କରିବା ସହିତ ଔଦ୍ୟୋଗିକତାକୁ ପ୍ରୋତ୍ସାହିତ କରି ହେବ। ଏ ଦିଗରେ ଶକ୍ତି ବିଭାଗ ବ୍ୟାପକ ଯୋଜନା ପ୍ରସ୍ତୁତ କରିବାକୁ ରାଜ୍ୟପାଳ କହିଥିଲେ। ଏହି ବୈଠକରେ ଓଡ଼ିଶାରେ ଶକ୍ତି କ୍ଷେତ୍ରରେ ସଂସ୍କାର, ଚାହିଦା ଓ ଯୋଗାଣର ସ୍ଥିତି, ଚୁକ୍ତି ଭିତ୍ତିକ କ୍ଷମତା ମିଶ୍ରଣ ଏବଂ ଭବିଷ୍ୟତ କାର୍ଯ୍ୟ ପନ୍ଥା, ନବୀକରଣୀୟ ଶକ୍ତିର ବିକାଶ, ଅନ୍ତଃରାଜ୍ୟ ଟ୍ରାନ୍ସମିଶନ ନେଟୱାର୍କ, ବଂଟନ କଂପାନୀ (ଡିଓଏଫଡଏଗ), ବିପର୍ଯ୍ୟୟ ପରିଚାଳନା ପ୍ରସ୍ତୁତି, ଶକ୍ତି ସଂରକ୍ଷଣ, ଦକ୍ଷତା କାର୍ଯ୍ୟକ୍ରମ ଏବଂ



୨୦୩୬ ଓ ୨୦୪୭ ଦୃଷ୍ଟିକୋଣକୁ ଦୃଷ୍ଟିରେ ରଖି ବିଭିନ୍ନ କାର୍ଯ୍ୟକ୍ରମ ସଂପର୍କରେ ରାଜ୍ୟପାଳ ସମୀକ୍ଷା କରିଥିଲେ। ସବୁଜ ହାଇଡ୍ରୋଜେନର ସମ୍ଭାବନା ଉପରେ ରାଜ୍ୟପାଳ ଆଲୋକପାତ କରି ଏହାର ଉତ୍ପାଦନ ପାଇଁ ଏନ୍‌ଟିପିସିର ସହଯୋଗ ନେବାକୁ ଏବଂ ବିଶେଷତଃ ଆଇଆଇଟି ଏବଂ ଆଇଆଇଏମ୍ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ପାଇଁ ଶକ୍ତି ବିଭାଗ ପଦକ୍ଷେପ ନେବାକୁ କହିଥିଲେ।

ପ୍ରଧାନମନ୍ତ୍ରୀ ସୂର୍ଯ୍ୟ ଘର – ମୁଫତ୍ ବିଜଳି ଯୋଜନା ସଂପର୍କରେ ଅବତାରଣା କରି ରାଜ୍ୟପାଳ ଏହି ଯୋଜନାର ବ୍ୟାପକ କାର୍ଯ୍ୟାନ୍ୱୟନ ପାଇଁ ଆହ୍ୱାନ ଜଣାଇଥିଲେ। ଟାଟା ପାୱାର ପରିଚାଳିତ ବଂଟନ କଂପାନୀମାନଙ୍କ ସହ ୟୁଏଲ୍‌ଏ (ୟୁଟିଲିଟି ଲିଡ ଆଗ୍ରିଗେସନ) ମଡେଲ ଅନ୍ତର୍ଗତ ଏକ କିଲୋୱାଟ ରୁଫ୍ ଟପ୍ ସୋଲାର ସିଷ୍ଟମର ସ୍ଥାପନ ସଂପର୍କରେ ଆଲୋଚନା କରିଥିଲେ। ଏହି ଯୋଜନାରେ ଗ୍ରାହକମାନଙ୍କୁ ଏକକାଳୀନ ୫୦୦୦ ଟଙ୍କା ଦେବାକୁ ପଡିଥାଏ ଯେତେବେଳେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା ଦିଆଯାଉଥିବା ସବସିଡି ଜରିଆରେ ବାକି ୬୫୦୦୦ ଟଙ୍କାରୁ ୭୫୦୦୦ଟଙ୍କା ଭରଣା ହୋଇଥାଏ। ଅନୁସୂଚିତ ଜନଜାତି, ଅନୁସୂଚିତ ଜାତି ଏବଂ ଅନ୍ୟ ପଛୁଆ ବର୍ଗ ପରିବାର ପାଇଁ ସିଏସ୍‌ଆର ଫଣ୍ଡରୁ ୫୦୦୦ ଟଙ୍କା ଲେଖାଏଁ ଟାଟା ପାୱାର ବହନ କରିବା ପାଇଁ ବିଚାର କରିବାକୁ ରାଜ୍ୟପାଳ କହିଥିଲେ। ଏତଦ୍‌ବ୍ୟତୀତ ସମଷ୍ଟିଗତ ବୈଷୟିକ ଏବଂ ବାଣିଜ୍ୟିକ କ୍ଷତି ହ୍ରାସ ନିମନ୍ତେ ନିଆଯାଇଥିବା ପଦକ୍ଷେପ ସଂପର୍କରେ ତଥ୍ୟ ପ୍ରଦାନ କରିବାକୁ ରାଜ୍ୟପାଳ କହିଥିଲେ।

"ପ୍ରଧାନମନ୍ତ୍ରୀ କୁସୁମ ଯୋଜନା"କୁ କୃଷକମାନଙ୍କ ପାଇଁ ଏକ ଭଲ ପଦକ୍ଷେପ ବୋଲି ରାଜ୍ୟପାଳ କହିବା ସହିତ ଏହାର ବ୍ୟାପକ କାର୍ଯ୍ୟାନ୍ୱୟନ ପାଇଁ ଗୁରୁତ୍ୱାରୋପ କରିଥିଲେ। ସରକାର ପାମ୍ ତେଲ ଉତ୍ପାଦନକୁ ପ୍ରୋତ୍ସାହିତ କରୁଥିବାରୁ ଉଦ୍ୟାନ କୃଷି ବିଭାଗ ମାଧ୍ୟମରେ ଚାଷୀମାନଙ୍କୁ "ପିଏମ୍ କୁସୁମ" ଯୋଜନା ଅଧୀନରେ ସୌର ଚାଳିତ ପମ୍ପ ବ୍ୟବହାର ନିମନ୍ତେ ଉତ୍ସାହିତ କରିବାକୁ କହିଥିଲେ। ଜଳ ପ୍ରକଳ୍ପ, ପମ୍ପ ଷ୍ଟୋରେଜ, କ୍ଷୁଦ୍ର ଜଳ ବିଦ୍ୟୁତ ପ୍ରକଳ୍ପ, ରାଜ୍ୟରେ ପବନ ଶକ୍ତିର ସମ୍ଭାବନା, ଗ୍ରାମ୍ୟ ବିଦ୍ୟୁତ କରଣର ସ୍ଥିତି ସଂପର୍କରେ ରାଜ୍ୟପାଳ ସମୀକ୍ଷା କରିଥିଲେ ଏବଂ ଅଗ୍ରଗତିର ସ୍ଥିତି ନେଇ ସନ୍ତୋଷ ପ୍ରକାଶ କରିଥିଲେ।

ପ୍ରାରମ୍ଭରେ ରାଜ୍ୟପାଳଙ୍କ କମିଶନର-ତଥା-ଶାସନ ସଚିବ ଶ୍ରୀମତୀ ରୂପା ରୋଶନ ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଶକ୍ତି ବିଭାଗର ପ୍ରମୁଖ ଶାସନ ସଚିବ ବିଶାଳ କୁମାର ଦେବ, ଓପିଟିସିଏଲ୍‌ର ସିଏମ୍‌ଡି ଭାସ୍କର ଜ୍ୟୋତି ଶର୍ମା, ଶକ୍ତି ବିଭାଗର ବରିଷ୍ଠ ଅଧିକାରୀ, ଓପିଜିସି, ଓଏଚପିସି, ଗ୍ରୀଡକୋ, ଓପିଟିସିଏଲ୍, ଓରେଡ଼ା ଏବଂ ଡିଆଇଏସ୍‌ସିଓଏମ୍‌ର କର୍ମକର୍ତ୍ତା ଏହି ବୈଠକରେ ଯୋଗ ଦେଇଥିଲେ।

# ସିନେମା ମାଧ୍ୟମରେ ମହିଳା ସଶକ୍ତିକରଣ ସଚେତନତା

ଭୁବନେଶ୍ୱର, ୨୪।୧୦(ମହାଭାରତ): ସିନେମା ହେଉଛି ସମାଜର ପ୍ରତିଛବି। ସିନେମାର କାହାଣୀ ଦର୍ଶକଙ୍କ ଚିନ୍ତାଧାରା ଓ ଭାବନାକୁ ଦୃଢ଼ ଭାବରେ ପ୍ରଭାବିତ କରିଥାଏ। ମହିଳା ସଶକ୍ତିକରଣ ପ୍ରତି ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଆଜି ସନ୍ଧ୍ୟାରେ ମହିଳା ଶିଶୁ ବିକାଶ ବିଭାଗ ଆନୁକୂଲ୍ୟରେ ଓ ଓଡିଶା ସଚିବାଳୟ ସଂଘର ସହଯୋଗରେ ରାଜ୍ୟସ୍ତରୀୟ ଚଳଚ୍ଚିତ୍ର ପ୍ରଦର୍ଶନ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବହୁ ପୁରସ୍କାରପ୍ରାପ୍ତ ମହିଳା ସଶକ୍ତିକରଣ ଉପରେ ଆଧାରିତ ହିନ୍ଦୀ ଚଳଚ୍ଚିତ୍ର 'ଲାପତା ଲେଡ଼ିଜ' ପ୍ରଦର୍ଶିତ କରାଯାଇଥିଲା। କାର୍ଯ୍ୟକ୍ରମରେ ମହିଳା ଓ ଶିଶୁ ବିକାଶ ବିଭାଗ ପ୍ରମୁଖ ଶାସନ ସଚିବ ଶ୍ରୀମତୀ ଶୁଭା ଶର୍ମାଙ୍କ ସମେତ ବିଭାଗୀୟ ଅଧିକାରୀବୃନ୍ଦ ଓ ଓଡିଶା ସଚିବାଳୟ ସଂଘର ଅଧକ୍ଷ ଶ୍ରୀ ବିବେକାନନ୍ଦ ସାମଲ ଯୋଗ ଦେଇଥିଲେ। ପ୍ରତି ମାସର ତୃତୀୟ ଶନିବାରରେ ଏହି ଭଳି ସାମାଜିକ ସୁରକ୍ଷା ଓ ମହିଳା ସଶକ୍ତିକରଣ ଉପରେ ଆଧାରିତ ଚଳଚ୍ଚିତ୍ର ପ୍ରଦର୍ଶିତ କରାଯିବ ବୋଲି ବିଭାଗ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି ।କାର୍ଯ୍ୟକ୍ରମରେ ଲୋକସେବା ଭବନର ବିଭିନ୍ନ ବିଭାଗରେ କାର୍ଯ୍ୟରତ ୪୫୦ ଜଣ କର୍ମଚାରୀବୃନ୍ଦ ଅଂଶଗ୍ରହଣ କରିଥିଲେ।

# ବାୟୁ ପ୍ରଦୂଷଣ

ଗଲା ବର୍ଷ ଯାହା ଘଟିଥିଲା ଏବଂ ତା'ର ପୁନରାବୃତି ଘଟିଲା, ମାତ୍ର ଦୀପାବଳୀରେ କଟକଣାକୁ ଫୁ କରି ଅମାନିଆମାନେ ଯେପରି ବାଣ ଫୁଟାଇଲେ, ତାହା କେବଳ ଅଦାଲତ ଓ ପ୍ରଶାସନ ପ୍ରତି ଚ୍ୟାଲେଞ୍ଜ ହୋଇନାହିଁ। ନିଜ ଜୀବନ ପ୍ରତି ବିପଦକୁ ଆମନ୍ତ୍ରଣ କରିଛନ୍ତି ବୋଲି କୁହାଯାଇପାରିବ। ଯାହାର ପରିଣତ ସ୍ୱରୁପ ଜାତୀୟ ରାଜଧାନୀ ଦିଲ୍ଲୀ ବିଶ୍ୱର ସବୁଠାରୁ ପ୍ରଦୁଷିତ ସହର ହୋଇଥିବାବେଳେ ଆମ ରାଜଧାନୀ ଭୁବନେଶ୍ୱର କେତେକ ସହର ବାୟୁ ପ୍ରଦୁଷଣରେ ନୂତନ ରେକର୍ଡ ଭଙ୍ଗ କରିଛି। ଉଲ୍ଲେଖଯୋଗ୍ୟ ଯେ, ଦିଲ୍ଲୀ ଏନସିଆର ଏବଂ ଏହାର ଆଖପାଖ ଅଂଚଳରେ ଦୀପାବଳୀରେ ବାଣଫୁଟା ଉପରେ ଗଲା ୨୦୧୮ରୁ ବଳବତର ଥିବା ନିଷେଧାଦେଶକୁ ସୁପ୍ରିମକୋର୍ଟ ସାମାନ୍ୟ କୋହଳ କରି ସବୁଜ ବାଣ ବିକ୍ରୀ ଓ ଫୁଟାକୁ ଅନୁମତି ଦେଇଥିଲେ। ଏହା ବାଣ ଫୁଟାଇବା ପାଇଁ ସର୍ବୋଚ୍ଚ ଅଦାଲତ ସୀମିତ ସମୟ ଧାର୍ଯ୍ୟ କରିଥିଲେ। ସେହିପରି ଆମ ରାଜ୍ୟରେ ରାଜ୍ୟପ୍ରଦୁଷଣ ବୋର୍ଡ ଏବଂ କମିଶନରେଟ ପୋଲିସ ସନ୍ଧ୍ୟା ୭ଟାରୁ ୯ଟା ମାତ୍ର ଦୁଇଘଂଟା ପାଇଁ ବାଣ ଫୁଟାଇବା ଲାଗି କଟକଣା ଜାରି କରିଥିଲେ। ମାତ୍ର ଦୀପାବଳୀ ଉତ୍ସବରେ ଦିଲ୍ଲୀରେ ରାତି ତମାମ ସବୁଜ ନୁହେଁ, ଉଚ୍ଚଶକ୍ତି ସମ୍ପନ୍ନ ବାଣ ଫୁଟିବା ଫଳରେ ଆକାଶ ଧୂମମୟ ହୋଇଯାଇଥିବାବେଳେ ବାୟୁମଣ୍ଡଳରେ ବିଷାକ୍ତ ଗ୍ୟାସରେ ଭରପୁର ହୋଇଯାଇଥିଲା। ମାତ୍ର ରାତିକ ଭିତରେ ଦିଲ୍ଲୀରେ ବାୟୁର ବୁଣବତା ତଥା ଏମକ୍ୟୁଆର ମାତ୍ର ୩୫୦କୁ ବୃଦ୍ଧି ପାଇଛି। ଦୀପାବଳୀ ପୂର୍ବରୁ ଏକକ୍ୟୁଆର ମାତ୍ର ୧୫୬.୬ ରହିଥିଲା। ଉଲ୍ଲେଖଯୋଗ୍ୟ ଯେ, ଗତବର୍ଷ ଦୀପାବଳୀ ପରଦିନ ଦିଲ୍ଲୀରେ ଏକକ୍ୟୁଆର ୩୨୮ ଥିଲାବେଳେ ୨୦୨୩ରେ ୨୦୧୮ ଓ ୨୦୨୨ରେ ୩୧୨ ଥିଲା। କେନ୍ଦ୍ର ପ୍ରଦୁଷଣ ନିୟନ୍ତ୍ରଣ ବୋର୍ଡର ତଥ୍ୟ ଅନୁଯାୟୀ ଗତ ୫ବର୍ଷ ମଧ୍ୟରେ ଏହା ସର୍ବୋଚ୍ଚ ସ୍ତରରେ ଏବଂ ସାଂଘାତିକ ସ୍ଥିତି ବୋଲି କୁହାଯାଇଛି। ସେହିପରି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ହୁ)ର ମାନଦଣ୍ଡ ଅନୁଯାୟୀ ଏହା ୧୦୦ଗୁଣ ଅଧିକ। ତେବେ ଦିଲ୍ଲୀର ଏହି ପ୍ରଦୁଷଣ ପାଇଁ ଚାଷୀଙ୍କ ନଡା ପୋଡିକୁ ଦାୟୀ କରାଯାଇପାରିବ ନାହିଁ। ବନ୍ୟା ଯୋଗୁ ପଞ୍ଜାବ ଓ ହରିଆନାରେ ନଡା ମୂଳ ପୋଡା ଆରମ୍ଭ ହୋଇନଥିବୀ କୁହାଯାଏ। ସେହିପି ରାଜ୍ୟରେ ବାଣ ଫୁଟା ପାଇଁ ରାଜ୍ୟ ପ୍ରଦୁଷଣ ବୋର୍ଡ ଓ ଟୁଇନସିଟିରେ କମିଶନରେଟ ପୋଲିସ ମାତ୍ର ଦୁଇଘଂଟା ସମୟ ଧାର୍ଯ୍ୟ କରିଥିବା ସତ୍ୱେ ରାତି ସାରା ଫୁଟିଥିଲା। ଭୁବନେଶ୍ୱରର ଏମକ୍ୟୁଆର ହାରାହାରି ୨୯୭ ରେକର୍ଡ କରାଯାଇଥିବାବେଳେ ପଳାଶୁଣିରେ ଏମକ୍ୟୁଆର ସର୍ବୋଚ୍ଚ ୩୬୧ ଥିଲା। ତେବେ କେତେକ ବେସରକାରୀ ସଂସ୍ଥାର ଆକଳନ ଅନୁଯାୟୀ ଏମକ୍ୟୁଆର ୫୦୦ରୁ ୬୦୦ମଧ୍ୟରେ ଥିବା କୁହାଯାଇଛି। ସେହିପରି କଟକ ସହରର ସ୍ଥିତି ଅତ୍ୟନ୍ତ ସାଂଘାତିକ ହୋଇପଡିଥିବା କୁହାଯାଏ। ସହରରେ ବାୟୁ ପ୍ରଦୁଷଣ ଏମକ୍ୟୁଆର ୩୦୦କୁ ଟପିଯାଇଥିବା ଜଣାଯାଏ। କହିବା ବାହୁଲ୍ୟ ଯେ, ଧୂଳି, ଧୂଆଁ, ଓ ଆବର୍ଜନା ଯୋଗୁଁ କଟକ ସହରରେ ବାୟୁର ଗୁଣବତା ତଥା ଏମକ୍ୟୁଆର ଯେଉଁ ତଥ୍ୟ କହୁଛି, ତାହା ଅତ୍ୟନ୍ତ ଚିନ୍ତାଜନକ। ରାଜ୍ୟ ପ୍ରଦୁଷଣ ବୋର୍ଡର ରିପୋର୍ଟ ଅନୁସାରେ ଗତ ୯ମାସ ମଧ୍ୟରେ ୭୫ଦିନ ତଥା ଅଢେଇ ମାସ ଜନସାଧାରଣ ସ୍ୱଚ୍ଛ ବାୟୁ ଗ୍ରହଣ କରିଥିବାବେଳେ ୧୦୪ଦିନ ବାୟୁର ମାନ ସନ୍ତୋଷଜନକ ରହିଥିଲା। ବାକି ୮୩ଦିନ ବାୟୁର ମାନ ମଧ୍ୟମ ଓ ଅତି ପ୍ରଦୁଷିତ ରହିଥିବା କୁହାଯାଇଛି। ଆଗକୁ ଐତିହାସିକ ବାଲିଯାତ୍ରା ଆଗକୁ ବାୟୁପ୍ରଦୁଷଣ ମାତ୍ରା ଆହୁରି ଅଧିକ ହେବ ଆଶଙ୍କାକୁ ଏଡାଇ ଦିଆଯାଇନପାରେ। ଉଲ୍ଲେଖଯୋଗ୍ୟ ଯେ, ହୁ'ର ରିପୋର୍ଟ ଅନୁଯାୟୀ ବିଶ୍ୱରେ ବାର୍ଷିକ ବାୟୁ ପ୍ରଦୁଷଣ ଯୋଗୁଁ ୫୦ଲକ୍ଷରୁ ଊର୍ଦ୍ଧ୍ୱ ଲୋକଙ୍କର ମୃତ୍ୟୁ ଘଟୁଥିବାବେଳେ ଆମ ଦେଶରେ ୫ଲକ୍ଷରୁ ଅଧିକ ଲୋକଙ୍କ ଜୀବନ ଯାଉଛି। କେବଳ ରାଜଧାନୀ ଦିଲ୍ଲୀରେ ବାର୍ଷିକ ଲକ୍ଷାଧିକ ଲୋକ ମୃତ୍ୟୁବରଣ କରିଥାନ୍ତି। ଏହା ବ୍ୟତୀତ ପ୍ରତିବର୍ଷ ଶ୍ୱାସ, ହୃଦରୋଗୀଙ୍କ ସଂଖ୍ୟା ମଧ୍ୟ ବଢିଚାଲିଛି। ସେହିପରି ଉଚ୍ଚଶକ୍ତି ସମ୍ପନ୍ନ ବାଣଫୁଟାର ପ୍ରଭାବ ଲୋକଙ୍କ ଉପରେ ପଡିଛି। ବିଶେଷ କରି ଶିଶୁ, ବୃଦ୍ଧବୃଦ୍ଧା, ଶ୍ୱାସ ଓ ହୃଦରୋଗୀ ଉପରେ ବାଣଶବ୍ଦ ଏବଂ ବାୟୁ ପ୍ରଦୁଷଣ ଘାତକ ସାବ୍ୟସ୍ତ ହୋଇଛି। ଏହା ନିସନ୍ଦେହ ଯେ, ବାଣଫୁଟା ପ୍ରଭାବରେ ବିଷାକ୍ତ ଗ୍ୟାସ ଯୋଗୁଁ ଲୋକେ ଅଣନିଶ୍ୱାସୀ ହୋଇପଡିଥିବା କୁହାଯାଏ। ଏହା ସତ୍ୟ ଯେ, ଅମାନିଆ ଯୋଗୁଁ ଜୀବନ ଏବେ ବିପଦରେ। ବାୟୁ ଜୀବନ ରକ୍ଷକ ହୋଇଥିବା ଏବେ ଏବେ ପ୍ରଦୁଷିତ ବାୟୁ ଜୀବନ ନେବାର ମୁଖ୍ୟ କାରଣ ପାଲଟିଛି। ସ୍ୱଚ୍ଛ ବାୟୁ ପାଇଁ ବ୍ୟାପକ ସଚେତନତାର ଆବଶ୍ୟକତା ରହିଛି। ଏହା ନିଶ୍ଚିତ ଆମେ ନିଜେ ଯଦି ବାୟୁକୁ ସ୍ୱଚ୍ଛ, ପ୍ରଦୁଷଣ ମୁକ୍ତ ନରଖିବା ତେବେ ସ୍ୱଚ୍ଛ ବାୟୁ ପାଇବା ଦିନେ ଦୁଃସ୍ୱପ୍ନ ହୋଇଯିବ। ତେଣୁ ବାୟୁକୁ ପ୍ରଦୁଷଣମୁକ୍ତ ରଖିବା ଲାଗି ସମସ୍ତେ ସଂକଳ୍ପବଦ୍ଧ ହେବା ଲାଗି ସମୟ ଏବେ ଆସିଛି। ଅନ୍ୟ ବିପଦକୁ ଡାକି ଆଣିବା ସାର ହେବ।

# ସଂଘର ବାର୍ତା : ବିଶ୍ୱର ସମସ୍ୟାଗୁଡିକର ସମାଧାନର ରାସ୍ତା ଦେଖାଇ ପାରିବ ଭାରତ

**ଡ. ସମନ୍ୱୟ ନନ୍ଦ**

ନିଜର 'ସ୍ୱ' ର ଆଧାରରେ 'ଭାରତ ' ରାଷ୍ଟ୍ରର ପୁନଃନିର୍ମାଣର ଧ୍ୟେୟ ନେଇ ୧୯୨୫ ମସିହାରେ ଆରମ୍ଭ ହୋଇଥିବା ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ଶହେ ବର୍ଷ ପୂରଣ କରିଛି । ପ୍ରତିବର୍ଷ ସଂଘର ପ୍ରତିଷ୍ଠା ଦିବସ ବିଜୟାଦଶମୀ ଉତ୍ସବରେ ସରସଂଘଚାଳକ ତାଙ୍କ ଉଦବୋଧନକୁ ଅତ୍ୟନ୍ତ ଗୁରୁତ୍ୱ ଦିଆଯାଇଥାଏ । କାରଣ ଏହି ଉଦବୋଧନରେ ସେ ରାଷ୍ଟ୍ର ସମ୍ମୁଖରେ ଥିବା ଆହ୍ୱାନ ଓ ଏହାର ସମାଧାନ ତଥା ଆଗାମୀ ଯୋଜନା ସମ୍ପର୍କରେ ଆଲୋକପାତ କରିଥାନ୍ତି । ଚଳିତ ବର୍ଷ ସଂଘର ଶତାବ୍ଦୀ ବର୍ଷ ଆରମ୍ଭ ହୋଇଥିବା କାରଣରୁ ଚଳିତ ବିଜୟାଦଶମୀ ଉତ୍ସବରେ ସରସଂଘଚାଳକ ମୋହନ ଭାଗବତଙ୍କ ଉଦବୋଧନକୁ ଆହୁରି ଗୁରୁତ୍ୱପୂର୍ଣ୍ଣ ବୋଲି ମନେ କରାଯାଉଥିଲା । ଚଳିତବର୍ଷ ସରସଂଘଚାଳକ ତାଙ୍କ ଉଦବୋଧନରେ ସମରସତାପୂର୍ଣ ସମାଜ ତିଆରି କରିବା, ଆତ୍ମନିର୍ଭର ଭାରତ ନିର୍ମାଣ, ବିଭିନ୍ନ ସମସ୍ୟାରେ ଜର୍ଜରିତ ସମ୍ପୂର୍ଣ ବିଶ୍ୱକୁ ଭାରତ କିଭଳି ଭାବେ ତାର ସନାତନ ବିଚାର ମାଧ୍ୟମରେ ସମାଧାନର ରାସ୍ତା ଦେଖାଇ ପାରିବ ସେ ନେଇ ଚର୍ଚ୍ଚା କରିଥିଲେ ।

ତାଙ୍କ ଉଦବୋଧନରେ ସେ ଯେଉଁ ବାର୍ତା ପ୍ରଦାନ କରିଥିଲେ ତାହା କେବଳ ସଂଘର କାର୍ଯ୍ୟକର୍ତା ମାନଙ୍କ ପାଇଁ ନୁହେଁ ବରଂ ସମ୍ପୂର୍ଣ ଭାରତୀୟ ସମାଜ ଓ ସମଗ୍ର ବିଶ୍ୱ ପାଇଁ ଅତି ଗୁରୁତ୍ୱପୂର୍ଣ । ତାଙ୍କର ଚଳିତ ବର୍ଷର ବକ୍ତବ୍ୟ ରାଷ୍ଟ୍ରୀୟ ଓ ଅନ୍ତରାଷ୍ଟ୍ରୀୟ ପରିସ୍ଥିତିର କେବଳ ବିଶ୍ଲେଷଣ ନ ଥିଲା ବରଂ ଭାରତ ନିକଟରେ ଏହି ସମସ୍ତ ସମସ୍ୟା ଗୁଡିକର ସ୍ଥାୟୀ ସମାଧାନ ପାଇଁ ଦୃଷ୍ଟି ଓ ମାର୍ଗଦର୍ଶନ କରିବା ପାଇଁ ଶକ୍ତି ମଧ୍ୟ ରହିଛି । ଏହାକୁ ପ୍ରତ୍ୟେକ ଭାରତବାସୀଙ୍କୁ ବୁଝିବାକୁ ପଡିବ ।

ସେ ସ୍ପଷ୍ଟ ଶବ୍ଦରେ କହିଥିଲେ ଯେ ଗତ କିଛି ବର୍ଷ ମଧ୍ୟରେ ଭାରତ ଆତ୍ମବିଶ୍ୱାସ ଓ ଆଶାକୁ ବଢାଇବା ଭଳି ଉପଲବ୍ଧି ମାନ ଦେଖିଛି । ବିଶାଳ ପ୍ରୟାଗରାଜ କୁମ୍ଭର ଆୟୋଜନ ଓ ପହଲଗାମ ଠାରେ ସୀମା ପାର ଆତଙ୍କବାଦୀ ମାନଙ୍କ ଦ୍ୱାରା ଧର୍ମ ପଚାରି ହତ୍ୟା କରାଯିବା ଘଟଣା ପରେ ଅପରେସନ ସିନ୍ଦୁର ଜରିଆରେ ଭାରତୀୟ ସେନାର ଶକ୍ତିଶାଳୀ ପ୍ରତିକ୍ରିୟା ହେଉଛି ଏହାର ଉଦାହରଣ । ସମାଜର ଏକତା ଓ ସେନାର ପରାକ୍ରମ ସ୍ପଷ୍ଟ କରିଛି ଯେ ଭାରତ ନିଜର ସୁରକ୍ଷା ପ୍ରତି ସଚେତନ ଓ ସମର୍ଥ । ଅପରେସନ ସିନ୍ଦୁର ସମୟରେ ବିଭିନ୍ନ ଦେଶ କେତେ ମାତ୍ରାରେ ଭାରତର କିଏ ମିତ୍ର ଓ କେତେ ମାତ୍ରାରେ ମିତ୍ର ତାହା ମଧ୍ୟ ସ୍ପଷ୍ଟ କରି ଦେଇଛି । ନକ୍ସଲବାଦ ନିୟନ୍ତ୍ରଣକୁ ନେଇ ମିଳିଥିବା ସଫଳତାର ମଧ୍ୟ ସେ ଉଲ୍ଲେଖ କରିଥିଲେ । ବିଭିନ୍ନ ପଡୋଶୀ ଦେଶରେ ହିଂସାତ୍ମକ ଉପଦ୍ରବ ଜରିଆରେ କ୍ଷମତା ପରିବର୍ତନ ଉପରେ ମନ୍ତବ୍ୟ ଦେଇ ସେ କହିଛନ୍ତି ଯେ ଗଣତାନ୍ତ୍ରିକ ମୂଲ୍ୟବୋଧ ଜରିଆରେ ମଧ୍ୟ ପରିବର୍ତନ ସମ୍ଭବ । କ୍ରାନ୍ତି ନାମରେ ଏଭଳି ହିଂସାତ୍ମକ ଆନ୍ଦୋଳନ ଉଚିତ ନୁହେଁ ବରଂ ବିଦେଶୀ ଶକ୍ତି ମାନେ ଏଥିରୁ ଲାଭ ଉଠାଇବାକୁ ଚେଷ୍ଟା କରିଥାନ୍ତି । ଭାରତର ଜନସାଧାରଣଙ୍କୁ ଏଥି ପାଇଁ ସେ ସତର୍କ କରାଇଥିଲେ । ଭାରତକୁ ଅସ୍ଥିର କରିବାକୁ ଅନେକ ବିଦେଶୀ ଶକ୍ତି ପ୍ରୟାସରେ ଲାଗିଛନ୍ତି।

ଶ୍ରୀ ଭାଗବତ ଦେଶର ଅର୍ଥନୀତିର ପ୍ରଗତିକୁ ସକାରାତ୍ମକ ବୋଲି ଉଲ୍ଲେଖ କରିବା ସହ କହିଥିଲେ ଯେ ବର୍ତ୍ତମାନର ଉପଭୋଗବାଦୀ ବିକାଶ ମଡେଲର କୁଫଳ ବର୍ତମାନ ସାମ୍ନାକୁ ଆସୁଛି। ଉପଭୋଗବାଦୀ ବିକାଶ ମଡେଲ କାରଣରୁ ଶୋଷଣର ନୂଆ ତନ୍ତ୍ର, ପରିବେଶର ହାନି ଏବଂ ମାନବୀୟ ସମ୍ପର୍କରେ ଅବନତି ଘଟୁଛି । ଏସବୁ ଚ୍ୟାଲେଞ୍ଜ ଭାରତ ସମ୍ମୁଖରେ ମଧ୍ୟ ଅଛି। ଏହାର ସମାଧାନ କେବଳ 'ସ୍ୱଦେଶୀ' ଓ 'ସ୍ୱାବଲମ୍ବନ' ନୀତି ଦ୍ୱାରା ସମ୍ଭବ। ଶ୍ରୀ ଭାଗବତ ବିଶେଷ କରି ହିମାଳୟରେ ହେଉଥିବା ଜଳବାୟୁ ସଙ୍କଟ ଏବଂ ଦକ୍ଷିଣ ଏସିଆ ଉପରେ ତାହାର ପ୍ରଭାବ ବିଷୟରେ ଧ୍ୟାନ ଆକର୍ଷଣ କରିଥିଲେ। ସେ ସଚେତନ କରିଥିଲେ ଯେ ଭାରତକୁ ଏହା ଉପରେ ଗୁରୁତ୍ୱର ସହିତ ବିଚାର କରିବାକୁ ପଡିବ, କାରଣ ପରିବେଶୀୟ ଅସନ୍ତୁଳନ ସିଧାସଳଖ ବାସ୍ତବ ଅସ୍ତିତ୍ୱ ସଙ୍କଟରେ ପରିଣତ ହୋଇପାରେ।

ଆଧୁନିକ ବିଶ୍ୱର ବିକାଶ ମଡେଲ କିଭଳି ଭାବେ ଅସମ୍ପୂର୍ଣ ତାହାକୁ ସରସଂଘଚାଳକ ଅତ୍ୟନ୍ତ ପ୍ରାଂଜଳ ଭାବେ ବୁଝାଇଥିଲେ । ଆଧୁନିକ ବିକାଶ ମଡେଲ ଦ୍ୱାରା ବିଜ୍ଞାନ ଓ ଟେକ୍ନୋଲଜୀର ପ୍ରଗତି କାରଣରୁ ଭୌତିକ ବିକାଶ ହେଉଛି ସଜ ହେଲେ ମାନବ ଜୀବନରେ ଅନେକ ସମସ୍ୟା ମଧ୍ୟ ଉତ୍ପନ୍ନ ହୋଇଛି । ସର୍ବତ୍ର ଯୁଦ୍ଧ, ଛୋଟ ବଡ କଳହ, ପରିବେଶର କ୍ଷରଣ କାରଣରୁ ପ୍ରକୃତିର ଉଗ୍ର ରୂପ, ସମାଜ ଓ ପରିବାରର ବିଘଟନ ଆଦି ଦେଖିବାକୁ ମିଳୁଛି । ଏ ସବୁର ସମାଧାନ ପାଇଁ ପ୍ରୟାସ ହେଉଛି ହେଲେ ସମାଧାନ ମିଳି ପାରୁ ନାହିଁ। ଏହାର ସମାଧାନ ଭାରତର ସନାତନ ବିଚାରରେ ରହିଛି । ଭାରତର ଆଧାତ୍ମିକ ସନାତନ ବିଚାର ବ୍ୟକ୍ତି, ସମାଜ ଓ ସୃଷ୍ଟି ଏହି ତିନୋଟିର ସମନ୍ୱିତ ବିକାଶ ଉପରେ ଗୁରୁତ୍ୱ ଦେଇଥାଏ । ତେଣୁ ଏବେ ଏହି ସମସ୍ୟାର ସମାଧାନ ପାଇଁ ବିଶ୍ୱ ଭାରତୀୟ ଦୃଷ୍ଟି ଓ ଭାରତୀୟ ଚିନ୍ତନକୁ ଅପେକ୍ଷା କରିଛି । ଏହି ଦୃଷ୍ଟି ଭାରତକୁ 'ବିଶ୍ୱ ଗୁରୁ' ଭୂମିକା ନିର୍ବାହ କରିବାର ଯୋଗ୍ୟ କରିଥାଏ । ଶ୍ରୀ ଭାଗବତ ତାଙ୍କ ଉଦବୋଧନରେ କହିଥିଲେ ଯେ, କେବଳ ଶାସନ-ପ୍ରଶାସନର ନୀତିମାନଙ୍କ ଦ୍ୱାରା ସମାଜରେ ପରିବର୍ତ୍ତନ ସମ୍ଭବ ନୁହେଁ। ଏହା ପାଇଁ ସମାଜକୁ ସଚେତନ ହେବାକୁ ଓ ଆଚରଣରେ ପରିବର୍ତ୍ତନଶୀଳ ହେବାକୁ ପଡିବ। ସେ ସଂଘର ଶାଖାକୁ ଏହି ପ୍ରକ୍ରିୟାର କେନ୍ଦ୍ର ବୋଲି ବର୍ଣ୍ଣନା କରିଥିଲେ,ଯେଉଁଠାରେ ବ୍ୟକ୍ତିଗତ ସଦ୍ଗୁଣ, ସାମୁହିକତା ଓ ସମାଜସେବାର ସଂସ୍କାର ମିଳେ ।ଶ୍ରୀ ଭାଗବତ ତାଙ୍କ ଉଦବୋଧନ ଆହୁରି କହିଥିଲେ ଯେ ସର୍ବ ପ୍ରଥମେ ବ୍ୟକ୍ତି ନିର୍ମାଣ ହେବା ଜରୁରୀ । ବ୍ୟକ୍ତି ନିର୍ମାଣ ଦ୍ୱାରା ସମାଜ ପରିବର୍ତ୍ତନ ହୋଇ ପାରିବ ଓ ଏହା ଦ୍ୱାରା ବ୍ୟବସ୍ଥାରେ ପରିବର୍ତ୍ତନ ହୋଇପାରିବ । ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ଶାଖା ମାଧ୍ୟମରେ ଏହି ଉଦ୍ଦେଶ୍ୟ ପୂର୍ତି ପାଇଁ କାର୍ଯ୍ୟ କରି ଆସୁଛି । ସ୍ୱୟଂସେବକମାନେ ନିଜ ଜୀବନ ଦ୍ୱାରା ଉଦାହରଣ ସୃଷ୍ଟି କରନ୍ତୁ ଓ ସମାଜକୁ ପ୍ରେରିତ କରନ୍ତୁ ବୋଲି ସେ ଆହ୍ୱାନ ଜଣାଇଥିଲେ ।

ସରସଂଘଚାଳକ ତାଙ୍କର ଉଦବୋଧନରେ ଭାରତର ସାଂସ୍କୃତିକ ବିବିଧତାକୁ ଏହାର ଶକ୍ତି ବୋଲି କହିଥିଲେ । ଏହା ସହିତ ସେ ସତର୍କ ମଧ୍ୟ କରି କହିଥିଲେ , ଏହି ବିବିଧତା ବିଭାଜନର କାରଣ ହେବା ଉଚିତ୍ ନୁହେଁ। ଭାରତର ଏହି ଏକତାକୁ ଡ଼ା. ଅମ୍ବେଡକରଙ୍କର "ଅନ୍ତର୍ନିହିତ ସାଂସ୍କୃତିକ ଏକତା" (ଓଭଷରବ୍ୱରଭଣ୍ୱ ଉଙ୍କଷଣ୍ୱଙ୍କବ୍ୱବକ୍ଷ ଟଭସଣ୍ୱଚ୍ଚ) ବୋଲି କହିଛନ୍ତି । ଭାରତର ରାଷ୍ଟ୍ରୀୟତା କୌଣସି "ନେସନ-ଷ୍ଟେଟ୍" (ଘବଣ୍ୱସକ୍ଷଭ-ଝଣ୍ୱବଣ୍ୱର) ର ଧାରଣା ଉପରେ ନୁହେଁ, ବରଂ ସାଧାରଣ ସାଂସ୍କୃତି, ପରମ୍ପରା ଓ ମାତୃଭୂମି ଭକ୍ତି ଉପରେ ଆଧାରିତ। ଏହି "ହିନ୍ଦୁ ରାଷ୍ଟ୍ରୀୟତା" ଆମକୁ ଏକତାର ସୂତ୍ରରେ ବାନ୍ଧି ଥାଏ ବୋଲି ସେ ସ୍ପଷ୍ଟ କରିଥିଲେ ।

ଶତାବ୍ଦୀ ବର୍ଷକୁ ଦୃଷ୍ଟିରେ ରଖି ସେ ସଂଘର ଆଗାମୀ ଲକ୍ଷ୍ୟ ଓ ଯୋଜନା ସମ୍ପର୍କରେ ମଧ୍ୟ ସେ ସ୍ପଷ୍ଟ ଭାବେ ଉଲ୍ଲେଖ କରିଥିଲେ । ରାଷ୍ଟ୍ରୀୟ ସ୍ୱୟଂସେବକର ପଂଚ ପରିବର୍ତନ ମଧ୍ୟରେ ସାମାଜିକ ସମରସତା, କୁଟୁମ୍ବ ପ୍ରବୋଧନ , ପରିବେଶ ସୁରକ୍ଷା, ସ୍ୱ ବୋଧ- ସ୍ୱଦେଶୀ-ସ୍ୱାବଲମ୍ବନ ଓ ନାଗରିକ ଅନୁଶାସନ ଓ ସଂବିଧାନ ପାଳନ ସାମିଲ ରହିଛି । ଏହି ପାଞ୍ଚଟି କ୍ଷେତ୍ରରେ ସ୍ୱୟଂସେବକମାନେ ନିଜ ଜୀବନ ଓ ପରିବାରରେ ପରିବର୍ତ୍ତନର ଉଦାହରଣ ହୋଇଥିବା ଆବଶ୍ୟକ ବୋଲି ସେ କହିଛନ୍ତି । ଆଗାମୀ ଦିନ ମାନଙ୍କର ସ୍ୱୟଂସେବକ ମାନେ ପଂଚ ପରିବର୍ତନ ଆଧାରରେ କାର୍ଯ୍ୟ କରିବେ ବୋଲି କହିଥିଲେ । ଦେଶର ସମସ୍ତ ସଜ୍ଜନ ଶକ୍ତି ମାନଙ୍କୁ ସ୍ୱୟଂସେବକ ମାନେ ଯୋଡି ଲକ୍ଷ୍ୟ ହାସଲ କରିବା ଦିଗରେ କାମ କରିବେ।

ମୋହନ ଭାଗବତଙ୍କ ଏହି ବିଜୟାଦଶମୀ ଉତ୍ସବର ବାର୍ତା ସ୍ପଷ୍ଟ କରିଛି ଯେ ସଂଘ କେବଳ କୌଣସି ସଂଗଠନ ନୁହେଁ ବରଂ ସମାଜ ଓ ରାଷ୍ଟ୍ର ନିର୍ମାଣ ପାଇଁ ଚାଲିଥିବା ଏକ ଯଜ୍ଞ ଯାହା ଗତ ଏକ ଶହ ବର୍ଷ ଧରି ଚାଲି ଆସିଛି ।ଏହି ଯଜ୍ଞରେ ହଜାର ହଜାର ମୌନ ତପସ୍ୱୀ ନିଜ ଜୀବନକୁ ତିଳ ତିଳ କରି ଜଳାଇଛନ୍ତି । ଭାରତ ନିଜର ସାଂସ୍କୃତିକ ଦୃଷ୍ଟି ଓ ଚରିତ୍ର ନିର୍ମାଣର ଶକ୍ତି ଜରିଆରେ ସମଗ୍ର ବିଶ୍ୱକୁ ନୂଆ ଦିଗ ଦେଇ ପାରିବ । ଆଜି ଯେତେବେଳେ ବୈଶ୍ୱିକ ସ୍ତରରେ ଯୁଦ୍ଧ, ଆତଙ୍କବାଦ, ଜଳବାୟୁ ସଂକଟ ଭଳି ଆହ୍ୱାନ ମାନ ଦେଖା ଦେଇଛି ଓ ଏହାର ସମାଧାନର ରାସ୍ତା ବାହାରି ପାରୁ ନାହିଁ ସେତେବେଳେ ଭାରତ ଠାରୁ ଆଶା କିରଣ ଦେଖା ଯାଉଛି । ।ସମ୍ପୂର୍ଣ ବିଶ୍ୱର କଲ୍ୟାଣର ମାର୍ଗ ଭାରତ ନିକଟରେ ରହିଛି। ଏହି ମାର୍ଗ ଭାରତର ମୁନି ଋଷି ମାନେ ହଜାର ହଜାର ବର୍ଷର ତପସ୍ୟା ଓ ସାଧନା କରି ଆମକୁ ଦେଖାଇଛନ୍ତି । ସମଗ୍ର ବିଶ୍ୱ ଓ ସମ୍ପୂର୍ଣ ମାନବିକତାର କଲ୍ୟାଣ ପାଇଁ ଏହି ମାର୍ଗ ବିଶ୍ୱକୁ ପ୍ରଦାନ କରିବା ହେଉଛି ଭାରତର କର୍ତବ୍ୟ । ଏହା ପ୍ରତ୍ୟେକ ଭାରତବାସୀଙ୍କୁ ବୁଝିବାକୁ ପଡିବ ।

# ଆନନ୍ଦ ଓ ଆହ୍ଲାଦର ସହ ଭଗବାନଙ୍କ ନାମ ଜପ

**ଡକ୍ଟର ସୁରେଶ କୁମାର ନାୟକ**

ଆପଣ ବାୟୁମଣ୍ଡଳରେ ସୁବାଷିତ ମହକ ଅନୁଭବ କରୁଥିବେ। ସେହିପରି ଅନ୍ୟ କେଉଁଠି ଦୁର୍ଗନ୍ଧର ଅତିଷ୍ଠ ବାସ୍ନା ଆପଣଙ୍କୁ ବ୍ୟଥିତ କରିପାରେ। କଥାଟି ଏହିପରି ବାୟୁମଣ୍ଡଳରେ ଉଚ୍ଚ ଆକାଶରେ ଧୂଳିକଣା ପବନରେ ମୁକ୍ତ ଭାବରେ ବିଚରଣ କରୁଥାଏ। କିନ୍ତୁ ଏହା କଳୁଷିତ ପାଣି ସହିତ ସମ୍ମିଶ୍ରିତ ହୋଇଗଲେ ଏହା ପାଲଟି ଯାଏ କାଦୁଅ। ମଲ୍ଲୀ ଫୁଲକୁ ବା ବିଭିନ୍ନ ବାସ୍ନାର ଫୁଲ ଗୁଡ଼ିକ ବାୟୁର ମାଧ୍ୟମରେ ନିଜ ସୌଗନ୍ଧ ବିତରଣ କରନ୍ତି। କିନ୍ତୁ ସେହି ବାୟୁ ଯେତେବେଳେ କୌଣସି ଦୂଷିତ ବସ୍ତୁ ବା ଦ୍ରବ୍ୟ ଉପରେ ଆତଯାତ ହୁଏ ତମାମ ବାୟୁ ମଣ୍ଡଳଟି ଦୁର୍ଗନ୍ଧରେ ଭରିଯାଏ। ସେହିପରି ଆମେ ଶୁଆର ଉଦାହରଣ ରଖୁଥାଉ। ସାଧୁ ସଙ୍ଗରେ ବାସ କଲେ ରାମ ନାମ ଓ ଦୁର୍ଜନଙ୍କ ସହିତ ବାସ କଲେ ଗାଳି ରାବ। ଅତଏବ ଏହାର ଅନୁଚିନ୍ତନର ଅନ୍ତରାର୍ଥ ହେଉଛି ଆମ୍ଭେମାନେ ଗୁରୁଦେବଙ୍କ ସାନ୍ନିଧ ଲାଭ କଲେ ଜ୍ଞାନ ଉଦୟ ହୋଇଥାଏ। ଆମ୍ଭେମାନେ ଶାଶ୍ୱତ ଶାନ୍ତି ରାଜ୍ୟରେ ବିଚରଣ କରିବାର ସୁଯୋଗ ପ୍ରାପ୍ତ ହୋଇଥାଉ।

ସଂସାରରେ ଜଣେ ଯେତେ ଆଧାତ୍ମିକ ପୁସ୍ତକ ପଢୁ ନା କାହିଁକି ତିନୋଟି କଥା ମନୁଷ୍ୟକୁ କୁହାଯାଇଥାଏ – 'ଏହି ସଂସାରକୁ କଦାପି ବିଶ୍ୱାସ କରନାହିଁ, ଭଗବାନଙ୍କୁ କଦାପି ଭୁଲ ନାହିଁ, ଆଉ ମୃତ୍ୟୁକୁ କଦାପି ଭୟ କରନାହିଁ।' ଏହି ତିନୋଟି ଆବଶ୍ୟକ। ଆମ୍ଭେମାନେ ଭଗବାନଙ୍କ ଉପରେ ପୂର୍ଣ୍ଣ ବିଶ୍ୱାସ ରଖିବା ଉଚିତ। ଏହି ସଂସାରକୁ ବିଶ୍ୱାସ କରନାହିଁ, କାରଣ ସଂସାର କ୍ଷଣକୁ କ୍ଷଣ ବଦଳିଥାଏ। ଭଗବାନଙ୍କୁ କଦାପି ଭୁଲ ନାହିଁ। ନିଜ ଗୁରୁଙ୍କ ପଦାରବିନ୍ଦରେ ସବୁବେଳେ ନିଜକୁ ସମର୍ପିତ କରି ସତକର୍ମରେ ନିଜକୁ ଆଗେଇ ନେବା ସହ ମୃତ୍ୟୁ ପ୍ରତି କଦାପି ଭୟଭୀତ ହେବା ଅନୁଚିତ। ବେଦାନ୍ତୀୟ ଭାଷାରେ ଏଗୁଡ଼ିକ ମୁଖ୍ୟ ତତ୍ତ୍ୱ। ଦିବ୍ୟତ୍ୱକୁ ଏକ ନିର୍ଦ୍ଦିଷ୍ଟ ସ୍ଥାନ ଓ ପରିସ୍ଥିତି ମଧ୍ୟରେ ସୀମିତ କରିବା ନିର୍ବୋଧତା। ଦିବ୍ୟତ୍ୱ ସର୍ବତ୍ର ବିଦ୍ୟମାନ। ଦିବ୍ୟତ୍ୱ ନଥିବା କୌଣସି ସ୍ଥାନ ନାହିଁ। ଏହା ବିନା କୌଣସି ରୂପ ନାହିଁ। ଏହା ବିନା କୌଣସି ପଦାର୍ଥ ନାହିଁ। ଏହା ଉଭୟ ଚର ଓ ଅଚର ମଧ୍ୟରେ ବିଦ୍ୟମାନ। ସବୁ କିଛି ଅଣୁରେ ଗଢ଼ା ବୋଲି ବୈଜ୍ଞାନିକମାନେ କହନ୍ତି। ସମଗ୍ର ଜଗତ, କାଠ ଖଣ୍ଡରୁ ବକ୍ତା ପର୍ଯ୍ୟନ୍ତ, ଅଣୁରେ ଗଢ଼ା। ସବୁକିଛି ଆଣବିକ ଶକ୍ତିର ସମାହାର। ତେଣୁ ସେମାନେ ଏହାକୁ ଅଣୁ ବୋଲି କହନ୍ତି। କିନ୍ତୁ ଆଧ୍ୟାତ୍ମବାଦୀମାନେ ଏହାକୁ ଶକ୍ତି ବୋଲି କହନ୍ତି। ସେମାନେ ଏହାକୁ ଊର୍ଜ୍ଜା ବୋଲି କହନ୍ତି। ନାମରେ ଭିନ୍ନତା ଅଛି, କିନ୍ତୁ ରୂପ ସମାନ। ଯେଉଁଠାରେ ଅଣୁ ଅଛି ସେଠାରେ ଦିବ୍ୟତ୍ୱ ଅଛି। ପ୍ରତ୍ୟେକ ଅଣୁର ଏକ ନିର୍ଦ୍ଦିଷ୍ଟ ରୂପ ଅଛି। ରୂପ ବିନା ଅଣୁ ନାହିଁ। ଭଗବାନଙ୍କ ଠାରେ ପୂର୍ଣ୍ଣ ବିଶ୍ୱାସ ରହିବା ବେଳେ ଆମେ ଜାଣିବା ଉଚିତ ଯେ ଭଃାନ ଆମ ହୃଦୟ ଭିତରେ ବିଦ୍ୟମାନ ଅଛନ୍ତି। ଭଗବାନଙ୍କର ଅନେକ ରୂପ ଅଛି। ଭଗବାନ ବିବିଧ ରୂପରେ ବିଶ୍ୱାତ୍ମକ। ପର୍ବତ ଗୁଡ଼ିକ ପଥରରେ, ବନ ଗୁଡ଼ିକ ଗଛରେ, ସମୁଦ୍ର ଗୁଡ଼ିକ ଜଳରେ, ପୃଥିବୀ ମୃତ୍ତିକାରେ ଓ ମନୁଷ୍ୟ ଶରୀର ମାଂସରେ ଗଠିତ। ସବୁ କିଛି ପଞ୍ଚଭୂତର ସମାହାର ଏବଂ ସେଥିପାଇଁ ସବୁ କିଛି ଭଗବାନଙ୍କର ପରିପ୍ରକାଶ। ଭଗବାନ ଏକ ଭିନ୍ନ ରୂପ ନୁହନ୍ତି। ଏହି କଥା ଅନ୍ଧ ଓ ଅଜ୍ଞଜନଙ୍କୁ ପ୍ରଦର୍ଶିତ କରିବା ପାଇଁ ଭଗବାନ ଅବତାର ରୂପରେ ଅବତରଣ କରନ୍ତି।

ମନୁଷ୍ୟକୁ ନେଇ ଆନନ୍ଦ ସାଗରର ଅପରପାର୍ଶ୍ୱରେ ଅର୍ଥାଥ ମୋକ୍ଷ ସ୍ଥଳରେ ପହଞ୍ଚାଇଦେବା ଲାଗି ସତସଙ୍ଗ ହିଁ ଏକମାତ୍ର ନିରାପଦ ନୌକା। ତେଣୁ ସେହି ନୌକାରେ ଚଢ଼ିବାର ସୁଯୋଗ ଯେପରି ଆମେ ନହରାନ୍ତି। ପୃଥିବୀରେ ସବୁ ପ୍ରାଣୀ ସେମାନଙ୍କର ନିଜର କର୍ତ୍ତବ୍ୟ ସମ୍ପାଦନ କରନ୍ତି। ପଶୁ, ପକ୍ଷୀ, ଜୀବଜନ୍ତୁ ଓ ମଶା ସୂକ୍ଷ୍ମ ଭାବରେ ନିଜର କର୍ତ୍ତବ୍ୟ ସମ୍ପାଦନ କରନ୍ତି। କେବଳ ମଣିଷ ତାର ଦାୟିତ୍ୱ ଭୁଲି ଯାଇଛି। ପକ୍ଷୀମାନେ ଋତୁ ଓ ହେତୁର ଅନୁସରଣ କରନ୍ତି, କିନ୍ତୁ ମନୁଷ୍ୟର ଋତୁ ନାହିଁ କି ହେତୁ ନାହିଁ। ଏହି କାରଣରୁ ମାନବଜାତିକୁ ସୁଧାରିବା ପାଇଁ ଭଗବାନ ମନୁଷ୍ୟ ରୂପରେ ଅବତରଣ କରନ୍ତି। ଯଦି ଗୋଟିଏ ଚିଲ ଆମ ପାଖକୁ ଆସେ ଏବଂ ଆମର ଦୋଷ ଦେଖାଏ ତେବେ ଆମେ ତାକୁ ଟେକା ମାରି ଉଡ଼େଇଦେବା। ସେଥିପାଇଁ ସେ ମାନବ ରୂପ ଧାରଣ କରନ୍ତି। ବୈଜ୍ଞାନିକମାନେ ପରୀକ୍ଷା କରିବାରେ ସବୁ ସମୟ ଅତିବାହିତ କରନ୍ତି। ତଥାପି ସେମାନେ ଅନୁଭୂତିବିରହିତ। ଆମେ ଏସବୁ ପରୀକ୍ଷାରୁ କ'ଣ ପାଉଛୁ ? ଗତକାଲିର ଆବିଷ୍କାର ଆଜି ନୂଆ ଦିଶେ ଓ ଆଜିର ଆବିଷ୍କାର କାଲିକୁ ନୂଆ ଦିଶିବ। ଏହା ହିଁ ସାର। ଏହାର କିଛି ଉପଯୋଗିତା ନାହିଁ। ଭକ୍ତିମାର୍ଗ ଜ୍ଞାନମାର୍ଗ ଅପେକ୍ଷା ସହଜତର। ଜ୍ଞାନ ଅତି କଷ୍ଟକର। ଏହା ପ୍ରତ୍ୟେକଙ୍କୁ ଦିଆଯାଇନାହିଁ। ଆମର ଦୃଷ୍ଟିକୁ ଭଗବାନଙ୍କ ଆଡ଼କୁ ନିର୍ଦ୍ଦେଶିତ କରିବା। ତେବେ ସବୁ କିଛି ଆମ ପାଖକୁ ଆସିପାରିବ। ଏହି ଭକ୍ତିର ଊର୍ଦ୍ଧ୍ୱରେ ଆଉ କିଛି ନାହିଁ। ଆନନ୍ଦ ଓ ଆହ୍ଲାଦର ସହ ଭଗବାନଙ୍କ ନାମ ଜପ କରିବା ଯାହାଦ୍ୱାରା ଆମ୍ଭେମାନେ ଏ ପୃଥିବୀରେ ସବୁକିଛିକୁ ପ୍ରାପ୍ତ ହେବା ସହ ଦିବ୍ୟ ଜୀବନ ଓ ଶାନ୍ତିର ଅଧିକାରୀ ହୋଇପାରିବା। ଜୀବନ କ୍ଷୁଦ୍ର ଏଣେ ସମୟ ପ୍ରଖର ବେଗରେ ଗଡ଼ି ଚାଲିଛଇ। ମୃତ୍ୟୁ ଅପେକ୍ଷା କରି ରହିଛି କେଉଁ ମୁହୂର୍ତ୍ତରେ ଆମ୍ଭ ମାନଙ୍କୁ ତାର ସର୍ବଗ୍ରାସି ଆହ୍ୱାନ ଭିତରେ ସ୍ଥାନ ଦେବା ପାଇଁ। ଆତ୍ମସାକ୍ଷାତ କରି ସତଚିତ ଆନନ୍ଦ ପରମାତ୍ମାଙ୍କ ସାକ୍ଷାତ ଲାଭ ଉଠାଇ ଦିବ୍ୟ ଗୁରୁଦେବଙ୍କ ନାମ ସ୍ମରଣ କଲେ ଜୀବନ ଚକ୍ରରୁ ମୁକ୍ତି ପାଇ ପାରିବା।

ଅଧ୍ୟକ୍ଷ, ଏସେଲ୍ସ ପବ୍ଲିକ ସ୍କୁଲ, ସେକ୍ଟର-୯, ସିଡିଏ, କଟକ
E-mail : s271169@gmail.com

# ରାମଙ୍କ ଜନ୍ମ

**ଡାକ୍ତର ଦିଲ୍ଲୀପ କୁମାର ମହାରଣା**

ସେ ଅଯୋଧ୍ୟା ଆସିବା ପରେ ତାଙ୍କୁ ବଶିଷ୍ଠ, ବାମଦେବ ପ୍ରଭୃତି ଋତ୍ୱିକ ବ୍ରାହ୍ମଣମାନଙ୍କୁ ଯଜ୍ଞର ସଂକଳ୍ପ ଜଣାଇଲେ ଏବଂ ଯଜ୍ଞର ଆୟୋଜନ କରିବା ପାଇଁ ବ୍ୟବସ୍ଥା କରାଗଲା ଏବଂ ଋଷ୍ୟଶୃଙ୍ଗଙ୍କୁ ଯଜ୍ଞ କରିବା ପାଇଁ ଅନୁରୋଧ କଲେ। ଦଶରଥଙ୍କୁ ଯଥାବିଧି ଯତ୍ନ କରି ସକଳ ବର୍ଣ୍ଣର ଲୋକଙ୍କୁ ଉପଯୁକ୍ତ ମର୍ଯ୍ୟାଦା ଦେଲେ। ଦିନେ ରାଜା ଯଜ୍ଞ ଭୂମିକୁ ଯାଇ ପତ୍ନୀଗଣଙ୍କ ସହିତ ଯଜ୍ଞ ଦୀକ୍ଷିତ ହେଲେ। ଅଶ୍ୱମେଧ ଯଜ୍ଞ ବର୍ଷକ ପୂର୍ବରୁ ଛାଡ଼ିଥିବା ଅଶ୍ୱ ବର୍ଷକ ପରେ ଫେରି ଆସିଲା। ଋଷ୍ୟଶୃଙ୍ଗଙ୍କୁ ପୁରୋହିତ କରି ବଶିଷ୍ଠାଦି ଋଷିଗଣ ଯଜ୍ଞ କର୍ମ ଆରମ୍ଭ କଲେ। ଯଜ୍ଞ ସ୍ଥଳରେ କାଷ୍ଠ ନିର୍ମିତ, ବସ୍ତ୍ର ଓ ସ୍ୱର୍ଣ୍ଣାଳଙ୍କାରେ ଭୂଷିତ ଗୋଟିଏ ଯୂପ କାଠ ଥିଲା। ବ୍ରାହ୍ମଣମାନଙ୍କ ଦ୍ୱାରା ଇଟା ଲଗାଇ କୁଣ୍ଡ ନିର୍ମାଣ କରି ସେଥିରେ ସ୍ୱର୍ଣ୍ଣପକ୍ଷ ଗୁରୁଡ଼ାକାର ଅଗ୍ନି ସ୍ଥାପନ କରାଗଲା। ଦେବତାମାନଙ୍କ ଉଦ୍ଦେଶ୍ୟରେ ପଶୁ, ପକ୍ଷୀ ଓ ଅଶ୍ୱ ସଂଗୃହୀତ କରାଯାଇଥିଲା। ସେ ସବୁକୁ ଋଷିଗଣ ଶାସ୍ତ୍ର ଅନୁସାରେ ବଧ କଲେ। ଯଜ୍ଞ ହୋଇଥିବା ଅଶ୍ୱକୁ କୌଶଲ୍ୟା ପରମ ଆନନ୍ଦରେ ତିନିଥର ଖଡ୍ଗ ଦ୍ୱାରା ହାଣି ବଧ କଲେ। ତା'ପରେ ସେ ଧର୍ମକାମନା କରି ସେଇ ଅଶ୍ୱ ସହିତ ଗୋଟିଏ ରାତି ଅତିବାହିତ କଲେ। ଶ୍ରୌତକର୍ମରେ ନିପୁଣ ଋତ୍ୱିକ ସେଇ ଅଶ୍ୱର ଶରୀରକୁ ନେଇ ଯଥାସାଧ ହୋମ କଲେ ଏବଂ ସେଇ ଅଗ୍ନିର ଧୂଆଁ ଦଶରଥ ଆଘ୍ରାଣ କଲେ। ରାଜା ଯାଜକ ଓ ବ୍ରାହ୍ମଣ ମାନଙ୍କୁ ପ୍ରଚୁର ଦକ୍ଷିଣା ପ୍ରଦାନ କଲେ। ଏହାପରେ ଋଷ୍ୟଶୃଙ୍ଗ ମନ୍ତ୍ର ଦ୍ୱାରା ଯଥାବିଧି ପୁତ୍ରେଷ୍ଟି ଯଜ୍ଞ ଆରମ୍ଭ କଲେ। ପୁତ୍ର କାମନାରେ ଏଇ ଯଜ୍ଞ କରାଯାଏ। ଏଇ ସମୟରେ ଦେବଗଣ ବ୍ରହ୍ମାଙ୍କ ପାଖକୁ ଯାଇ କହିଲେ – ରାକ୍ଷସ ରାବଣ ଆପଣଙ୍କ ବର ପାଇ ଆମ୍ଭମାନଙ୍କୁ ପୀଡ଼ା ଦେଉଛି। ତାକୁ ନଷ୍ଟ କରିବା ପାଇଁ ଆଗେ ବ୍ୟବସ୍ଥା କରନ୍ତୁ। ବ୍ରହ୍ମା କହିଲେ – ରାବଣ ମୋ ପାଖରୁ ବର ମାଗିଥିଲା ଗନ୍ଧର୍ବ, ଯକ୍ଷ ଓ ରାକ୍ଷସ ହାତରେ ତା'ର ମୃତ୍ୟୁ ହେବନାହିଁ। ମୁଁ ମଧ୍ୟ ତାକୁ ସେଇ ବର ଦେଇଥିଲି। ସେ ଅବଜ୍ଞା କରି ମଣିଷମାନଙ୍କ ନାମ ଉଚ୍ଚାରଣ କରିନଥିଲା। ତେଣୁ ସେଇ ମଣିଷ ହିଁ ତାଙ୍କୁ ବଧ କରିବ।

ଏପରି ସମୟରେ ଶଙ୍ଖ, ଚକ୍ର, ଗଦା, ପଦ୍ମ ଧରି ଗରୁଡ଼ ବାହନ ଉପରେ ଆସି ସେଠାରେ ଭଗବାନ ବିଷ୍ଣୁ ଉପସ୍ଥିତ ହେଲେ। ଦେବତାମାନେ ତାଙ୍କୁ ସ୍ତୁତି କଲେ ଏବଂ କହିଲେ – ଆମେ ଆପଣଙ୍କୁ ଗୋଟିଏ ଦାୟିତ୍ୱ ଦେବୁ। ଅଯୋଧ୍ୟାପତି ଦଶରଥଙ୍କ ତିନିରାଣୀ ଅଛନ୍ତି, ଆପଣ ତାଙ୍କର ଔରସରୁ ଜନ୍ମଗ୍ରହଣ କରି ଦୁଷ୍ଟ ରାବଣକୁ ବଧ କରନ୍ତୁ। ସେ ସମସ୍ତଙ୍କ ଉପରେ ଅତ୍ୟାଚାର କରୁଛି। ଏଣୁ ତା'ର ନିଧନ ପାଇଁ ଆମେ ଆପଣଙ୍କୁ ନିବେଦନ କରୁଛୁ। ଏହା ଶୁଣି ବିଷ୍ଣୁ କହିଲେ ତୁମେ ଭୟ କରନା, ମୁଁ ରାବଣକୁ ସବଂଶେ ସଂହାର କରିବି। ଏହି ସ୍ତୁତି ସମୟରେ ଯଜ୍ଞରୁ ଏକ ଅଭୂତପୂର୍ବ ପ୍ରଭାନ୍ୱିତ, ମହାବୀର୍ଯ୍ୟ, ମହାପ୍ରାଣୀ ଆବିର୍ଭୁତ ହେଲେ, ସେ କୃଷ୍ଣକାୟ ରକ୍ତାମ୍ବରଧାରୀ। ମୁହଁ ରକ୍ତବର୍ଣ୍ଣ କଣ୍ଠ ସ୍ୱର ଦୁନ୍ଦୁଭିତୁଲ୍ୟ। ସେ ଶୁଭ ଲକ୍ଷଣ ସମ୍ପନ୍ନ ଦିବ୍ୟ ଆଭରଣରେ ଶୋଭିତ ପର୍ବତ ପରି ଉନ୍ନତ ଶରୀର। ତାଙ୍କ ଆକାର ଦିବାକରଙ୍କ ଦୀପ୍ତ, ଅନଳ ଶିକ୍ଷା ପରି। ତାଙ୍କ ହାତରେ ତପ୍ତ କାଞ୍ଚନ ଗଠିତ ପାତ୍ରରେ ପାୟସ ପରିପୂର୍ଣ୍ଣ ଏକ ବୃହତ୍ ପାତ୍ର। ଯଜ୍ଞାଗ୍ନି ଭିତରୁ ଉଠୁଥିବା ଦେବତା ଦଶରଥଙ୍କୁ କହିଲେ – ମୁଁ ପ୍ରଜାପତିଙ୍କ ଦ୍ୱାରା ପ୍ରେରିତ ପୁରୁଷ। ମହାରାଜ ! ଏଇ ଦେବ ନିର୍ମିତ ସନ୍ତାନଦାୟକ ପାୟସ ଆପଣଙ୍କର ପତ୍ନୀମାନଙ୍କ ମଧ୍ୟରେ ବାଣ୍ଟି ଖାଇବାକୁ ଦିଅନ୍ତୁ। ଦଶରଥ ସେଇ ଦେବ ନିର୍ମିତ ସନ୍ତାନଦାୟକ ପାୟସ ପାତ୍ର ଗ୍ରହଣ କରି ମସ୍ତକରେ ଛୁଇଁଲେ। ତା'ପରେ ଅନ୍ତଃପୁରକୁ ଯାଇ ପାୟସର ଅର୍ଦ୍ଧାଂଶ କୌଶାଲ୍ୟଙ୍କୁ ଦେଲେ। ଅବଶିଷ୍ଟ ଅର୍ଦ୍ଧାଂଶରୁ ଅର୍ଦ୍ଧାଂଶ ସୁମିତ୍ରାଙ୍କୁ (କ୍ରମଶଃ)

ଏବଂ ଅବଶିଷ୍ଟ କୈକେୟୀଙ୍କୁ ଦେଇ ମନେ ମନେ ଭାବି ଶେଷ ଅଂଶ ସୁମିତ୍ରାଙ୍କୁ ଦେଲେ। ସେଇ ପାୟସ ଖାଇ ତିନିରାଣୀ ଗର୍ଭଧାରଣ କଲେ।

ବିଷ୍ଣୁ ଦଶରଥଙ୍କୁ ପୁତ୍ର ହେବାପାଇଁ ସ୍ୱୀକାର କରି ଦେବତାଙ୍କୁ କହିଲେ – ତୁମେ ମୋତେ ସାହାଯ୍ୟ କରିବା ପାଇଁ ବହୁ ବୀର ସୃଷ୍ଟି କର। ଜାମ୍ବବାନ, ପୂର୍ବରୁ ମୋ ମୁହଁରୁ ଉତ୍ପନ୍ନ ହୋଇଛି। ଏହାପରେ ତୁମ୍ଭେମାନେ ଗନ୍ଧର୍ବ, ଯକ୍ଷୀ, ଅପସରା, ବିଦ୍ୟାଧର, କିନ୍ନରୀ, ବାନରୀ ମାନଙ୍କ ଗର୍ଭରୁ ପରାକ୍ରାନ୍ତ ବାନର ଉତ୍ପନ୍ନ କର। ଏହାପରେ ବ୍ରହ୍ମାଙ୍କ ଆଦେଶ ନେଇ ଦେବଗଣ ଏବଂ ଋଷି, ସିଦ୍ଧ, ବିଦ୍ୟାଧର, ଯକ୍ଷ ପ୍ରଭୃତି ବାନର ସୃଷ୍ଟି କଲେ। ଇନ୍ଦ୍ର ବାଳୀକ, ସୂର୍ଯ୍ୟ ସୁଗ୍ରୀବକୁ, ବୃହସ୍ପତି ତାରକକୁ, କୁବେର ଗନ୍ଧମାଦନକୁ, ବିଶ୍ୱକର୍ମା ନଳକୁ, ଅଗ୍ନି ନୀଳକୁ, ଅଶ୍ୱିନୀ କୁମାର ମଇନ୍ଦ ଓ ଦ୍ୱିବିନ୍ଦକୁ, ବରୁଣ ସୁଶେଣକୁ ଏବଂ ପର୍ଜନ୍ୟ ଶରଭକୁ ସୃଷ୍ଟି କଲେ। ବଜ୍ରତୁଲ୍ୟ ଦୃଢ଼କାୟ, ଗରୁଡ଼ତୁଲ୍ୟ ବେଗବାନ ବାନରମାନଙ୍କୁ ମଧ୍ୟ ସେ ସୃଷ୍ଟି କଲେ। ସର୍ବାପେକ୍ଷା ବୁଦ୍ଧିମାନ ଓ ବଳବାନ ହନୁମାନଙ୍କୁ ବାୟୁ ଉତ୍ପାଦନ କଲେ।

ଅଶ୍ୱମେଧ ଯଜ୍ଞ ସମାପ୍ତି ହେବାପରେ ଆମନ୍ତ୍ରିତ ଅତିଥି ଓ ଅନ୍ୟମାନେ ଫେରିଗଲେ। ଋଷ୍ୟଶୃଙ୍ଗ ମଧ୍ୟ ନିଜ ଦେଶକୁ ଫେରିଲେ। ଦ୍ୱାଦଶ ମାସ ପୂର୍ଣ୍ଣ ହୋବରୁ କୌଶଲ୍ୟା ଚୈତ୍ର ନବମୀ ତିଥି ପୁନର୍ବସୁନକ୍ଷତ୍ରରେ ରାମଙ୍କୁ ଜନ୍ମ କଲେ। କୈକେୟୀ ପୁଷ୍ୟା ନକ୍ଷତ୍ରରେ ଭରତଙ୍କୁ ଏବଂ ସୁମିତ୍ର ଲକ୍ଷ୍ମଣ ଓ ଶତ୍ରୁଘ୍ନଙ୍କୁ ଜନ୍ମ କଲେ। ଗନ୍ଧର୍ବଗଣ ମଧୁର ସଂଗୀତ ଏବଂ ଅପସରାମାନେ ନୃତ୍ୟ କଲେ। ଦେବଗଣ ଦୁନ୍ଦୁଭି ଧ୍ୱନି ଏବଂ ଆକାଶରୁ ପୁଷ୍ପ ବୃଷ୍ଟି କଲେ। ଜନ୍ମର ଏଗାର ଦିନରେ ବଶିଷ୍ଟ ରାଜକୁମାରଙ୍କର ନାମ କରଣ କଲେ। ରାଜକୁମାରମାନେ ସମସ୍ତେ ବୀର ଓ ଲୋକହିତକର କାର୍ଯ୍ୟରେ ରତ, ଜ୍ଞାନବାନ ଓ ଗୁଣବାନ ହେଲେ। ଲକ୍ଷ୍ମଣ ବାଲ୍ୟକାଳରୁ ରାମଙ୍କ ପାଖେ ପାଖେ ରହିବା ପାଇଁ ଭଲ ପାଉଥିଲେ। ଦିନେ ଦଶରଥ ପୁରୋହିତ ଓ ମନ୍ତ୍ରୀଗଣଙ୍କ ସହିତ ପୁତ୍ର ମାନଙ୍କ ବିବାହ ସମ୍ବନ୍ଧରେ ଆଲୋଚନା କରୁଥିବାବେଳେ ମହାମୁନି ବିଶ୍ୱାମିତ୍ର ସେଠାରେ ଉପସ୍ଥିତ ହେଲେ। ତାଙ୍କୁ ଅର୍ଘ୍ୟ ଓ ପାଦବନ୍ଦନା କରି ରାଜା ଦଶରଥ କୁଶଳ ଜିଜ୍ଞାସା କରି କହିଲେ, ନିଃସନ୍ତାନର ପୁତ୍ର ହେଲେ, ହଜି ଯାଇଥିବା ବସ୍ତ୍ରର ପୁନରୁଦ୍ଧାର କଲେ ଯେପରି ମନ ପ୍ରଫୁଲ୍ଲ ହୁଏ ଆପଣଙ୍କ ଶୁଭାଗମନ ସେହିପରି ବର୍ଷ ଓ ପ୍ରଫୁଲ୍ଲତା ଆଣି ଦେଇଛି। ଆପଣଙ୍କ ଅଭୀଷ୍ଟ କ'ଣ ? ମୁଁ ଉଦାର ଚିତ୍ତରେ ତାହା ପୂରଣ କରିବି। ଦଶରଥଙ୍କ ବାକ୍ୟ ଶୁଣି ସନ୍ତୁଷ୍ଟ ହେଲେ ବିଶ୍ୱାମିତ୍ର। କହିଲେ – ମୁଁ ଏକ ଯଜ୍ଞ ଆରମ୍ଭ କରିଛି। କିନ୍ତୁ ମାରିଚ ଓ ସୁବାହୁ ନାମରେ ଦୁଇ ଶକ୍ତିଶାଳୀ ରାକ୍ଷସ ନାନା ପ୍ରକାର ବିଘ୍ନ ସୃଷ୍ଟି କରୁଛନ୍ତି। ଯଜ୍ଞବେଦୀ ଉପରେ ମାଂସ ଓ ରକ୍ତ ପକାଉଛନ୍ତି। ଆପଣଙ୍କର ମହାବୀର ଜ୍ୟେଷ୍ଠପୁତ୍ର ରାମଙ୍କୁ ଦଶଦିନ ପାଇଁ ଦିଅନ୍ତୁ। ସେଇ ରାକ୍ଷସମାନଙ୍କୁ ସେ ବିନାଶ କରିବେ। ବିଶ୍ୱାମିତ୍ରଙ୍କ କଥା ଶୁଣି ରାଜା ମୂର୍ଚ୍ଛା ଗଲେ। ତାପରେ କହିଲେ ମୋ ପୁତ୍ର ରାମର ବୟସ ଷୋହଳରୁ କମ। ରାକ୍ଷସମାନଙ୍କ ସହିତ ଯୁଦ୍ଧ କରିବାର ଯୋଗ୍ୟତା ତା'ର ନାହିଁ। ବରଂ ସେନା ନେଇ ମୁଁ ନିଜେ ଯିବି ଏବଂ ରାକ୍ଷସମାନଙ୍କ ସଙ୍ଗେ ଯୁଦ୍ଧ କରିବି। ରାକ୍ଷସମାନେ କୂଟଯୋଦ୍ଧା, ରାମ ତାଙ୍କର ସମକକ୍ଷ ନୁହନ୍ତି। ରାମ ବିଚ୍ଛେଦ ମୁଁ ସହ୍ୟ କରିପାରିବି ନାହିଁ। ତାକୁ ଆପଣ ନେଇଯିବା ଉଚିତ ହେବନାହିଁ। ବିଶ୍ୱାମିତ୍ର କହିଲେ, ଶୁଣିଛି ପୌଲସ୍ତ୍ୟ ବଂଶଜାତ ରାବଣ ନାମରେ ଜଣେ ରାକ୍ଷସ ଅଛି। (କ୍ରମଶଃ)



# ରାଇଜ କଥା

ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା





## ବାନାମ୍ବର ହାଇସ୍କୁଲରେ ପ୍ରତିଭା ସମ୍ବର୍ଦ୍ଧନା ସମାରୋହ

ବାଣପୁର, (ମହାଭାରତ): ଖୋରଧା ଜିଲ୍ଲା ବାଣପୁର ମଣ୍ଡଳ ଭୀମପୁର ଗ୍ରାମର ଦୁଇ ପ୍ରତିଭାସଂପର୍ଣ୍ଣ ମେଧାବୀଭାଇଭଉଣୀଙ୍କୁ ଗ୍ରାମର ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ କୃଷ୍ଣଚନ୍ଦ୍ରପାଠାଗାର ଓ ଗ୍ରାମବାସୀଙ୍କ ତରଫରୁ ମିଳିତ ଭାବରେ ବାନାମ୍ବର ସରକାରୀ ହାଇସ୍କୁଲ ପ୍ରାଙ୍ଗଣରେ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ସେଦୁଇ ସମ୍ବର୍ଦ୍ଧିତ ପ୍ରତିଭା ଡ଼କ୍ଟର ଅଂଶୁଲ୍ ଅଭିଜିତ୍ ନାୟକ ଓ ଆତ୍ୟା ଅନିଶା ନାୟକ ଭୀମପୁର ଗ୍ରାମ ନୂଆପାଟଣା ସାହି ନିବାସୀ ସାଧାରଣ କୃଷକ ପରିବାରର ପୁଅ ତଥା ବାଲୁଗାଁ ରେଲଷ୍ଟେସନର ତତ୍କାଳୀନ ଷ୍ଟେସନ୍ ମାଷ୍ଟର୍ ସ୍ୱର୍ଗତ କାର୍ତ୍ତିକ ନାୟକ ଓ ଶ୍ରୀମତୀ ପୁଷ୍ପାଞ୍ଜଳି ନାୟକଙ୍କ ପୁତ୍ର ଓ କନ୍ୟା । ୨୦୦୩ ମସିହାରେପିତାଙ୍କ ଅକାଳ ମୃତ୍ୟୁସମୟରେ ଭାଇଭଉଣୀ ଦୁହେଁ ଅତିଛୋଟ ଛୋଟ ଥିଲେ । ମା'ପୁଷ୍ପାଞ୍ଜଳିଙ୍କ କଠିନ ଶ୍ରମ, ଓ ପ୍ରେରଣା ଏବଂ ନିଜନିଜର ପ୍ରଗାଢ଼ ଉଦ୍ୟମ ଓ, ଅଧ୍ୟବସାୟ ବଳରେ ସେମାନେ ଆଜି ଏହି ସ୍ତରରେ ପହଞ୍ଚି ସମାଜର ଅନନ୍ୟ ଉଦାହରଣ ସାଜିଛନ୍ତି । ଡ଼ଃ ଅଂଶୁଲଅଭିଜିତ୍ ଚିଲିକାରାଣୀ ଇଂରାଜୀ ମାଧ୍ୟମ ବିଦ୍ୟାଳୟରୁ ଶିକ୍ଷା ଶେଷକରି ରାଉରକେଲା ଏନ.ଆଇ.ଟିରେ ମେକାନିକାଲଇଂଜିନିଅରିଂରେ କୃତିତ୍ୱର



ସହିତ ସ୍ନାତକ ହାସଲ ପରେ ଯୁକ୍ତରାଷ୍ଟ୍ରଆମେରିକା ଭର୍ଜିନିଆ ଯାନ୍ତ୍ରିକ ବିଶ୍ୱବିଦ୍ୟାଳୟରୁ ସ୍ନାତକୋତ୍ତର ଡିଗ୍ରୀ ହାସଲ ସହିତ ପି.ଏଚ.ଡି ପରେ ସାଉଥ୍ କରୋଲିନାର କ୍ଲେମନସନ୍ ବିଶ୍ୱବିଦ୍ୟାଳରେ ଅଧୁନା ରିସର୍ଚ୍ଚ ଆସୋସିଏଟ୍ ଭାବରେ କାର୍ଯ୍ୟ କରୁଥିବା ବେଳେ ଭଉଣୀ ଆତ୍ୟା ଅନୀଶା କୃତିତ୍ୱର ସହିତ ମାଧ୍ୟମିକ ଶିକ୍ଷା ଶେଷ କରି ଓଡ଼ିଶା ରାଜ୍ୟ କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟରୁ ସ୍ନାତକୋତ୍ତର ଡିଗ୍ରୀ ହାସଲପରେ ଓଡ଼ିଶା ପ୍ରଶାସନିକ ସେବା ପରୀକ୍ଷାରେ ଚଳିତବର୍ଷ ୧୭୭ ରାଙ୍କ ରଖି ଉତ୍ତୀର୍ଣ୍ଣ ହୋଇ ସେବାରେ ଯୋଗ ଦେବା ପାଇଁ ଯୋଗ୍ୟ ବିବେଚିତା ହୋଇଥିବାରୁ ଭୀମପୁର ଗାଁମାଟି ସେମାନଙ୍କ ଭଳି ଦୁଇଦୁଇଟି ପ୍ରତିଭାବାନ୍ ପୁଅଝିଅକୁପାଇଁ ଆଜି ଗର୍ବ ଅନୁଭବ କରୁଛି । ଏହି ଦୁଇ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରିବା ପାଇଁ ସ୍ଥାନୀୟ ବାନାମ୍ବର ହାଇସ୍କୁଲ୍ ପରିସରରେ ଗାଁର ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ କବିକୃଷ୍ଣଚନ୍ଦ୍ରପାଠାଗାରର ସଭାପତି ଅଧ୍ୟାପକ ସଂଗ୍ରାମ କେଶରୀ ସାହୁଙ୍କ ସଭାପତିତ୍ୱରେ ଏକ ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇଥିଲା କ୍ଷ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରାଧାକୃଷ୍ଣଗଡ଼ ନାୟକ, ଶିକ୍ଷକଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀଙ୍କ ସହଯୋଗ ଏବଂ ପାଠାଗାରର କୋଷାଧ୍ୟକ୍ଷ ବିଭୂତି ଭୂଷଣ ନନ୍ଦଙ୍କ ପରିଚାଳନାରେ ଆୟୋଜିତ ଏହି ସମାରୋହରେ ଡ଼ଃ ଚାନ୍ଦକିଶୋର ତ୍ରିପାଠୀ, ମା'ଭଗବତୀ ମନ୍ଦିର କାର୍ଯ୍ୟନିର୍ବାହୀ ବାଲମୁକୁନ୍ଦଦାସ, ପ୍ରାକ୍ତନ ପ୍ରଧାନ ଶିକ୍ଷକ ଆନନ୍ଦଚନ୍ଦ୍ରସେନାପତି, ଶିକ୍ଷାବିତ୍ ବୈରାଗୀଚରଣ ବେହେରା, ଲକ୍ଷ୍ମୀଧର ସାହୁ, ରାସ ବିହାରୀ ସାହୁ, ସୁକାନ୍ତ ଜେନା, ବାଙ୍କ ନିଧି ନାୟକ, ସନ୍ତୋଷକୁମାର ସାହୁ, ଅଶୋକନନ୍ଦ, ନନ୍ଦକିଶୋର ବାରିକ, ଯୁଧିଷ୍ଠିର ବେହେରା, ବ୍ରଜକିଶୋର ଜେନା ପ୍ରମୁଖ ଯୋଗ ଦେଇ ଦୁଇ ପ୍ରତିଭାଙ୍କୁ ଆଶୀର୍ବାଦ ପ୍ରଦାନ ପୂର୍ବକ ଜୀବନରେ ଜଣେ ଜଣେ ସଚ୍ଚୋଟ ଅଧିକାରୀ ହୋଇ ସମାଜର ଅବହେଳିତ କୃଷକ, ଶ୍ରମିକ, ଦଳିତ ନିଷ୍ପେଷିତ,ଗରୀବ ଜନସାଧାରଣଙ୍କର ସେବାକରି ଭୀମପୁରଗାଁର ନାମ ରଖିବାକୁ ବ୍ୟକ୍ତବ୍ୟ ପ୍ରଦାନ କରିଥିଲେ । ପରେ ଦୁଇ ପ୍ରତିଭାଙ୍କୁ ପାଠାଗାର ତରଫରୁ ପୁଷ୍ପଗୁଚ୍ଛ ଉତ୍ତରୀୟ ଓପ୍ରଶଂସାପତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା ଓ ଦୁଇ ପ୍ରତିଭା ସେମାନଙ୍କ ବ୍ୟକ୍ତବ୍ୟରେ କବି, ସାହିତ୍ୟିକର ମାଟି ସଂସ୍କୃତି ସଂପର୍ଣ୍ଣ ଗାଁଭୀମପୁର ରେ ଜନ୍ମ ଗ୍ରହଣ କରିଥିବାରୁ ନିଜକୁ ଧନ୍ୟ ମନେ କରିବା ସହିତ ଜୀବନରେ ଯେତେବେଳେ ଯେଉଁଠି ଥିଲେ ମଧ ନିଜର ପିତାମାତା ଓ ଗାଁମାଟିକୁ ନଭୁଲି ସେମାନଙ୍କ ସେବା ସହିତ ଉନ୍ନତି ସାଧନ କରିବାକୁ ସଂକଳ୍ପ କରିବା ଏବଂ ଆଜି ସେମାନଙ୍କୁ ଦୁଇ ଅନୁଷ୍ଠାନ ଓ ଗ୍ରାମବାସୀଙ୍କ ତରଫରୁ ଏ ଭଳି ସମ୍ବର୍ଦ୍ଧିତ କରାଯାଇଥିବାରୁ ସମସ୍ତଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ । ଶେଷରେ ପାଠାଗାର ସଂପାଦକ ମଧୁସୂଦନ ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ ।

## ସାଇବର ସୁରକ୍ଷା ସଚେତନତା ୨୦୨୫ କାର୍ଯ୍ୟକ୍ରମ



ଗଜପତି, (ମହାଭାରତ): ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ସ୍ଥିତ ଗୁଣ୍ଡିଚା ବାଡ଼ି ଛକରେ ଗଜପତି ପୋଲିସ ପକ୍ଷରୁ ସାଇବର ସୁରକ୍ଷା ସଚେତନତା ୨୦୨୫ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଗଜପତି ଜିଲ୍ଲାପାଳ ଶ୍ରୀମତୀ କାର୍ଯ୍ୟକ୍ରମରେ ଗଜପତି ଜିଲ୍ଲା ପାଳ ମଧୁମିତା,ଜିଲ୍ଲା ବନଖଣ୍ଡ ଅଧିକାରୀ କେ ନାଗରାଜୁ, ଗଜପତି ଆରକ୍ଷୀ ଅଧିକ୍ଷକ ଯତୀନ୍ଦ୍ର କୁମାର ପଣ୍ଡା,ଜିଲ୍ଲା ଶିକ୍ଷା ଅଧିକାରୀ ଡକ୍ଟର ମାୟାଧର ସାହୁ,ସେଞ୍ଚୁରିୟାନ ବିଶ୍ୱ ବିଦ୍ୟାଳୟ ର ଦୁର୍ଗା ପ୍ରସାଦ ପାଢ଼ୀ,ସ୍ୱୟଂ ଶାସିତ ମହା ବିଦ୍ୟାଳୟ ଅଧ୍ୟକ୍ଷ ଡକ୍ଟର ରାଧାକାନ୍ତ ଭୂୟାଁ,ମହିଳା ମହା ବିଦ୍ୟାଳୟର ଅଧ୍ୟକ୍ଷ ଡକ୍ଟର ମହେନ୍ଦ୍ର ରଉତ,ବ୍ୟାଙ୍କ ମେନେଜର ଆର.ସାରକା ପ୍ରମୁଖ ମଞ୍ଚାସିନ ଥିଲେ ।ଅତିଥି ମାନଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରାଯାଇଥିଲା ।ମୁଖ୍ୟ ଅତିଥି ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ ।ଏହି କାର୍ଯ୍ୟକ୍ରମରେ ପାରଳାଖେମୁଣ୍ଡିର ଜନ ସାଧାରଣ, ବୃଦ୍ଧି ଜିବି,ସ୍କୁଲ କଲେଜର ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ । ଅତିଥି ମାନେ ସାଇବର ସୁରକ୍ଷା ଓ ସଚେତନତା ମାଧ୍ୟମରେ ସାଇବରକୁ ରୋକା ଯାଇପାରିବ ବୋଲି ଆହ୍ୱାନ ଦେଇଥିଲେ । ବର୍ତ୍ତମାନ ଯୁଗରେ ସମସ୍ତେ ମୋବାଇଲ ବ୍ୟବହାର କରୁଛନ୍ତି ଓ ଅନଲାଇନ ସେବା ପାଉଛନ୍ତି । କିନ୍ତୁ ସୋସିଆଲ ମିଡିଆ ହ୍ୱାଟସ ଅପ, ଇନଷ୍ଟାଗ୍ରାମ ଭଳି ସାଇଟ ଜରିଆରେ ସାଇବର ଠକମାନେ ପ୍ରଲୋଭିତ କରି ସାଇବର ଠକେଇ କରୁଛନ୍ତି । ବିଶେଷ କରି ଅଧିକ ଟଙ୍କା ରୋଜଗାର କରୁଥିବା ବ୍ୟକ୍ତିମାନଙ୍କୁ ସାଇବର ଠକମାନେ ଟାର୍ଗେଟ କରୁଛନ୍ତି । ତେଣୁ ସଚେତନ ରହିଲେ ଯାଇ ସୁରକ୍ଷିତ ରହିପାରିବା ବୋଲି ଜନସାଧାରଣଙ୍କୁ ସଚେତନତା କରିଥିଲେ । ପୋଲିସ କନ୍ଦର୍ପ ପାତ୍ର ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଡି ଏସ୍ ପି ଅମିତାଭ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

## ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ

ଲାଞ୍ଜିଗଡ, (ମହାଭାରତ): ଲାଞ୍ଜିଗଡ ବ୍ଲକ ମୁଖ୍ୟାଳୟ ବିଶ୍ୱନାଥପୁର ଗୋପବନ୍ଧୁ ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆ ପରିସର ଠାରେ ଲାଞ୍ଜିଗଡ ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି-୨୦୨୫ କାର୍ଯକ୍ରମ ଅନୁଷ୍ଠିତ ହୋଇଯାଇଛି । ଗ୍ରାମାଞ୍ଚଳର ଲୁକ୍କାୟିତ ପ୍ରତିଭାମାନଙ୍କୁ ଏକ ମଞ୍ଚ ପ୍ରଦାନ ସହିତ ସେମାନଙ୍କ ପ୍ରତିଭାର ବିକାଶ ପାଇଁ ବର୍ଷକୁ ଥରେ ଆୟୋଜିତ ହେଉଛି ସୁରଭି କାର୍ଯ୍ୟକ୍ରମ । ଲାଞ୍ଜିଗଡ ବ୍ଲକ ମୁଖ୍ୟାଳୟ ବିଶ୍ୱନାଥପୁର ସ୍ଥିତ ଗୋପବନ୍ଧୁ ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆ ପ୍ରାଙ୍ଗଣରେ ଲାଞ୍ଜିଗଡ ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ ରୁଷିଆ ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବର ଉଦଘାଟନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଲାଞ୍ଜିଗଡ ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶଶାଙ୍କ ପାତ୍ର ଯୋଗ ଦେଇଥିବା ବେଳେ




ମୁଖ୍ୟ ବକ୍ତା ଭାବେ ଲାଞ୍ଜିଗଡ ତହସିଲଦାର ବନମାଳୀ ମେହେର ସମ୍ମାନିତ ଅତିଥି ଭାବେ ଲାଞ୍ଜିଗଡ ବ୍ଲକ ଉପାଧ୍ୟକ୍ଷ ସଞ୍ଜୀବ କୁମାର ନାଏକ, ବିଶ୍ୱନାଥପୁର ସରପଞ୍ଚ ସୁରଥ ମାଝୀ, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ତଥା ବିଆରସିସି ସୁଚଳ ଦେବ ମୁଣ୍ଡ, ଗୋପବନ୍ଧୁ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟତ୍ରୀ ସୁଜାତା ମଲ୍ଲିକ ପ୍ରମୁଖ ଯୋଗ ଦେଇଥିଲେ । ପୂର୍ବତନ କ୍ଲଷ୍ଟର ସଂଯୋଜକ ତଥା ବରିଷ୍ଠ ଶିକ୍ଷକ ତପନ କୁମାର ଭୋଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଏହା ପରେପରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ମାନ କରାଯାଇଥିଲା । ଶେଷରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଓ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲ୍ଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଛତ୍ରୀ ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ଟିଟିଲାଗଡ଼ ଡ଼ିଏଭି ସ୍ୱୟଂଶାସିତ ବିଦ୍ୟାଳୟ ପ୍ରାକ୍ତନ ଅଧ୍ୟକ୍ଷ ଡ଼.ଶିବ ପ୍ରସାଦ ବେହେରା ସମ୍ମାନିତ ଅତିଥି ଭାବେ କଳାହାଣ୍ଡି ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ପବିତ୍ରମୋହନ ସାହୁ, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ହେମସାଗର ମହାନନ୍ଦ, କେସିଙ୍ଗା ଗୋଷ୍ଠୀ ଶିକ୍ଷାଧିକାରୀ ଆନନ୍ଦକୁମାର ବେହେରା, ଲାଞ୍ଜିଗଡ ବ୍ଲକ ଉପାଧ୍ୟକ୍ଷ ସଞ୍ଜୀବ କୁମାର ନାଏକ, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ତଥା ବିଆରସିସି ସୁଚଳ ଦେବ ମୁଣ୍ଡ, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଭାରତ ଭୂଷଣ ସାହୁ ସମେତ ଅନ୍ୟ ଅତିଥିମାନେ ମଞ୍ଚାସୀନ ଥିଲେ । ସଭା କାର୍ଯ୍ୟକ୍ରମକୁ ତପନ କୁମାର ଭୋଇ ପରିଚାଳନା କରିଥିବାବେଳେ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଶିକ୍ଷକ ଲଳିତ କୁମାର ଭୋଇ ପରିଚାଳନା କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଛାତ୍ର ଛାତ୍ରୀଙ୍କ ଦ୍ୱାରା ବିଭିନ୍ନ ପ୍ରକାର ପ୍ରତିଯୋଗିତା ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିବା ବେଳେ ଅତିଥିମାନଙ୍କ ଦ୍ୱାରା କୃତି ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା ଓ ଏହି କାର୍ଯ୍ୟକ୍ରମରେ ଲାଞ୍ଜିଗଡ ବ୍ଲକର ୧୩ ଗୋଟି କ୍ଲଷ୍ଟରର ମୋଟ ୧୪୫ ପ୍ରାଥମିକ ବିଦ୍ୟାଳୟ , ୪୭ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ , ୨୬ ମାଧ୍ୟମିକ ବିଦ୍ୟାଳୟ ଓ ୨ ଉଚ୍ଚ ମାଧ୍ୟମିକ ସହ ଉକ୍ତ ବିଦ୍ୟାଳୟ ମାନଙ୍କରୁ ୫୦୦ ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଓ ୧୨୫ ଜଣ ଶିକ୍ଷକ ଶିକ୍ଷୟତ୍ରୀ ଏବଂ ବହୁ ସଂଖ୍ୟାରେ ଅଭିଭାବକ ମାନେ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ଓ ଲାଞ୍ଜିଗଡ ବ୍ଲକର ସମସ୍ତ କ୍ଲଷ୍ଟରର ସି.ଆର.ସି.ସି ସମେତ ବିଇଓ କାର୍ଯ୍ୟାଳୟର ସମସ୍ତ କର୍ମକର୍ତ୍ତା ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।।

## ଜିଲ୍ଲା ସ୍ତରୀୟ ଘରୋଇ ହିଂସା ପ୍ରତିରୋଧ ପ୍ରଶିକ୍ଷଣ କର୍ମଶାଳା

କଳାହାଣ୍ଡି, (ମହାଭାରତ) : ଘରୋଇ ହିଂସା ପ୍ରତିରୋଧ ଓ ପୀଡିତାଙ୍କ ସୁରକ୍ଷା ସମ୍ପର୍କରେ ସଚେତନ ବୃଦ୍ଧି ପାଇଁ ଆଜି ଜିଲ୍ଲା ସମାଜ କଲ୍ୟାଣ କାର୍ଯ୍ୟାଳୟ ଆନୁକୁଲ୍ୟରେ ଏକ ଜିଲ୍ଲା ସ୍ତରୀୟ ପ୍ରଶିକ୍ଷଣ କର୍ମଶାଳା ଭବାନୀପାଟଣା ସ୍ଥିତ ଜିଲ୍ଲା ଯୋଜନା ଓ ସମୀକ୍ଷା ବିଭାଗଙ୍କ ସଭା ଗୃହରେ ଅନୁଷ୍ଠିତ ହୋଇଥିଲା । ପ୍ରଶିକ୍ଷଣରେ ଘରୋଇ ହିଂସା (ନିବାରଣ) ଅଧିନିୟମ, ୨୦୦୫, ପୀଡିତାଙ୍କ ପାଇଁ ଉପଲବ୍ଧ ସହାୟତା ସେବା, ପରାମର୍ଶ ପ୍ରକ୍ରିୟା ଏବଂ ସମ୍ପର୍କିତ ବିଭାଗ ସହ ସମନ୍ୱୟ ନେଇ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହୋଇଥିଲା ଏହା ସହିତ ଘରୋଇ ହିଂସା ପ୍ରତିରୋଧ ପାଇଁ ସମାଜିକ ସଚେତନତା, ପୀଡିତାଙ୍କ ପକ୍ଷରେ ସମୟୋପଯୋଗୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ପାଇଁ ମଧ୍ୟ ଆଲୋଚନା କରାଯାଇ ଆଗାମୀ ଦିନପାଇଁ ଯୋଜନା ପ୍ରସ୍ତୁତି କରାଯାଇଥିଲା । ଜିଲ୍ଲା ଆଇନ ସେବା ପ୍ରାଧିକରଣ ଅଧିକାରୀଣୀ ସ୍ନିଗ୍ଧା ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରିଣୀ ମୁଜିବୁନ ନିଶା, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶୈଳେନ୍ଦୁ ଶେଖର ମହାପାତ୍ର, ଆଇ.ଆଇ.ସି ସାଇବର କ୍ରାଇମ ବିଜୟ ଲକ୍ଷ୍ମୀ ହିକୋକା, ସମସ୍ତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ, ଜେଜେବି ସଦସ୍ୟ ସ୍ୱର୍ଣ୍ଣଲତା ମହାନ୍ତି, ଜିଲ୍ଲା ମହିଳା ହବ୍ ସଂଯୋଜକ ଯୋଗେଶ୍ୱର ବୁଦ୍ଧିଆ, ଜିଲ୍ଲା ସଂଯୋଜକ ଏଡ ଏଟ ଆକ୍ସନ ଦିବ୍ୟ ରଞ୍ଜନ ଯୋଷି, ୱାନ ଷ୍ଟପ ସେଣ୍ଟର, ଶକ୍ତି ସଦନ ଏବଂ ଏଫ. ସି. ସି ର ପ୍ରତିନିଧିମାନେ ଯୋଗ ଦେଇଥିଲେ ।

## ବିଷମ କଟକ ଠାରେ ସାଇବର ଠକେଇ ସଚେତନତା ଅଭିଯାନ

ବିଷମକଟକ, (ମହାଭାରତ) : ସାଇବର ଠକେଇ ଓ ଅନଲାଇନ୍ ଅପରାଧ ଠାରୁ ଲୋକମାନଙ୍କୁ ସୁରକ୍ଷିତ ରଖିବା ଉଦ୍ଦେଶ୍ୟରେ ବିଷମକଟକ ପୋଲିସ ପ୍ରଶାସନ ପକ୍ଷରୁ ଗୁରୁବାର ଏକ ବିଶେଷ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ବିଷମକଟକ ଥାନା ଅଧିକାରୀ ସୂର୍ଯ୍ୟଚନ୍ଦ୍ର ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଏସଡିପିଓ ସନ୍ତଶିନୀ ଓରାମ, ବିଡ଼ିଓ ଶିବ ପ୍ରସାଦ ପଟ୍ଟନାୟକ, ଓ ସାଇବର ଇନସପେକ୍ଟର ଅଭିନାଶ ରେଡ୍ଡି ପ୍ରମୁଖ ଉପସ୍ଥିତ ରହି ଲୋକଙ୍କୁ ସଚେତନ କରିଥିଲେ । କାର୍ଯ୍ୟକ୍ରମ ପ୍ରଥମେ ସ୍କିଲ୍ ଡଭ୍ ଲପ୍ ସେଣ୍ଟର୍ ଗଜବାହଲ ଓ ଡାଇଟ୍ ବିଷମ କଟକ ଠାରେ ଆୟୋଜିତ ହୋଇଥିଲା ।




ସେଠାରେ ଶିକ୍ଷକ, ଛାତ୍ରଛାତ୍ରୀ ଓ ଅଭିଭାବକମାନଙ୍କୁ ସାଇବର ଠକେଇର ବିଭିନ୍ନ ଉଦାହରଣ ଏବଂ ଏଥିରୁ ନିଜକୁ ରକ୍ଷା କରିବାର ଉପାୟ ବିଷୟରେ ଅବଗତ କରାଯାଇଥିଲା । ପରେ ସାନ୍ଧ୍ୟ ସମୟରେ ସ୍ଥାନୀୟ କଲ୍ୟାଣ ମଣ୍ଡପ ପରିସରରେ ମୁଖ୍ୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି ସମୟରେ ଜିଲ୍ଲାରୁ ଆସିଥିବା ସଚେତନତା ରଥ ମାଧ୍ୟମରେ ଭିଡିଓ ପ୍ରଦର୍ଶନ କରାଯାଇ ଲୋକମାନଙ୍କୁ ଅଜଣା ଫୋନ କଲ୍, ଭୁଲ ଲିଙ୍କ ଓଟିପି ମାଧ୍ୟମରେ ହେଉଥିବା ଠକେଇ ରୁ ସତର୍କ ରହିବାକୁ ପ୍ରେରିତ କରାଯାଇଥିଲା । ଏସଡିପିଓ ସନ୍ତଶିନୀ ଓରାମ କହିଥିଲେ ଯେ, "ସାଇବର ଠକେଇ ଆଜିର ସମାଜର ଏକ ଗୁରୁତ୍ୱପୂର୍ଣ୍ଣ ଚିନ୍ତାର ବିଷୟ । ପ୍ରତ୍ୟେକ ନାଗରିକ ଯଦି ସଚେତନ ହେବେ, ତେବେ ଏହି ଠକେଇ ରୁ ଆପଣାକୁ ସୁରକ୍ଷିତ ରଖିପାରିବେ ।" ସାଇବର ଇନସପେକ୍ଟର ଅଭିନାଶ ରେଡ୍ଡି ମଧ୍ୟ ଲୋକମାନଙ୍କୁ ସନ୍ଦେଶ ଦେଇ କହିଥିଲେ ଯେ, "କେବେ ମଧ୍ୟ ଅଜଣା ଲିଙ୍କ ରେ କ୍ଲିକ୍ କରନ୍ତୁ ନାହିଁ ଓ କାହା ସହିତ ଓଟିପି ଅଂଶୀଦାର କରନ୍ତୁ ନାହିଁ ।" ଏହି ସଚେତନତା ଅଭିଯାନ ମାଧ୍ୟମରେ ବିଷମକଟକ ଅଞ୍ଚଳର ଲୋକମାନଙ୍କ ମଧ୍ୟରେ ସାଇବର ନିରାପତ୍ତା ବିଷୟରେ ସଚେତନତା ସୃଷ୍ଟି କରାଯାଇଥିଲା । ପୋଲିସ ପକ୍ଷରୁ ଏହି ପ୍ରକାର ଅଭିଯାନ ଆଗାମୀ ଦିନରେ ଜିଲ୍ଲାର ଅନ୍ୟାନ୍ୟ ସ୍ଥାନରେ ମଧ୍ୟ ଆୟୋଜନ କରିବା ପାଇଁ ପ୍ରସ୍ତୁତି ଚାଲିଛି ବୋଲି ସୂଚନା ମିଳିଛି ।

## ଡିଗ୍ରୀ କଲେଜରେ ନିଶାମୁକ୍ତ ଭାରତ ଅଭିଯାନ

କପ୍ତିପଦା, (ମହାଭାରତ) : କପ୍ତିପଦା -ଜାତୀୟ ସେବା ଯୋଜନା ତରଫରୁ ନୂଆସାହି ଡିଗ୍ରୀ କଲେଜରେ ନିଶାମୁକ୍ତ ଭାରତ ଅଭିଯାନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବରେ କଲେଜର ଅଧ୍ୟକ୍ଷା ଡ଼ ଲିପିକା ବେହେରା ଯୋଗଦେଇ ବିଭିନ୍ନ ପ୍ରକାରର ନିଶାର ଭୟାବହତା ସମ୍ପର୍କରେ ଛାତ୍ରଛାତ୍ରୀ ମାନଙ୍କୁ ଉଦବୋଧନ ଦେଇଥିଲେ । ମୁଖ୍ୟବକ୍ତା ଭାବରେ କଲେଜର ପ୍ରାଣୀବିଜ୍ଞାନର ମୁଖ୍ୟ ଅଧ୍ୟାପକ ଡ଼ ନିବାରଣ ଶତପଥୀ ତାଙ୍କ ବକ୍ତବ୍ୟରେ ଯୁବ ସମାଜ କିପରି ନିଶା କବଳରେ କବଳିତ ହୋଇ ନିଜ ଜୀବନକୁ ଦାନକରିଦେଉଛି ସେ ସମ୍ପର୍କରେ ବିଭିନ୍ନ ଉଦାହରଣଦେଇ ନିଜର ବକ୍ତବ୍ୟ ରଖିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସେବା ଯୋଜନାର ପୁରୁଷ କାର୍ଯ୍ୟକ୍ରମ ଅଧିକାରୀ ଶ୍ରୀଯୁକ୍ତ ଲମ୍ବୋଦର ବାରିକ ଅତିଥି ପରିଚୟ ପ୍ରଦାନ କରିବାସହ ଛାତ୍ରଛାତ୍ରୀ ମାନଙ୍କୁ କିପରି ନିଶାଠାରୁ ଦୂରେଇ ରହି ଏକ ସୁସ୍ଥ ସମାଜ ଗଠନ କରିପାରିବେ ସେ ସମ୍ପର୍କରେ ନିଜର ବକ୍ତବ୍ୟ ରଖିଥିଲେ । ଶେଷରେ ଜାତୀୟ ସେବା ଯୋଜନାର ମହିଳା କାର୍ଯ୍ୟକ୍ରମ ଅଧିକାରିଣୀ ଶ୍ରୀମତୀ ମଞ୍ଜନା ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

## ଠାକୁରମୁଣ୍ଡା ଅଞ୍ଚଳରେ ମହାବଳ ବାଘ ଆତଙ୍କ: ଗତିବିଧି ନଜର ରଖିଛି ବନବିଭାଗ

କରଞ୍ଜିଆ, (ମହାଭାରତ) : କରଞ୍ଜିଆ ବନଖଣ୍ଡ ଠାକୁରମୁଣ୍ଡା ରେଞ୍ଜ କାଳିଆଜିଆଣି ଗ୍ରାମ ନିକଟ ସଂରକ୍ଷିତ ଜଙ୍ଗଲ କୁ ଶିମିଳିପାଳ କୋର ଏରିଆରୁ ଏକ ମହାବଳ ବାଘ ଚାଲି ଆସିଥିବାରୁ ବାଘକୁ ସ୍ଥାନୀୟ ଲୋକେ ଗୁରବାର ଦିନ ଦେଖିବାକୁ ପାଇଛନ୍ତି ।ମହାବଳ ବାଘ ଆସିଥିବାର ଖବର ପ୍ରଚାର ହେବା ପରେ ଆଖ ପାଖ ଗ୍ରାମ ଗୁଡିକ ରେ କକୁଆ ଭୟ ଦେଖାଯାଇଛି ।ବାଘ ଆସିଥିବା ର ଖବର ପାଇ ବାଘ ଆସିଥିବା ଅଞ୍ଚଳ ରେ ବନକର୍ମଚାରୀ ମାନେ ପହଞ୍ଚି ଅନୁଧ୍ୟାନ



କରିଛନ୍ତି ।ଘଟଣାସ୍ଥଳ କୁ କରଞ୍ଜିଆ ଡି ଏଫ ଓ ବୈଦ୍ୟନାଥ ମାଝୀ, ଏସିଏଫ ପ୍ରଭାତ କୁମାର କୁଅଁର, ଠାକୁରମୁଣ୍ଡା ରେଞ୍ଜ ଅଧିକାରୀ ଉମାକାନ୍ତ ବେହେରା,ସାତକୋଶିଆ ରେଞ୍ଜ ଅଧିକାରୀ ରବୀନ୍ଦ୍ର ମହାନ୍ତ ସମେତ ବନବିଭାଗ ର କର୍ମଚାରୀ ମାନେ ପହଞ୍ଚି ବାଘ ର ପାଦ ଚିହ୍ନ ଦେଖିବା ସହ ବାଘର ଗତିବିଧି ଉପରେ ନଜର ରଖିଛନ୍ତି ।ପାଦ ଚିହ୍ନ ରୁ ଏହା ମହାବଳ ବାଘ ର ବୋଲି ଜଣାପଡ଼ିଛି ।ଚାଲି ଆସିଥିବା ବାଘ କୌଣସି କ୍ଷତି କରି ନଥିବା ର ଜଣାପଡ଼ିଛି ।ବାଘର ଗତିବିଧି କୁ ନଜର ରଖିବା ପାଇଁ ଜଙ୍ଗଲ ଭିତରେ କ୍ୟାମେରା ବନ ବିଭାଗ ପକ୍ଷରୁ ଲଗା ଯାଇଛି ।ବାଘ ପୁଣି ଶିମିଳିପାଳ ଭିତରକୁ ଚାଲି ଯାଉଥିବା ନେଇ ଏସିଏଫ ପ୍ରଭାତ କୁମାର କୁଅଁର କହିଛନ୍ତି ।

## ନିରାଳ ଛୁରୀଭୁଷା ଘଟଣା: ଦୁଇ ଗିରଫ

ଆସିକା, (ମହାଭାରତ) : ନିରାଳ ଛୁରୀ ଭୁଷା ଘଟଣାରେ ମରଣାସ୍ତ୍ର ସହ ଦୁଇ ଜଣକୁ ଗିରଫ କରି ଆସିକା ପୋଲିସ କୋର୍ଟ ଚାଲାଣ କରିଛି । ଗତ ୨୦ ତାରିଖ ରାତି ୧୧ ସମୟରେ ପୂର୍ବଶତ୍ରୁତାକୁ କେନ୍ଦ୍ର କରି ଗୋଟିଏ ପରିବାରର ତିନି ଜଣକୁ ଛୁରା ମାଡ଼ ହୋଇଥିଲା । ଏହି ଘଟଣା ବିରୁଦ୍ଧରେ ଗୁରୁତ୍ୱର ଅଆହତ ନାରାୟଣ ମଣ୍ଡଳ ର ସ୍ତ୍ରୀ ବିଷ୍ଣୁପ୍ରିୟା ମଣ୍ଡଳ ଆସିକା ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗକୁ ଭିତ୍ତି କରି ଆସିକା ପୋଲିସ ଥାନା କେସ ନମ୍ବର ୬୦୭/୨୫ ରେ ପୋଲିସ ମାମଲା ରୁଜୁକରି ତଦନ୍ତ କରି ଆଜି ଏହି ଘଟଣାରେ ଦୁଇ ଅଭିଯୁକ୍ତ ନିରଞ୍ଜନ ବେହେରା ଓ କେଶବ ଦାସକୁ ଗିରଫ କରିବା ସହ ଘଟଣାରେ ବ୍ୟବହୃତ ମରଣାସ୍ତ୍ର ଜବତ କରି କୋର୍ଟ ଚାଲାଣ କରିଛି । ପ୍ରକାଶ ଥାଉକି ଏହି ଘଟଣାରେ ଆଉ ଦୁଇ ଅଭିଯୁକ୍ତ ଶାଇବାଣୀ ବେହେରା ଓ ରଞ୍ଜନ ବେହେରା ଫେରାର ଥିଲା ବେଳେ ବର୍ତ୍ତମାନ ଗୁରୁତର ଆହତ ନାରାୟଣ ମଣ୍ଡଳ ବ୍ରହ୍ମପୁର ଏମକେସିଜିରେ ଆଇସି ୟୁରେ ଜୀବନ ମରଣ ସହ ସଂଘର୍ଷ କରୁଛି ।

## ଉଦଳା ନିର୍ବାଚନ ମଣ୍ଡଳରେ ବିଜୁ ଜନତା ଦଳର ଜନ ସଂପର୍କ ପଦଯାତ୍ରା

ଉଦଳା, (ମହାଭାରତ) : ବିଜୁ ଜନତା ଦଳର ସଭାପତି ତଥା ବିରୋଧ ଦଳର ନେତା ମାନ୍ୟବର ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ଉଦଳା ନିର୍ବାଚନ ମଣ୍ଡଳୀର ଜନ ସଂପର୍କ ପଦଯାତ୍ରା ଉଦଳା ବ୍ଲକ ଏବଂ ଏନ୍ ?.ଏ.ସି. କୁ ନେଇ ଆରମ୍ଭ ହୋଇଯାଇଛି । ଆନୁମାନିକ ଏକ ହଜାରରୁ ଊର୍ଦ୍ଧ୍ୱ କର୍ମୀ ଉଦଳା ବି.ଜେ.ଡ଼ି. କାର୍ଯ୍ୟାଳୟରେ ଏକତ୍ରିତ ହୋଇ ପୂର୍ବତନ ବିଧାୟକ ଶ୍ରୀନାଥ ସୋରେନଙ୍କ ନେତୃତ୍ୱରେ ଉଦଳା ବଜାରରେ ପରିକ୍ରମା କରି ସ୍ନେହା ତୁଳସୀ କଲ୍ୟାଣ ମଣ୍ଡପରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା । ମୟୂରଭଞ୍ଜ ସଂଗଠନ ଜିଲ୍ଲା ର ପୂର୍ବତନ କାର୍ଯ୍ୟକାରୀ ତଥା ସବୁଜ ସୁନ୍ଦର ବାରିପଦାର ଆବାହକ ଜିତେନ୍ଦ୍ର ଯୋଗଦେଇ, ଦେଢ଼ବର୍ଷର ବି.ଜେ.ପି. ସରକାର ଆଜି ସାରା ରାଜ୍ୟରେ ବିକାଶକୁ ଠପ କରି ଦବା ସାଙ୍ଗକୁ ଆଜି ଓଡ଼ିଶାର ମାଆ ଭଉଣୀ ମାନେ ଯେଉଁ ଭଳି ଭାବରେ ନିର୍ଯ୍ୟାତନାର ଶିକାର ହେଉଛନ୍ତି, ଧର୍ଷଣ, ରାହାଜାନି, ଚୋରି,



ଡ଼କାୟତ ଠାରୁ ଆରମ୍ଭ କରି ସବୁ କ୍ଷେତ୍ରରେ ଡ଼ବଲ ଇଞ୍ଜିନ ସରକାର ବିଫଳ ହୋଇଥିବାର ପ୍ରକାଶ କରିଥିଲେ । ମଞ୍ଚାସୀନ ଅତିଥି ପୂର୍ବତନ ନଗରପାଳ ମନୋଜ ମହାନ୍ତି ତାଙ୍କ ବକ୍ତବ୍ୟ ଛଳରେ କହିଥିଲେ କି ଆଜି ବି.ଜେ.ପି. ସରକାର ଜନସାଧାରଣଙ୍କୁ ଠକେଇଛନ୍ତି ତାହା ନୁହେଁ, ଯୁବକ, ଛାତ୍ର, ମହିଳା, ବୁଢ଼ାବୁଢ଼ୀ, ଅନ୍ଧ, ମୁକ ବଧିର ସମସ୍ତଙ୍କୁ ପ୍ରତାରଣା କରିଥିବାର ପ୍ରକାଶ କରିଥିଲେ । ମଞ୍ଚାସୀନ କପ୍ତିପଦା ବ୍ଲକର ସଭାପତି ପ୍ରଶାନ୍ତ କୁମାର ବେହେରା, ଗୋପବନ୍ଧୁ ନଗର ବ୍ଲକର ସଭାପତି ସତ୍ୟବାନ ଉପାଧ୍ୟାୟ ଉଦଳା ବ୍ଲକର ସଭାପତି ଗୋବିନ୍ଦ ଚନ୍ଦ୍ର ନାୟକ, ଜିଲ୍ଲା ପରିଷଦ ସଭ୍ୟା ଲଳିତା ବିଶେଇ, ସୁଶାନ୍ତି ସିଂ, ବରିଷ୍ଠ ନେତା ବନମାଳି ବେହେରା, ନରେନ୍ଦ୍ର ରାଉତ, ଅମୀୟ କୁମାର ବଳ ଏବଂ ମୟୂରଭଞ୍ଜ ଜିଲ୍ଲାର ଛାତ୍ର ସଭାପତି ସୁନୀଲ ନାୟକ, ମହିଳା ନେତ୍ରୀ ବିଜୟା ବାରିକ, ବିଷ୍ଣୁପ୍ରିୟା ପଣ୍ଡା, ଉଦଳା ବ୍ଲକ୍ ଭାଇସ୍ ଚେୟାରମେନ ରଜନୀକାନ୍ତ ଦାସ ପ୍ରମୁଖ ତାଙ୍କ ବକ୍ତବ୍ୟରେ ପ୍ରକାଶ କରିଥିଲେ କି ଉଦଳା ନିର୍ବାଚନ ମଣ୍ଡଳୀରେ ଯେତେ ଅଛି ସରକାରୀ ଚିକିତ୍ସାଳୟ, କୌଣସି ଡ଼ାକ୍ତରଖାନାରେ ଗୋଟିଏ ବି ବିଜ୍ଞ ଡ଼ାକ୍ତର ନଥିବାରୁ ଲୋକମାନେ ଚିକିତ୍ସା କ୍ଷେତ୍ରରେ ବହୁତ ହଇରାଣ ହରକତ ହେଉଛନ୍ତି । ରାସ୍ତା ଘାଟ ମରଣ ଯନ୍ତା ପାଲିଟିଛି । ତିନି ଚାରୋଟି ନଦୀରେ ପୋଲ ଭାଙ୍ଗି ଯାଇଥିବାରୁ ଲୋକମାନେ ଉଦଳା ମୁଖ୍ୟାଳୟକୁ ଆସିବା ପାଇଁ ନାହିଁ ନଥିବା ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି । ଜିଲ୍ଲାପାଳ ଠାରୁ ଆରମ୍ଭ କରି ମୁଖ୍ୟମନ୍ତ୍ରୀ ଜନଶୁଣାଣୀରେ ବାରମ୍ବାର ଆପତ୍ତି କଲେ ମଧ ଆଜି ପର୍ଯ୍ୟନ୍ତ କୌଣସି କ୍ଷେତ୍ରରେ ସମାଧାନ ହୋଇପାରିଲା ନାହିଁ । ସମସ୍ତ ବକ୍ତାମାନେ ପ୍ରକାଶ କରିଥିଲେ କି ବିଜୁ ଜନତା ଦଳର ସଂଗଠନକୁ ଆହୁରି ମଜବୁତ୍ କରାଯାଇ ଆଗାମୀ ଗ୍ରାମ ପଞ୍ଚାୟତ ନିର୍ବାଚନ ଏବଂ ଏନ୍.ଏ.ସି. ମ୍ୟୁନ୍ ?ସିପାଲଟି ନିର୍ବାଚନର ଦଳକୁ ସଂପର୍କ କରିବା ହେଉଛି ଆମର ମୂଳ ଲକ୍ଷ୍ୟ । ଆଜିକାର ଜନସଂପର୍କ ପଦଯାତ୍ରାକୁ ସବୁଜ ସୁନ୍ଦର କରିବା ପାଇଁ ସୀମାନ୍ତ ତ୍ରିପାଠୀ, ଶଶଧର ସ୍ୱାଇଁ, ସୁଜିତ୍ ପୁଥାଳ, ପ୍ରଦୀପ ପରିଡ଼ା, ନିଳାଦ୍ରୀ ବିହାରୀ ମହାନ୍ତି, ଡ଼ିକେନସ୍ ବେହେରା, ଗଣେଶ ହେମ୍ବ୍ରମ,ଶୈଳେସ ବିଶ୍ୱାଳ, ମମତା ଟୁଡୁ, ପଦ୍ମାବତୀ ଦେହୁରୀ, ଯମୁନା ହେମ୍ବ୍ରମ, ପ୍ରତାପ ବେହେରା, ଆଶିଷ କୁମାର ଦାସ, ସୁଶାନ୍ତ ବେହେରା, ପାଗାନ ମୁର୍ମୁ, ବିଣାକାର ମହାପାତ୍ର ଏବଂ ବହୁ ଯୁବକ ଛାତ୍ର ମାନେ ସହଯୋଗ କରିଥିଲେ ।

## ନବ ବଧୂର ଆତ୍ମହତ୍ୟା

ଗଣିଆ, (ମହାଭାରତ): ଗଣିଆ ବ୍ଲକ ଅଧିନ ଛାମୁଣ୍ଡିଆ ପଞ୍ଚାୟତ ଅନ୍ତର୍ଗତ ଧୋବାବୋରେଇ ଗ୍ରାମ ରେ ଏକ ଅଭାବନୀୟ ଘଟଣା ଘଟିଛି । ପ୍ରକାଶ ଥାଉକି ଛାମୁଣ୍ଡିଆ ନିବାସୀ ସଦାନନ୍ଦ ନାୟକଙ୍କ ଝିଅ କାଜଲ୍ ନାୟକ ସହିତ ଧୋବାବୋରେଇ ଗ୍ରାମର ଭାଗିରଥି ନାୟକଙ୍କ ଜ୍ୟେଷ୍ଠ ପୁତ୍ର ଜିତୁମିତ୍ର ନାୟକଙ୍କ ସହିତ ବୈଦିକ ରୀତିରେ ଦୀର୍ଘ ଆଠ ମାସ ତଳେ ବିବାହ ସମ୍ପନ୍ନ ହୋଇଥିଲା । ପ୍ରକାଶ ଥାଉକି ମୃତ ଝିଅର ବାପା ସଦାନନ୍ଦ ନାୟକ ଶୁକ୍ର ବାର ଦିନ ଗଣିଆ ଥାନା ରେ ଏକ ଲିଖିତ ଅଭିଯୋଗ କରିଥିଲେ କି ମୋ ଝିଅକୁ ସ୍ୱାମୀର ଘର ଲୋକ ବାରମ୍ବାର ଯୌତୁକ ନିର୍ଯ୍ୟାତନା ଦେଇ ଆସୁଥିଲେ । ଏ ନେଇ ମୋ ଝିଅ ମୋତେ ପୂର୍ବରୁ ବାରମ୍ବାର ଅଭିଯୋଗ କରିଥିଲା । ଯୌତୁକ ଜନିତ ଘଟଣା ପାଇଁ ଶାଶୁ ଘର ଲୋକ ମୋ ଝିଅକୁ ମାରିଥିଲେ। ଶୁକ୍ର ବାର ଭୋର ସମୟରେ ଭାଣେଜି କାଜଲ ର ଏଭଳି ଖବର ପାଇ ନିକଟରେ ଥିବା ଝିଅର ମାମୁଁ ବିଜୟ କୁମାର ନାୟକ ଭୋର ସମୟରେ ହଠାତ୍ ଯାଇ ପହଞ୍ଚି ଭାଣେଜି ର ଏଭଳୀ ଦୃଶ୍ୟ ଦେଖି ଶାଶୁ ଘର ଲୋକ ଙ୍କୁ ପ୍ରଶ୍ନ କରିଥିଲେ । ତାଙ୍କ ସ୍ୱାମୀ ଓ ପରିବାର ଲୋକ ଙ୍କୁ ପଚାରିବାରେ ବୋହୁ ର ଦେହ ଅସୁସ୍ଥ ଥିବା ଓ ଔଷଧ ଖାଇଥିବା କଥା ଦର୍ଶାଇ ଥିଲେ ଏବଂ ଝିଅ କୁ କାହିଁକି ମେଡ଼ିକାଲ ନେଇ ନଥିଲ ବୋଲି ପଚାରିବା ସହିତ ଝିଅ ର ଦେହ ହାତ ଦେଖିଥିଲେ ଏବଂ ବେକରେ ଦାଗ ଦେଖି ଝିଅ ର ଜୀବନ ଚାଲିଯାଇଛି ବୋଲି ଅଭିଯୋଗ କରିଥଲେ ଏହାପରେ ତାଙ୍କୁ ସ୍ୱାମୀ ଙ୍କ ପରିବାର ଲୋକ ଗଣିଆ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର କୁ ଆଣିଥିଲେ । ସେଠାରେ ଡ଼ାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଏ ନେଇ ସ୍ୱାମୀ ଓ ଶ୍ୱଶୁର ଙ୍କୁ ଗଣିଆ ଥାନା ରେ ଅଟକ ରଖି ଥାନା ଅଧିକାରୀ ଲକ୍ଷ୍ମଣ ଦଣ୍ଡସେନା ଘଟଣା ର ତଦନ୍ତ ଆରମ୍ଭ କରିଥଲେ । ଗଣିଆ ଥାନା ପକ୍ଷରୁ କେସ ନମ୍ବର ୧୫୦/୨୦୨୫ ଏକ ମାମଲା ରୁଜୁ କରାଯାଇଥିଲା । ସନ୍ଧ୍ୟା ସମୟରେ ମୃତ ଝିଅର ଶବ କୁ ବ୍ୟବଚ୍ଛେଦ ପାଇଁ ଦଶପଲ୍ଲା ପଠାଯାଇଥିଲା।

## ଆରଡ଼ି, ପିଡବ୍ଲ୍ୟୁଡି ରାସ୍ତାରେ ଲଟାବୁଦା ଯୋଗୁଁ ବଢୁଛି ଦୁର୍ଘଟଣା

ଜୁନାଗଡ଼, (ମହାଭାରତ) : ସମ୍ପ୍ରତି ବର୍ଷାଋତୁ ଶେଷ ହେବାକୁ ଯାଉଛି ଓ ଶୀତ ଋତୁ ଅନୁଭୂତ ହେଲାଣି ।କଳାହାଣ୍ଡି ଜିଲ୍ଲାର ଆରଡ଼ି ଓ ପିଡବ୍ଲ୍ୟୁଡି ବିଭାଗର ଅନେକ ରାସ୍ତାରେ ଅନବନା ଲଟାବୁଦା ରାସ୍ତା ଉପରକୁ ମାଡି ଗଲାଣି ।ଏହି ଅବସ୍ଥା ଜିଲ୍ଲାସାରା ଦେଖିବାକୁ ମିଳୁଛି ।ରାସ୍ତାର ଉଭୟ ପାଶ୍ୱରେ ଲଟାବୁଦା ଯୋଗୁଁ, ଚାରିଚକିଆ ଯାନ ବାହାନ ଆସିବା ସମୟରେ ବାଇକ, ସାଇକଲ ଆରୋହୀ ସମେତ ପଦାଚାରୀଙ୍କ ନାହିଁ ନ ଥିବା ଅସୁବିଧା ଭୋଗିବାକୁ ପଡୁଛି ।ସମାନରୁ ଆସୁଥିବା ଯାନ ବାହାନ ସଠିକ ଭାବେ ଦେଖା ନ ଯିବା ଯୋଗୁଁ ଦୁର୍ଘଟଣା ଘଟୁଛି ।ଅନେକ ରାସ୍ତାର ମରାମତି ଓ ରକ୍ଷଣାବେକ୍ଷଣ ସମୟ ରହିଥିବା ବେଳେ, ଏଥିପାଇଁ ଅର୍ଥ ମଧ ବ୍ୟୟ ଅଟକଳ କରାଯାଇଛି ।ହେଲେ କାହିଁକି ଠିକାଦାର ସମ୍ପୃକ୍ତ କାର୍ଯ୍ୟ କରୁନାହାନ୍ତି, ତାହା ଜଣା ପଡୁନାହିଁ ।ଏପରି ଏକ ରାସ୍ତା ହେଉଛି, ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧିନସ୍ଥ ଜୁନାଗଡ଼ ଦେଦର ରାସ୍ତା ଅନେକ ସମୟରେ ନିମ୍ନ ମାନର ନିର୍ମାଣ କାର୍ଯ୍ୟ ପାଇଁ ଚର୍ଚ୍ଚିତ ଥିବା ଏହି ରାସ୍ତାର ବେପରୁଆ ଠିକାଦାରଙ୍କ ଅବହେଳାର ଶିକାର ହେଉଛନ୍ତି ଅଂଚଳର ନିର୍ଭରଶୀଳ ଲୋକ ।ନିର୍ମାଣର କେଇମାସ ପରେ ପିଚୁରାସ୍ତା ଫାଟି ଆଁ କଲାଣି ।ରାସ୍ତାରେ ଦିଆଯାଇଥିବା ଉଭୟ ପାଶ୍ୱର ଚିହ୍ନକୁ ଅନେକ ଦିନରୁ ଲଟାବୁଦା ମାଡି ଯିବା ଫଳରେ, ସଂକୀର୍ଣ୍ଣତା ଓ ଅଦୃଶ୍ୟତା ଯୋଗୁଁ ଦୁର୍ଘଟଣା ଘଟୁଛି ।ହେଲେ ଏଥିପ୍ରତି, ନା ଦୃଷ୍ଟି ଦେଉଛି ଠିକାଦାର,ନା ଦୃଷ୍ଟି ଦେଉଛି ବିଭାଗ ।ଉଭୟଙ୍କ ଅପାରଗତା ଓ ବେପରୁଆ ଯୋଗୁଁ ନିରୀହ ଜନତା ହନ୍ତସନ୍ତ ।ଲୋକେ ଏହି ସମସ୍ୟାକୁ ନେଇ ଆଗାମୀ ଦିନରେ ଆନ୍ଦୋଳନ ପାଇଁ ସଜବାଜ ହେଉଥିବା ଶୁଣାଯାଏ ।ସମ୍ପୃକ୍ତ ବିଭାଗ ଓ ଜିଲ୍ଲା ପ୍ରଶାସନ ଏ ଦିଗରେ ବିହିତ ପଦକ୍ଷେପ ନେବାକୁ ବିଭିନ୍ନ ମହଲରେ ଦାବି ହେଉଛି ।

## ଦୁର୍ଘଟଣାରେ ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟା ମୃତ

ଲକ୍ଷ୍ମୀପୂର, (ମହାଭାରତ) : କୋରାପୁଟ ଜିଲ୍ଲା ଲକ୍ଷ୍ମୀପୂର ବ୍ଲକ ଅଧୀନ କାକିରିଗୁମା ଥାନା ଅନ୍ତର୍ଗତ କେଲ୍ଲାର ଗ୍ରାମର ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟା ଶ୍ରୀମତୀ ପୁଷ୍ପା କୌଶଲ୍ୟାଙ୍କ ଗତ ରାତ୍ରି ୧୨ଟା ୧୦ମିନିଟ୍ ବେଳେ ଏକ ଦୁର୍ଦ୍ଦାନ୍ତ କାର ଦୁର୍ଘଟଣାରେ ଘଟଣାସ୍ଥଳରେ ମୃତ୍ୟୁ ଘଟିଛି । ସୂଚନା ଅନୁଯାୟୀ, ଗୁରୁବାର ଦିନ କେଲ୍ଲାର ଗ୍ରାମରେ ଦିଆଲ ପର୍ବ ପାଳନ ଉପଲକ୍ଷେ ଗ୍ରାମବାସୀମାନେ ଭୋଜି ଭାତ ଆୟୋଜନ କରିଥିଲେ । ସେହି ଆୟୋଜନରେ ପୁଷ୍ପା ଦେବୀ ତାଙ୍କ ସମଗ୍ର ପରିବାର ସହ ଯୋଗ ଦେଇଥିଲେ । କିଛି ସମୟ ପରେ ରାତି ବେଳେ କାର ଡ଼ଓ୧୦କ- ୪୨୨୪ ନଂ ଗାଡି ଯୋଗେ ରେ ଦମନଯୋଡି ଅଭିମୁଖେ ଯାଉଥିବା ବେଳେ କୁଡିପଦର ଘାଟି ନିକଟରେ ଅନ୍ୟ ଗାଡି ସହିତ ସାମ୍ନାସାମ୍ନି ହେବାକୁ ଯାଉଥିବା ଦେଖି ଭାରସାମ୍ୟ ହରାଇ ନିୟନ୍ତ୍ରଣ ହୀନ ହୋଇ ବେରିକେଡରେ ଧକ୍କା ଦେଇଥିଲା । ଧକ୍କା ଏତେ ଜୋରରେ ଥିଲା ଯେ ବେରିକେଡ୍ ର ଲୋହା କାର ଇଞ୍ଜିନ ଭେଦି ସିଧା ବାମପଟ ସିଟ୍ ପର୍ଯ୍ୟନ୍ତ ପହଞ୍ଚିଥିଲା । ଫଳରେ ସେହି ସିଟରେ ବସିଥିବା ଶ୍ରୀମତୀ ପୁଷ୍ପା କୌଶଲ୍ୟା ଗୁରୁତର ଆହତ ହୋଇ ଘଟଣାସ୍ଥଳରେ ମୃତ୍ୟୁ ବରଣ କରିଥିଲେ । ତାଙ୍କ ସ୍ୱାମୀ ପିଣ୍ଟୁ କୌଶଲ୍ୟା ଓ ଦୁଇ ଝିଅ ଯେଉଁମାନେ ଗାଡିରେ ଥିଲେ, ସେମାନେ ପୁରା ପୁରୀ ସୁରକ୍ଷିତ ଥିବା ଦେଖିବାକୁ ମିଳିଥିଲା । ଘଟଣା ର ସୂଚନା ପାଇ କାକିରିଗୁମା ଥାନା ପୋଲିସ ଘଟଣା ସ୍ଥଳରେ ପହଞ୍ଚି, ଉଦ୍ଧାର କାର୍ଯ୍ୟ କରିଥିଲେ । ମୃତଦେହକୁ ପୋଷ୍ଟମର୍ଟମ ପାଇଁ ଲକ୍ଷ୍ମୀପୂର ହସ୍ପିଟାଲକୁ ପଠାଯାଇ ପୋଷ୍ଟ ମୋଟମ ପରେ ପରିବାର ବର୍ଗ ଙ୍କୁ ହସ୍ତାନ୍ତର କରିଥିଲେ ।

## ଅଖିଳ ଭାରତୀୟ ଗ୍ରାହକ କଲ୍ୟାଣ ପରିଷଦର ରାଜ୍ୟ ଅଧକ୍ଷା ଭାବେ ବନ୍ଦିତା ଓ ଜାତୀୟ ସମ୍ପାଦିକା ଭାବେ ସ୍ନେହମୟୀ ମନୋନୀତ

ପାରାଦୀପ, (ମହାଭାରତ) : ଜାତୀୟ ସ୍ତରରୁ ଜିଲ୍ଲା ସ୍ତରର ଗ୍ରାମାଞ୍ଚଳ ପର୍ଯ୍ୟନ୍ତ ପ୍ରତିଦିନ ଉପଭୋକ୍ତା ବା ଗ୍ରାହକ ମାନଙ୍କର ବିବିଧ ସମସ୍ୟା ଯଥା ଠକେଇ , ଶୋଷଣ, ଅପମିଶ୍ରଣ ଇତ୍ୟାଦି ବିରୁଦ୍ଧରେ ଉପଭୋକ୍ତା ମାନଙ୍କୁ ନ୍ୟାୟ ଦେବା ପାଇଁ ଅଖିଳ ଭାରତୀୟ ଗ୍ରାହକ କଲ୍ୟାଣ ପରିଷଦ ନିରନ୍ତର ଭାବେ ପ୍ରୟାସ ଜାରି ରଖିଛି । ରାଜ୍ୟ ଓ ଜିଲ୍ଲା ସ୍ତରରେ ଅନୁଭବୀ ତଥା କାର୍ଯ୍ୟ ନିପୂଣ ବ୍ୟକ୍ତି ବିଶେଷଙ୍କୁ ବିଭିନ୍ନ ପଦ ପଦବୀରେ ମନୋନୟନ କରାଯାଇ ପରିଷଦ ତାର କାର୍ଯ୍ୟ କ୍ରମକୁ ସଫଳ ଭାବରେ ରୂପାୟନ କରି ଆସୁଅଛି । ରାଜ୍ୟ ମହିଳା ଶାଖାର ସଭାପତି ଶ୍ରୀମତୀ ସ୍ନେହମୟୀ ଆଚାର୍ଯ୍ୟ ଯିଏ କି ବର୍ତ୍ତମାନ ବ୍ୟାସ ଫାଉଣ୍ଡେସନର ଅଧକ୍ଷା ତଥା ବିବିଧ ସମାଜ କଲ୍ୟାଣ



କାର୍ଯ୍ୟ କ୍ରମରେ ନିଜକୁ ଉତ୍ସର୍ଗୀକୃତ କରାଇଛନ୍ତି ତାଙ୍କର କାର୍ଯ୍ୟ ଦକ୍ଷତାକୁ ବିଚାର ବିମର୍ଶ କରି ପରିଷଦର ଜାତୀୟ ଅଧକ୍ଷ ତଥା ଜାତୀୟ ସାଧାରଣ ସମ୍ପାଦକ ତାଙ୍କୁ ଜାତୀୟ ସମ୍ପାଦିକା ମହିଳା ବିଭାଗ ଭାବେ ମନୋନୀତା କରାଇବା ସହ ଶ୍ରୀମତୀ ଆଚାର୍ଯ୍ୟଙ୍କ ସୁପାରିଶ କ୍ରମେ ପାରାଦୀପର ଆଇନଜ୍ଜୀ ଡ଼ଃ.ବନ୍ଦିତା ଶୁଭଦର୍ଶିନୀ ପଟ୍ଟନାୟକ ଙ୍କୁ ରାଜ୍ୟ ମହିଳା ଶାଖାର ଅଧକ୍ଷା ଭାବେ ମନୋନୟନ କରାଯାଇଛି । ଶ୍ରୀମତୀ ପଟ୍ଟନାୟକ ପାରାଦ୍ୱୀପ ଅଞ୍ଚଳରେ ଆଇନ ସେବା ସହିତ ବିଭିନ୍ନ ସାମାଜିକ ସଂଗଠନ ସହିତ ସମର୍ପିତ ଭାବେ ଜଡ଼ିତ ଅଛନ୍ତି । ସେ ଏକାଧାରରେ ଜଣେ ଆଗଧାଡିର କଣ୍ଠଶିଳ୍ପୀ , ସମାଜ ସେବିକା , ସଫଳ ଗୃହିଣୀ ତଥା ଜଣାଶୁଣା ଶ୍ରମିକ ନେତା ରାକେଶ ପଟ୍ଟନାୟକ ଙ୍କର ଧର୍ମପତ୍ନୀ ଅଟନ୍ତି । ଶ୍ରୀମତୀ ଆଚାର୍ଯ୍ୟ ଓ ଶ୍ରୀମତୀ ପଟ୍ଟନାୟକଙ୍କର ଏପରି ମନୋନୟନକୁ ପାରାଦ୍ୱୀପ ଓ ତତ୍ ସଂଲଗ୍ନ ଅଞ୍ଚଳର ବୁଦ୍ଧିଜୀବୀ ଓ ଉପଭୋକ୍ତା କର୍ମୀ ମାନେ ଏହାକୁ ଯଥାର୍ଥ ବୋଲି ସ୍ୱୀକାର କରିବା ସହ କୃତଜ୍ଞତା ଓ ଅଭିନନ୍ଦନ ଜଣାଇଛନ୍ତି ।

# ଚୋରା ବାଲି ଉତ୍ତୋଳନ ପାଇଁ ସତ୍ୟାଗ୍ରହ

ହାଟଡିହି, (ମହାଭାରତ) : ଏପରି ଏକ ଖବର ଦେଖିବାକୁ ମିଳିଥିଲା ଶୁକ୍ରବାର ଦିନ ଦିନ ୧୧ଟା ସମୟରେ ଯାହାକି ତତଲା ବାଲି ର ବୈତରଣୀ ନଦୀ ବାଲି ଶଯ୍ୟା ରେ ଆମ୍ୱୋ ପଞ୍ଚାୟତ କରୋଗଲାନନ୍ଦୀ କୂଳ ରୁ ବେଆଇନି ବାଲି ଉତ୍ତୋଳନ ପ୍ରତିବାଦ ରେ । ଯାହାକି ସୂଚନା ଅନୁଯାୟୀ ଦୁର୍ନୀତି ମୁକ୍ତ ପ୍ରଗତି ଶିଳ ମଞ୍ଚ ର ଆବାହକ ଯଜ୍ଞ ପ୍ରସାଦ ସାହୁ ଙ୍କ ନେତୃତ୍ୱ ରେ ଏକାଧିକ ମହିଳା ପୁରୁଷ ସାମିଲ ହୋଇଥିଲେ । ଯାହାର ନାମ ଥିଲା ବାଲି ସତ୍ୟା ଗ୍ରହ, ଏହି ସତ୍ୟାଗ୍ରହ ରେ ଅନେକ ମହିଳା ପୁରୁଷ ଏକାଠି ହୋଇଥିଲେ । ବର୍ତ୍ତମାନ ର ରାଜ୍ୟ ସରକାର କିପରି ବାଲି ଚୋରା ଚାଲାଣ କାରୀ ମାନଙ୍କୁ କିପରି ସୁରକ୍ଷା ଦେଉଥିବା କହିଥିଲେ । ବେଆଇନି ବାଲି ଚୋରା ଚାଲାଣ ବୃଦ୍ଧି କୁ ନେଇ ପ୍ରତିବାଦ ହୋଇଥିଲା ।




ଏଥିରେ ରାଜ୍ୟ ସରକାରଙ୍କ ଖଣି ଅଧିକାରୀ, ଜିଲ୍ଲାର ଜିଲ୍ଲାପାଳ ଓ ପୋଲିସ ପ୍ରଶାସନ ଙ୍କ ଭିତିରି ସଲା ସୁତୁରା ସମାଲୋଚନା କରିବା ସହ ରାଜ୍ୟ ସରକାର ଙ୍କୁ ଦୋଷାରଫ କରିଥିଲେ ସତ୍ୟାଗ୍ରହୀ ମାନେ । ଏହି ବେଆଇନି ବାଲି ପରିବହନ କୁ ବନ୍ଧ କରିବାକୁ ଯାଇ ସତ୍ୟାଗ୍ରହୀ ମାନେ ପୂର୍ବରୁ ଉପଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟ ଘେରାଉ କରିବା ପରେ ଟ୍ରେଞ୍ଚ ଖୋଳା ଯାଇଥିଲା । କିନ୍ତୁ ବାଲି ଚୋରା ଚାଲାଣ କାରୀ ମାନେ ସେହିଦିନ ରାତି ରେ ଟ୍ରେଂଚ ପୋତି ପୋତି ବାଲି ଲୁଟ କରିବାକୁ ସାହାସ ଯୁଟାଇ ଥିଲେ । ପରେ ସକାଳୁ ବାଲି ଚୋରି କରି ସରିବା ପରେ ପ୍ରଶାସନ କୁ ଦେଖାଇବା ପାଇଁ ଲୁଟ ମେସିନ ସାହାଯ୍ୟ ରେ ଟ୍ରେଞ୍ଚ୍ ଖୋଳି ଦେଇଥିଲେ । ଏହି ଲୁଟ ରେ ଅନେକ ଅସାମାଜିକ ଯୁବକ ରାତି ରେ ନିଶାସକ୍ତ ହୋଇ ମାରଣାସ୍ତ୍ର ଧରି ଚୋରା ଗାଡ଼ି କୁ ବିଭିନ୍ନ ବଜାର ପାର କରୁଛନ୍ତି । ଏହା ଛଡ଼ା ରାତି ରେ ଚୋରା ବାଲି ହାଇଓ୍ୱା ଗୁଡ଼ିକ ବେପରୁଆ ଭାବରେ ରାସ୍ତା ରେ ଯାଉଥିବା ରୁ ସାଧାରଣ ଲୋକେ ସନ୍ଧ୍ୟା ହେଲେ ରାସ୍ତା ରେ ଯାତାୟତ କରିବା ପାଇଁ ଭୟ କରୁଛନ୍ତି । ଯାହାକୁ ନେଇ ଯଥା ଶୀଘ୍ର ପ୍ରସାଶାନ କାର୍ଯ୍ୟାନୁଷ୍ଠାନ ନନେଲେ କରୋଗୋଳା ଗାଁ ରେ ଉଭୟ ଗ୍ରାମବାସୀ ଓ ବାଲିଚୋରା ଚାଲାଣ କାରୀ ଙ୍କ ମଧ୍ୟରେ ବଡ ଧରଣର ଅପ୍ରୀତିକର ପରିସ୍ଥିତି ଉପୁଜିପାରେ ବୋଲି ବିଭିନ୍ନ ମହଲରେ ଚର୍ଚ୍ଚା ଜୋର ଧରିଛି ।

## ଟ୍ରାକ୍ଟର ସହିତ ବାଉଁଶ ଜବତ

ଦଶପଲ୍ଲା, (ମହାଭାରତ): ନୟାଗଡ ଜିଲ୍ଲା ଦଶପଲ୍ଲା ବ୍ଲକ ଅନ୍ତର୍ଗତ ସାକେଣୀ ଗ୍ରାମରେ ଗୁରୁବାର ରାତିରେ ଦଶପଲ୍ଲା ବନାଞ୍ଚଳ ଅଧିକାରୀ ଓ ଅନ୍ୟ ସହକର୍ମୀ ମିଶି ଏକ ବାଉଁଶ ବୋଝେଇ ଟ୍ରାକ୍ଟର କୁ ଜବତ କରିଛନ୍ତି । ସୂଚନା ଅନୁସାରେ ଟ୍ରାକ୍ଟର ନଂ ଓ ଡି ୨୫ ପି ୫୭୧୧ ରେ ସତୁରି ଖଣ୍ଡ ରୁ ଉର୍ଦ୍ଧ ବାଉଁଶ ଚାଲାଣ ହେଉଥିବା ବେଳେ ସାକେଣୀ ଗ୍ରାମ ନୁଆସାହି ର ଗ୍ରାମବାସୀ ଟ୍ରାକ୍ଟର ଓ ବାଉଁଶ କୁ ଅଟକ ରଖି ଦଶପଲ୍ଲା ଫରେଷ୍ଟର କୁ ଜଣାଇଥିଲେ । ସଙ୍ଗେ ସଙ୍ଗେ ଦଶପଲ୍ଲା ରେଞ୍ଜର ଓ ଟିମ ଘଟଣା ସ୍ଥାନକୁ ଯାଇ ଟ୍ରାକ୍ଟର ଓ ବାଉଁଶ କୁ ଜବତ କରିବା ସହିତ ଘଟଣା ସ୍ଥଳରୁ ଡ୍ରାଇଭରକୁ ଗିରଫ କରିଛନ୍ତି । ଗିରଫ କରି କୋର୍ଟ ଚାଲାଣ କରିଥିବା ବେଳେ ଜାମିନ ନାମଞ୍ଜୁର ହୋଇଥିଲା । ଦଶପଲ୍ଲା ରେଞ୍ଜର ଶ୍ରୀନିବାସ ଦାସ ଗାଡିକୁ ୫୬ ଧାରା ଲଗାଇ ଅଧିକ ତଦନ୍ତ ଚଳାଇଥିବା ଜଣାପଡିଛି ।

# ମଣ୍ଡଳ ସ୍ତରୀୟ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ

ପାଟଣା, (ମହାଭାରତ): କେନ୍ଦୁଝର ଜିଲ୍ଲା ପାଟଣା ମଣ୍ଡଳ ସ୍ତରୀୟ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଛି । କାର୍ଯ୍ୟକ୍ରମ କୁ ଶିକ୍ଷକ ପାର୍ଥ ସାରଥି ବେଜଙ୍କ ସଂଯୋଜନା ଅନୁଷ୍ଠିତ ହୋଇଛି । ପାଟଣା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ କମଳାକାନ୍ତ ପତି ଙ୍କ ସଭାପତିତ୍ୱ ରେ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଛି । ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ବିନତୀ ବାନରା ଯୋଗଦାନ କରି ଉଦ୍ଘାଟନ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ କୁ ଉଦଘାଟନ କରିଛନ୍ତି । ମୁଖ୍ୟ ବକ୍ତା ଭାବେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ବିଦ୍ୟାଧର ଦାଶ ଯୋଗଦାନ କରିଛନ୍ତି । ସମ୍ମାନିତ ଅତିଥି ଭାବେ ପାଟଣା ମଣ୍ଡଳ ଶିକ୍ଷା ଅଧିକାରୀ ପ୍ରକାଶ କୁମାର ରାୟ, ଅବସରପ୍ରାପ୍ତ ସଂସ୍କୃତ ଶିକ୍ଷକ ପଣ୍ଡିତ କ୍ଷୀରୋଦ ଚନ୍ଦ୍ର ମିଶ୍ର, ଉପସ୍ଥିତ ଥିଲେ । ଏହି ମଣ୍ଡଳ ସ୍ତରୀୟ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ ରେ ବରିଷ୍ଠ ଓ କନିଷ୍ଠ ବିଭାଗ ରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ଉଚ୍ଚ ବିଦ୍ୟାଳୟ



ର ଛାତ୍ରଛାତ୍ରୀ ବିଜ୍ଞାନ ମେଳା, ଚିତ୍ରାଙ୍କନ, ଶିଳ୍ପକଳା, ବକ୍ତୃତ୍ୱତା, ସଙ୍ଗୀତ, ନୃତ୍ୟ ରେ ୧୩ଟି କ୍ଲଥ କ୍ଷୋରରୁ ୫ଶହ ଜଣ ଛାତ୍ରଛାତ୍ରୀ ପ୍ରତିଯୋଗିତା ଅଂଶ କରିଥିଲେ । ସେହି ପରି ଉଦଯାପନୀ ଉତ୍ସବ ପ୍ରଧାନ ଶିକ୍ଷକ କମଳାକାନ୍ତ ପତି ଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ହୋଇଛି । ମୁଖ୍ୟ ଅତିଥି ଭାବେ ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ ଯୋଗଦାନ କରିଛନ୍ତି । ମୁଖ୍ୟବକ୍ତା ଭାବେ ଅଜୟ କୁମାର ଦାଶ ଯୋଗଦାନ କରିଛନ୍ତି । ସମ୍ମାନିତ ଅତିଥି ଭାବେ ପାଟଣା ବ୍ଲକ ଅଧକ୍ଷା ବୀଣାପାଣି ନାୟକ,ପାଟଣା ବ୍ଲକ ବିରାସିସି ସଚ୍ଚୀଦାନନ୍ଦ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ ପ୍ରତିଯୋଗିତା ରେ ଅଂଶ ଗ୍ରହଣ କରି ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀ ମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ମାନପତ୍ର ଦେଇ ପୁରସ୍କାର ପ୍ରଦାନ କରାଯାଇ ଯିବା ସହ ଏହି କାର୍ଯ୍ୟକ୍ରମ ରେ ସରାସକୋଲା ସରକାରୀ ପ୍ରାଥମିକ ବିଦ୍ୟାଳୟ ପ୍ରଥମ ସ୍ଥାନ ଗ୍ରହଣ କରି ଜିଲ୍ଲାସ୍ତରୀୟ କୁ ମନୋନୀତ ହୋଇଛି । ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ କୁ ସନ୍ତୋଷ କୁମାର ନାଏକ,ପ୍ରମୋଦ କୁମାର ମହାନ୍ତ, ସତ୍ୟବ୍ରତ ବେଜ, ରାଧାକାନ୍ତ ଜେନା, କୁନାଲ୍ ପଣ୍ଡା, ଯୁଧିଷ୍ଠିର ମହାନ୍ତ ସଂପୂର୍ଣ୍ଣ ସହଯୋଗ କରିଛନ୍ତି ।

## କର୍ମଚାରୀଙ୍କ ଯାତାୟତରେ ସୁରକ୍ଷା ପାଇଁ ପିଆଇସିଟି ପକ୍ଷରୁ ଇ-ବସ ସେବା ପ୍ରଚଳନ

ପାରାଦୀପ, (ମହାଭାରତ) : ପାରାଦୀପ ବନ୍ଦରରେ ଥିବା ପାରାଦୀପ ଇଣ୍ଟରନ୍ୟାସନାଲ କାର୍ଗୋ ଟର୍ମିନାଲ (ପିଆଇସିଟି) ନିଶିଧାଞ୍ଚଳରେ କାର୍ଯ୍ୟ କରୁଥିବା ଶ୍ରମିକ ଓ କର୍ମଚାରୀ ମାନଙ୍କ ସୁରକ୍ଷା ନିମନ୍ତେ ବିଭିନ୍ନ ପଦକ୍ଷେପ ଗ୍ରହଣ କରିଛି । ଏହି ପରିପ୍ରେକ୍ଷୀରେ ଟର୍ମୀନାଲ ମଧ୍ୟରେ ପାଦଚଲା କର୍ମଚାରୀଙ୍କ ଯାତାୟାତ ସୁବିଧା ନିମନ୍ତେ କମ୍ପାନୀ ପକ୍ଷରୁ ଏକ ପ୍ରଦୂଷଣ ମୁକ୍ତ ଇ-ବସ ସେବାକୁ ଟର୍ମୀନାଲ ମୁଖ୍ୟ ଉଦଘାଟନ କରିଛନ୍ତି । ଏହାଦ୍ୱାରା ପାଦରେ ଚାଲିକି ଯାଉଥିବା କର୍ମଚାରୀଙ୍କ ପାଇଁ ଅନେକ ସୁବିଧା ହେବାସହ



ସେମାନଙ୍କ ସୁରକ୍ଷା ସତପ୍ରତିଶ ସୁନିଶ୍ଚିତ ହୋଇପାରିବ । ସୂଚନାଥାଉକି, ନିକଟରେ ଶ୍ରମିକ ମାନଙ୍କ ସୁରକ୍ଷା ଉପରେ କମ୍ପାନୀ ନେଇଥିବା ପଦକ୍ଷେପ ବିଷୟରେ ଧାରଣା ନେବା ପାଇଁ ସେମାନଙ୍କ ପରିବାର ଙ୍କୁ ଟର୍ମିନାଲ ମଧ୍ୟରେ ବୁଲାଇ ଦେଖାଯାଇଥିଲା । ତେବେ ଶ୍ରମିକ ଓ କର୍ମଚାରୀ ମାନଙ୍କ ସୁରକ୍ଷା ଉପରେ କମ୍ପାନୀ ନେଉଥିବା ପଦକ୍ଷେପକୁ ପ୍ରଶଂସା କରାଯାଇଛି ।

## ସ୍ତ୍ରୀକୁ କାଠ ଫାଳିଆରେ ବାଡେଇ ମାରିଲା ସ୍ୱାମୀ

କପ୍ତିପଦା, (ମହାଭାରତ): ଜହ୍ଲାଦ ସ୍ୱାମୀ। ସ୍ତ୍ରୀକୁ କାଠ ଫାଳିଆରେ ବାଡେଇ ମାରିଲା। ଏଭଳି ଘଟଣା ଘଟିଛି ଶରତ ଥାନା ପାତାସାହି ଅଞ୍ଚଳରେ । ଗ୍ରାମର ଗୁରୁବାରୀ ପୂର୍ତ୍ତି ଘରେ ଥିବା ବେଳେ ତାଙ୍କ ସ୍ୱାମୀ କାମରେ ବାହାରକୁ ଯାଇଥିଲେ । ଘରକୁ ଫେରିବା ପରେ ସ୍ୱାମୀ ଭଞ୍ଜା ପୂର୍ତ୍ତି ସହିତ କୌଣସିକଥା କୁନେଇ ଝଗଡା ହୋଇଥିଲା । ଝଗଡା ଏତେ ଉଗ୍ର ରୂପ ନେଇଥିଲା ଯେ ଏକ କାଠ ଫାଳିଆରେ ସ୍ତ୍ରୀ ଗୁରୁବାରୀ ର ମୁଣ୍ଡ ଫଟାଇ ଦେବା ସହିତ ଜୀବନରୁ ମାରିଦେବାକୁ ଉଦ୍ୟମ କରିଥିଲା ସ୍ୱାମୀ. ଗୁରୁତର ଅବସ୍ଥାରେ ସ୍ତ୍ରୀ କୁ ଛାଡି ଘଟଣାସ୍ଥଳରୁ ଜହ୍ଲାଦ ସ୍ୱାମୀ ଭଞ୍ଜା ପୂର୍ତ୍ତି ଫେରାର ହୋଇଯାଇଥିବା ବେଳେ ଗୁରୁତର ଅବସ୍ଥାରେ ଗୁରୁବାରୀ ଙ୍କୁ ଚିକିତ୍ସା ନିମନ୍ତେ ମେଡିକାଲ ନେବା ବାଟରେ ତାଙ୍କର ମୃତ୍ୟୁ ହୋଇଥିଲା । ଯାହାକି ଏ ନେଇ ପୋଲିସ କୁ ଖବର ଦେବା ପରେ ଶରତ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହିତ ସାଇଣ୍ଟିଫିକ ଟିମ ସହାୟତାରେ ତଦନ୍ତ କୁ ତ୍ୱରାନ୍ୱିତ କରିଛି । ଅନ୍ୟପଟେ ଅଭିଯୁକ୍ତ ସ୍ୱାମୀ କୁ ପୋଲିସ ଗିରଫ କରିଛି । ତେବେ ପାରିବାରିକ କଳହ ର ଏହା କରୁଣ ପରିଣତି ହୋଇଥିବା ବେଳେ ପୂର୍ବରୁ ମଧ ଅନେକ ବାର ଉଭୟ ଙ୍କ ମଧ୍ୟରେ ଝଗଡା ଲାଗି ରହୁଥିଲା ବୋଲି କହିଛନ୍ତି ମୃତକଙ୍କ ପୁଅ ଏବଂ ଝିଅ ।

# ବ୍ୟାସ ଫାଉଣ୍ଡେସନ ଦ୍ୱାରା ପାରାଦୀପରୁ ୧୩ ଜଣ ମାନସିକ ଭିନ୍ନକ୍ଷମ ଉଦ୍ଧାର ଓ ଥଇଥାନ

ପାରାଦୀପ, (ମହାଭାରତ) : ବ୍ୟାସ ଫାଉଣ୍ଡେସନ ଜରିଆରେ ଅଧକ୍ଷା ସ୍ନେହମୟୀ ଆଚାର୍ଯ୍ୟ ଓ ତାଙ୍କ ସାଥିମାନେ ଦୀର୍ଘ ୭ ବର୍ଷ ହେବ ସାମାଜିକ ଦାୟିତ୍ୱ ବହନ କରିବା ସହ ସାଗ୍ରହ ଓ ସ୍ୱେଚ୍ଛାକୃତ ଭାବେ ନିଜସ୍ୱ ଚେଷ୍ଟା ଓ ଉଦ୍ୟମରେ ସେବା କାର୍ଯ୍ୟ କରିଆସୁଛନ୍ତି । ବିଶେଷ କରି ମାନସିକ ଭିନ୍ନକ୍ଷମ ବ୍ୟକ୍ତି ବିଶେଷଙ୍କ ପାଇଁ ଶ୍ରୀମତୀ ଆଚାର୍ଯ୍ୟଙ୍କ ସ୍ୱର୍ଶକାତରତା ବେଶ୍ ପ୍ରଶଂସନୀୟ । ତେବେ ଶିଳ୍ପ ନଗରୀ ପାରାଦୀପର ବିଭିନ୍ନ ରାସ୍ତାରେ କିଛି ଅସହାୟ ମାନସିକ ଭିନ୍ନକ୍ଷମ ବ୍ୟକ୍ତି ଲୋକଙ୍କୁ ଆକ୍ରମଣ କରିବା ଘଟଣା ସଧାରଣରେ ଚିନ୍ତାର ବିଷୟ ହୋଇପଡିଥିବା ଏବଂ ଏଥିପ୍ରତି କୌଣସି ସ୍ୱେଚ୍ଛାସେବୀ ଅନୁଷ୍ଠାନ ପଦକ୍ଷେପ ଗ୍ରହଣ କରିବାକୁ ସାହସ କରୁନଥିବା ବେଳେ ବ୍ୟାସ ଫାଉଣ୍ଡେସନ ନିରବଛିନ୍ନ ଭାବେ ଏମାନଙ୍କ ଉଦ୍ଧାର କାର୍ଯ୍ୟ ଜାରି ରଖିଛି । ଏହି ପରିପ୍ରେକ୍ଷୀରେ ପାରାଦୀପରେ ଅନେକ ମାନସିକ ଭିନ୍ନକ୍ଷମ ବଜାର ଓ ରାସ୍ତାରେ ଅସହାୟ ଭାବେ ବୁଲୁଥିବା ବେଳେ ପାରାଦୀପର କାର୍ଯ୍ୟରତ ସାମ୍ବାଦିକ ମାନେ ଶ୍ରୀମତୀ ସ୍ନେହମୟୀ ଆଚାର୍ଯ୍ୟଙ୍କୁ ଖବର ଦେବାପରେ ଶୁକ୍ରବାର ଦିନ ସକାଳେ ସ୍ନେହମୟୀ ଓ ବ୍ୟାସ




ଫାଉଣ୍ଡେସନ ର ସଦସ୍ୟ ଓ ସଦସ୍ୟା ମାନେ ପାରାଦୀପ ଓ ଏହାର ଆଖପାଖ ଅଞ୍ଚଳରୁ ୧୩ ଜଣ ମାନସିକ ଭିନ୍ନକ୍ଷମଙ୍କୁ ଉଦ୍ଧାର କରିଥିଲେ କ୍ଷ ଜଗତସିଂହପୁର ଓ ଜିଲ୍ଲାର ବିବିଧ ଅଞ୍ଚଳରୁ ନିଜସ୍ୱ ଖର୍ଚ୍ଚ ଓ ବ୍ୟବସ୍ଥାରେ ପ୍ରାୟ ୫୦୦ ରୁ ଉର୍ଦ୍ଧ ମାନସିକ ଭିନ୍ନକ୍ଷମଙ୍କୁ ଉଦ୍ଧାର, ଚିକିତ୍ସା ଓ ଥାଇଥାନ କରି ଆତ୍ମସନ୍ତୋଷ ପାଉଛନ୍ତି ବୋଲି ପ୍ରକାଶ କରିବା ସହ ଏହି ମାନସିକ ଭିନ୍ନକ୍ଷମ ଓ ସେମାନଙ୍କ ପରିବାର ପାଇଁ ବ୍ୟାସ ଫାଉଣ୍ଡେସନ ଏକମାତ୍ର ସାହାରା ପାଲଟିଛି ବୋଲି କହିଛନ୍ତି ଶ୍ରୀମତୀ ଆଚାର୍ଯ୍ୟ । ଆମ ଜିଲ୍ଲାରେ ଏପରି ମାନସିକ ଭିନ୍ନକ୍ଷମଙ୍କ ପାଇଁ ଥଇଥାନର ସୁଯୋଗ ନଥିବାରୁ ଏପରି ବ୍ୟକ୍ତି ବିଶେଷଙ୍କ ପାଇଁ ଅନେକ ପରିବାର ଦୁର୍ବିସହ ସ୍ଥିତିରେ ରହୁଛନ୍ତି । ଜିଲ୍ଲା ପ୍ରଶାସନ ସହ ଯୋଗାଯୋଗ କଲେ ମଧ୍ୟ ତାର କୌଣସି ଆଶୁ ସମାଧାନ ହେଉନଥିବାରୁ ପ୍ରତ୍ୟକ୍ଷ ଭାବେ ପରିବାରର ଲୋକମାନେ ଶ୍ରୀମତୀ ସ୍ନେହମୟୀ ଆଚାର୍ଯ୍ୟଙ୍କୁ ଯୋଗାଯୋଗ କରି ମାନସିକ ଭିନ୍ନକ୍ଷମଙ୍କୁ ଉଦ୍ଧାର କରି କଣାସ ସ୍ଥିତ ନୀଳାଚଳ ସେବା ପ୍ରତିଷ୍ଠାନରେ ସେମାନଙ୍କୁ ଚିକିତ୍ସା, ଥଇଥାନ କରିବା ସହ ପରିବାର ଲୋକଙ୍କୁ ସୁରକ୍ଷା ଓ ଆଶ୍ୱସ୍ତି ଦେଇପାରିଛନ୍ତି । ଏଠାରେ ଏକ ଗୁରୁତ୍ୱପୂର୍ଣ୍ଣ ଦିଗ ହେଉଛି ପ୍ରତ୍ୟେକ ଜିଲ୍ଲାରେ ସାମାଜିକ ସୁରକ୍ଷା ଓ ନିରାପତ୍ତା ଭିତିକ ଏକ ବିଭାଗ ରହିଛି । ବିଭାଗରେ ଏପରି ବ୍ୟକ୍ତି ବିଶେଷଙ୍କ ସହାୟତା ପାଇଁ ପାଣ୍ଠି ମଧ୍ୟ ବ୍ୟବସ୍ଥିତ ଥାଏ । ମାତ୍ର ବିଭାଗର କାର୍ଯ୍ୟକୁ ସାଗ୍ରହରେ ଯଦି କୌଣସି ସ୍ୱେଚ୍ଛାସେବୀ ସଙ୍ଗଠନ କରି ପାରୁଛି ତେବେ ସଙ୍ଗଠନର କାର୍ଯ୍ୟକୁ ତ୍ୱରାନ୍ୱିତ ଓ ପ୍ରୋତ୍ସାହିତ କରିବା ପାଇଁ ଯାତାୟତ ଆଦିର ଖର୍ଚ୍ଚ ବ୍ୟବସ୍ଥିତ କରିବା ଜିଲ୍ଲା ପ୍ରଶାସନର ଦାୟିତ୍ୱ ନୁହେଁ କି ? ଏପରି କରାଗଲେ ସଂଖ୍ୟାଧିକ ନିର୍ଯାତିତ ବାପା ମାଆଙ୍କ ଠାରୁ ଆରମ୍ଭ କରି ମାନସିକ ଭିନ୍ନକ୍ଷମ ପର୍ଯ୍ୟନ୍ତ ସମସ୍ତଙ୍କୁ ପ୍ରତିଦିନ ନିରନ୍ତର ସେବା ଯୋଗାଇ ଦେବା ପାଇଁ ପ୍ରୟାସୀ ଅଛନ୍ତି ବୋଲି ଶ୍ରୀମତୀ ସ୍ନେହମୟୀ ଆଚାର୍ଯ୍ୟ, ସଭାପତି ପଣ୍ଡିତ ଡ଼ଃ ସିଦ୍ଧେଶ୍ୱର ପଣ୍ଡା, ଉପସଭାପତି ରଶ୍ମିତା ନାୟକ,ସାଧାରଣ ସମ୍ପାଦକ ବିବେକାନନ୍ଦ ହୋତା, ସହ ସମ୍ପାଦକ ସଂଗ୍ରାମ ମନ୍ତ୍ରୀ, କୋଷାଧକ୍ଷ ଶରତ କୁମାର ଦାଶ, ରଞ୍ଜନ କୁମାର ପ୍ରଧାନ (କୋଷାଧକ୍ଷ ବ୍ୟାସ ବିଷ୍ଣୁ ସ୍ନେହାଳୟ) ଦାବୀ କରିବା ସହ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ବ୍ୟାସ ଫାଉଣ୍ଡେସନର ଏପରି ନିଃସ୍ୱାର୍ଥପର ସେବା କାର୍ଯ୍ୟକ୍ରମକୁ ପାରାଦୀପର କାର୍ଯ୍ୟରତ ସାମ୍ବାଦିକ ଶୁକଦେବ ଜେନା, ଶଶାଙ୍କ ଆଚାର୍ଯ୍ୟ, ରାକେଶ ପଟ୍ଟନାୟକ,ପ୍ରଭାକର ସାହୁ, ସୁଧାଂଶୁ ନାୟକ,ସଞ୍ଜୟ ମିଶ୍ର, ନାରାୟଣ ବେହେରା, ରଶ୍ମିରଂଜନ ରାଉତରାୟ, ଲାଲା ବିନୟ ରାୟ, ବିବେକାନନ୍ଦ ରାଉତ, ଅଜିତ ଦାସ ପ୍ରମୁଖଙ୍କ ସମେତ ସାଧାରଣ ବୁଦ୍ଧିଜୀବୀ ମହଲରେ ଉଚ୍ଚ ପ୍ରଶଂସା କରାଯାଇଛି ।

# ସଦର ଥାନାରେ ରାଇଟର୍ ସାଜିଛନ୍ତି କଲେକ୍ସନ ଏଜେଣ୍ଟ

ନୟାଗଡ଼,(ମହାଭାରତ) : ନୟାଗଡ଼ ସଦର ଥାନା ରେ ଚାଲିଛି ମନମୁଖୀ ଶାସନ । ଆଇନ କୁ ଆଖି ଠାର ମାରିବା ପରି ଏବେ ଚାଲିଛି ସଦର ଥାନା । ନାହିଁ ନାହିଁ ରେ ସଦର ଥାନା ରେ ବିଭିନ୍ନ ମାମଲାର ରଫା ଦାଫା ପାଇଁ ହୋଇଛନ୍ତି ଏଜେଣ୍ଟ ନିଯୁକ୍ତି ବୋଲି ହେଉଛି ଅଭିଯୋଗ । ବିଭିନ୍ନ ମାମଲାର ରଫା ଦାଫା ପାଇଁ ଅନଲାଇନ ସୁବିଧା ମାଧ୍ୟମରେ କିମ୍ବା ଭିତିରିଆ ପକେଟ୍ ଗୁଞ୍ଜା ସହ ମାଦକ ଦ୍ରବ୍ୟ କ୍ୱାଟ୍, ପାଇଣ୍ଟି ଓ ନିବି ରେ ହେଉଛି ମାମଲା ରଫା ଦଫା ବୋଲି ହେଉଛି ଅଭିଯୋଗ । ବାବୁ ଜାଣି ସବୁ କାମ ରାଇଟର କରୁଥିବା ଅଭିଯୋଗ ଆସୁଛି । ଏବେ ସଦର ଥାନା ପୁଲିସ ର ବାଇପାସ୍ ରାସ୍ତା ହେଉଛି ଭୂସ୍ୱର୍ଗ । ସନ୍ଧ୍ୟା ହୋଇଗଲେ ବାଇପାସ୍ ରାସ୍ତା କୁ ଗଡେ ସଦର ଥାନା ର ଗାଡି । ଆଉ ଖୋଜି ବୁଲନ୍ତି ପକେଟ ଗରମ କଲା ଭଳି ବକରା ବୋଲି ଅଭିଯୋଗ ହେଉଛି । ସେହିଭଳି ଗତ ସପ୍ତାହରେ ଜୈନିକ କିଛି ଯୁବକ ସନ୍ଧ୍ୟା ସମୟରେ ବାଇପାସ୍ ରାସ୍ତା ରେ ବସି ମଦ୍ୟପାନ କରୁଥିବା ବେଳେ ସଦର ଥାନା ର ପେଟ୍ରୋଲିଙ୍ଗ୍ ଦାୟିତ୍ୱ ରେ ଥିବା ଅଧିକାରୀ ତାଙ୍କୁ ଧରୀ ସଦର ଥାନା କୁ ନେଇ ଆସି ଡ୍ରଙ୍କନ୍ ଡ୍ରାଇଭିଙ୍ଗ୍ ରେ ମାମଲା ରୁଜୁ କରିବା ସହ ଗାଡ଼ି ପାଇଁ ଫାଇନ୍ କାଟିଥିଲେ । ଏହାପରେ ଆଇନ ମୁତାବକ ତାଙ୍କୁ ନୋଟିସ୍ କରି ଥାନାରୁ ଛାଡି ଗାଡି ଗୁଡିକୁ ଅଟକ ରଖିଥିଲେ । ଏହା ପରିବର୍ତ୍ତେ ତା ପରଦିନ ଜୈନିକ ଯୁବକ ମାନେ ଥାନା କୁ ଗାଡି ପାଇଁ ଯିବାରୁ ଥାନା ଅଧିକାରୀ କୋର୍ଟରେ ଚାଲାଣ କାଟି ଗାଡ଼ି ନେବାକୁ ପରାମର୍ଶ ଦେଇଥିବା ବେଳେ ଥାନା ରେ ଥିବା ଜୈନିକ ରାଇଟର ତାଙ୍କ ଥାନା ରୁ ଗାଡ଼ି ଛାଡିବା ପାଇଁ ତିନି ହଜାର ସାଙ୍ଗକୁ ଏକ ମାଦକ ଦ୍ରବ୍ୟ ପାଇଣ୍ଟି କହିଥିଲେ ବୋଲି ସୂଚନା ମିଳିଛି । ରାଇଟର ଙ୍କ ଦାବି ମୁତାବକ ବକ ଯୁବକ ମାନେ ଫୁଲ୍ ଫିଲ୍ କରିବା ପରେ ଥାନା ରୁ ଗାଡ଼ି ମୁକୁଳି ଥିଲା । ଏଠି ପ୍ରଶ୍ନ ଉଠେ ଯଦି ସାଧାରଣ ଯୁବକ ମାଦକ ଦ୍ରବ୍ୟ ଖାଇ ପୁଲିସ ପାଖରୁ କେଶ ଖାଇ ଗାଡିର ଫାଇନ୍ ଗଣୁଛି । ସେଠି ପୁଲିସ ଥାନା ରୁ ଗାଡି ଛାଡ଼ିବା ପାଇଁ ପକେଟ୍ ଗୁଞ୍ଜା ନବା ସହ ମାଦକ ଦ୍ରବ୍ୟ କୁ ଦାବି କରୁଛି ଏବଂ ଦାବି ଫୁଲ୍ ଫିଲ୍ ହେଲାପରେ ଗାଡ଼ି କୁ ଥାନାରୁ ଛାଡିଦେଉଛି । କିନ୍ତୁ ସେହି ସଦର ଥାନା ର କର୍ମଚାରୀ ଆଜି ମାଦକ ଦ୍ରବ୍ୟ ଖାଇ ରାଜ ରାସ୍ତା ରେ ସାଧାରଣ ଲୋକ ଙ୍କୁ ଗାଳି ଗୁଲଜ କରିବା ସହ ରାସ୍ତା ମଝିରେ ସୋଇ ପଡୁଛନ୍ତି । କିନ୍ତୁ ପୁଲିସ କେବଳ ତାଙ୍କୁ ଚାକିରୀରୁ ନିଲମ୍ବନ କରି ଚୁପ୍ ବସିଛି । କିନ୍ତୁ ପୁଲିସ ଅଧିକାରୀ ଙ୍କ ଉପରେ ହେଉନି ଫଉଜଦାରୀ ମାମଲା କି କଟୁନି ଗାଡିର ଚିଲାଣା । ସେହିପରି ସଦର ଥାନା କୁ ଆସୁଥିବା ବିଭିନ୍ନ ପାସପୋର୍ଟ ଭେରିଫିକେସନ ଠାରୁ ଆରମ୍ଭ କରି ଅନ୍ୟାନ୍ୟ ପରମିଶନ୍ ପାଇଁ ରାଇଟର ଙ୍କ ମାଧ୍ୟମରେ ହେଉଛି ଅର୍ଥ କାରବାର ବୋଲି ଅଭିଯୋଗ ହେଉଛି । ସେହିପରି ନୟାଗଡ଼ ସଦରଥାନାରେ କାର୍ଯ୍ୟରତ ଜୈନିକ ରାଇଟର ଏବେ ମୁଖ୍ୟ କଲେକ୍ସନ ଏଜେଣ୍ଟ ସାଜିଛନ୍ତି । ବହୁ ମାମଲା କୁ ଥାନାରେ ରଫା ଦଫା କରିବା ପାଇଁ କରୁଛନ୍ତି ଡିଲ୍ ।ବାଲି ବୋଝେଇ ହାଇଓ୍ୱା ଗୁଡ଼ିକରୁ ମାସିକ ତିନି ହଜାର ଟଙ୍କା ଲେଖାଏଁ ଆଦାୟ କରାଯାଉଥିବା ଅଭିଯୋଗ ହେଉଛି । ସମାନ ଭାବେ ବେଆଇନ ମାଙ୍କଡ଼ା ଖଣି କାରବାରରେ ସୁରକ୍ଷା ଦେବା ପାଇଁ ରାଇଟର୍ ଲକ୍ଷାଧିକ ଟଙ୍କା ଫୋନ୍ ପେ' ମାଧ୍ୟମରେ ନେଇଥିବା ଅଭିଯୋଗ ଆସୁଛି । ଦେଶୀ ମଦ ବେପାରୀ, ଚୋରା ମଦ ବେପାରୀ, ଥାନାକୁ ଆସୁଥିବା ମାମଲା ଗୁଡ଼ିକ ରଫାଦଫା ଆଳରେ ରାଇଟର୍ ବ୍ୟାପକ ପରିମାଣର ଅର୍ଥ କାରବାର କରୁଥିବା ଅଭିଯୋଗ ହେଉଛି । କିନ୍ତୁ ଥାନା ର ବହୁ ଅଧିକାରୀ ଏହା ଜାଣି ନ ଜାଣିଲା ପରି ହେଉଛନ୍ତି । ନୟାଗଡ଼ ଏସ୍‌ପି ସଦରଥାନାରେ ଚାଲୁଥିବା ବେଆଇନ କାରବାର ଗୁଡ଼ିକ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି ।

# ଶୋଷରେ ମରିବ ପାକିସ୍ତାନ, ଭାରତ ପରେ ପାଣି ବନ୍ଦ ଯୋଜନା କରୁଛି ଆଫଗାନିସ୍ତାନ



ଆଫଗାନିସ୍ତାନ : ଭାରତ ପରେ ପାକିସ୍ତାନକୁ ନେଇ ବକ୍ଷ ପଦକ୍ଷେପ ନେଇଛି ଆଫଗାନିସ୍ତାନ । ଆଫଗାନିସ୍ତାନରୁ ପାକିସ୍ତାନ ଆଡ଼କୁ ବୋହୁଥିବା ସମସ୍ତ ନଦୀର ପାଣିକୁ ବନ୍ଦ କରିପାରେ ଆଫଗାନିସ୍ତାନ । ଶେଷରେ ଶୋଷରେ ଆଉଟପାଉଟ ହେବ ପାକିସ୍ତାନ । ପାକିସ୍ତାନକୁ ବୁନ୍ଦେ ପାଣି ଦେବନି ଆଫଗାନିସ୍ତାନ । ଆଫଗାନିସ୍ତାନ ଓ ପାକିସ୍ତାନ ମଧ୍ୟରେ କୌଣସି ଜଳ ଚୁକ୍ତି ନାହିଁ। ତେଣୁ କୁନାର ନଦୀ ଉପରେ ଆଫଗାନିସ୍ତାନ ବନ୍ଧ ତିଆରି କରିବାକୁ ଘୋଷଣା କରିଛି। କୁନାର ନଦୀ ଉପରେ ଡ୍ୟାମ ନିର୍ମାଣ କରିବ କାବୁଲ । ଯେତେ ଶୀଘ୍ର ସମ୍ଭବ ଡ୍ୟାମ ନିର୍ମାଣ ପାଇଁ ନିର୍ଦ୍ଦେଶ ଦେଇଛନ୍ତି ତାଲିବାନ ସୁପ୍ରିମ ଲିଡର । ପାକିସ୍ତାନ ସହ ଆଫଗାନିସ୍ତାନର ତିକ୍ତତା ଚରମ ସୀମାରେ ପହଞ୍ଚିଛି । ନିକଟରେ ଆଫଗାନିସ୍ତାନ ଓ ପାକିସ୍ତାନ ମଧ୍ୟରେ ଭୟଙ୍କର ଯୁଦ୍ଧ ହୋଇଥିଲା । ଏଥିରେ ଶତାଧିକ ନିହତ ହୋଇଥିଲେ । ଏହା ପରେ ଚରମ ନିଷ୍ପତ୍ତି ନେଇଛି ଆଫଗାନିସ୍ତାନ । ଆଫଗାନବାସୀଙ୍କୁ ସେମାନଙ୍କର ଜଳସମ୍ପଦ ପରିଚାଳନା କରିବାର ଅଧିକାର ଅଛି ବୋଲି ଜଳ ଏବଂ ଶକ୍ତି ମନ୍ତ୍ରୀ ମୁଲ୍ଲା ଅବଦୁଲ ଲତିଫ ମନସୁର ଜୋର ଦେଇ କହିଛନ୍ତି। ୪୮୦ କିଲୋମିଟର ଦୈର୍ଘ୍ୟ ବିଶିଷ୍ଟ କୁନାର ନଦୀ ଉତ୍ତରପୂର୍ବ ଆଫଗାନିସ୍ତାନର ହିନ୍ଦୁ କୁଶ ପର୍ବତମାଳାରୁ ବାହାରିଛି । ଏହା ପାକିସ୍ତାନର ଖୈବର ପାଖତୁନଖ୍ୱା ପ୍ରଦେଶ ଦେଇ ପ୍ରବାହିତ ହୋଇଛି । ଖୈବର ପ୍ରଦେଶରେ ଏହା କାବୁଲ ନଦୀ ସହ ମିଶିଛି । ପାକିସ୍ତାନରେ ଏହି ନଦୀର ନାଁ ଚିତ୍ରାଲ ନଦୀ । ଏହି ନଦୀ ଉପରେ ଡ୍ୟାମ ନିର୍ମାଣ କରି ପାକିସ୍ତାନକୁ ପାଣି ବନ୍ଦ କରିବାକୁ ଯୋଜନା କରିଛି ଆଫଗାନିସ୍ତାନ । ପହଲଗାମ ଆକ୍ରମଣ ପରେ ପାକିସ୍ତାନ ସହ ସିନ୍ଧୁ ଜଳ ଚୁକ୍ତି ସ୍ଥଗିତ ରଖିଥିଲା ଭାରତ । ଏବେ ପୁଣି ପାକିସ୍ତାନକୁ ପାଣି ବନ୍ଦ କରିବ ଆଫଗାନିସ୍ତାନ ।

## କେଦାରନାଥଙ୍କ ଦର୍ଶନ ୬ ମାସ ପାଇଁ ବନ୍ଦ



ଉତ୍ତରାଖଣ୍ଡ : କେଦାରନାଥ ମନ୍ଦିର କବାଟ ଶୀତକାଳ ପାଇଁ ବନ୍ଦ କରିଦିଆଯାଇଛି । ଆସନ୍ତା ୬ ମାସ ଯାଏଁ କପାଟ ବନ୍ଦ ରହିଛି । ବନ୍ଦ ହେବା ପୂର୍ବରୁ ଧାମରେ ପ୍ରବଳ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗିରହିଥିଲା । ହଜାର ହଜାର ଶ୍ରଦ୍ଧାଳୁ ବାବାଙ୍କ ଦର୍ଶନ କରିଥିଲେ । କପାଟ ବନ୍ଦ ସମୟରେ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂହ ଧାମି ଉପସ୍ଥିତ ରହିଥିଲେ । ସେହିପରି ଯମୁନେତ୍ରୀ ଧାମ କପାଟ ଗତକାଲି ଅପରାହ୍ନ ୧୨.୩୦ ମିନିଟରେ ଶୀତକାଳ ପାଇଁ ବନ୍ଦ ହୋଇଥିଲା । ୬ ମାସ ପାଇଁ ବାବା କେଦାରଙ୍କ ପୂଜା ଶୀତକାଳୀନ ସ୍ଥଳ ଓଁକାରେଶ୍ୱର ମନ୍ଦିର ଉଖିମଠରେ ହେବ । କପାଟ ବନ୍ଦ ହୋବ ପରେ ଭଗବାନ ଶିବ ଚଲ ଡୋଲି ଶୀତକାଳୀନ ସ୍ଥଳ ଓଁକାରେଶ୍ୱର ମନ୍ଦିର ଉଖିମଠକୁ ବାହାରିଛନ୍ତି । ଆଜି ପ୍ରଥମ ଦିନରେ ଡୋଲି ରାମପୁର ରାତିରେ ବିଶ୍ରାମ କରିବେ । ଏହାପରେ ୨୪ ଅକ୍ଟୋବରରେ ଗୁପ୍ତକାଶୀ ପହଞ୍ଚିବ । ୩ୟ ଦିନରେ ୨୫ ଅକ୍ଟୋବରରେ ଡୋଲି ଓଁକାରେଶ୍ୱର ମନ୍ଦିରରେ ପହଞ୍ଚିବ । ଏଠାରେ ବାବାଙ୍କ ପୂଜା ୬ ମାସ ଯାଏଁ ହେବ । ସେଥିପାଇଁ ସମସ୍ତ ପ୍ରକାରର ବ୍ୟବସ୍ଥା କରାଯାଇଛି । ଚଳିତବର୍ଷ କେଦାରନାଥ ଯାତ୍ରା ପ୍ରାକ୍ତିକ ବିପର୍ଯ୍ୟୟ ପାଇଁ ବାରମ୍ବାର ବାଧାପ୍ରାପ୍ତ ହୋଇଛି । ଲଗାତାର ଖରାପ ପାଣିପାଗ ଯୋଗୁଁ ଏଭଳି ନିଷ୍ପତ୍ତି ନିଆଯାଇଥିଲା । ଚଳିତବର୍ଷ କେଦାରନାଥ ଦର୍ଶନ ପାଇଁ ୧୬.୫୬ ଲକ୍ଷ ଶ୍ରଦ୍ଧାଳୁ ଆସିଥିଲେ । ସେହିପରି ବଦ୍ରିନାଥରେ ୧୪.୫୩ ଲକ୍ଷରୁ ଅଧିକ ରହିଥିଲା ।

## ଆଫଗାନିସ୍ତାନରେ ପୁଣି ଭୂକମ୍ପ ଝଟକା

ଆଫଗାନିସ୍ତାନ : ଆଫଗାନିସ୍ତାନରେ ପୁଣି ଭୂକମ୍ପ ଝଟକା । ଆଜି ସକାଳ ୬.୯ ମିନିଟ୍ ସମୟରେ ରାଜଧାନୀ କାବୁଲ ଏବଂ ଆଖପାଖ ଅଞ୍ଚଳରେ ଭୂକମ୍ପ ଅନୁଭୂତ ହୋଇଛି । ଭୂକମ୍ପର ତୀବ୍ରତା ୩.୭ ରହିଥିବା ଜଣାପଡିଛି । ଯାହାର କେନ୍ଦ୍ରସ୍ଥଳ ପ୍ରାୟ ୮୦ କିଲୋମିଟର ଗଭୀରତାର ରହିଛି । ଭୂକମ୍ପରେ କୌଣସି କ୍ଷୟକ୍ଷତିର ସୂଚନା ନାହିଁ ବୋଲି ଘଉଝ ସ୍ପଷ୍ଟ କରିଛି ।

ଆପଣଙ୍କୁ ଜଣାଇ ରଖୁଛୁ ଯେ, କିଛି ମାସ ପୂର୍ବରୁ ଭୂକମ୍ପ ହୋଇଥିଲା । ଯାହା ମଙ୍ଗଳବାର ଅନୁଭୂତ ହୋଇଥିଲା । ଭୂକମ୍ପର ତୀବ୍ରତା ୪.୩ ରହିଥିଲା । ଏହା ପୂର୍ବରୁ ୧୭ ଅକ୍ଟୋବରରେ ଉତ୍ତର ଆଫଗାନିସ୍ତାନ ହୋଇଥିଲା । ଯାହାର ତୀବ୍ରତା ୫.୫ ରହିଥିଲା । ସେପଟ୍ଟେମ୍ବର ମାସରେ ହୋଇଥିବା ୬.୦ ତୀବ୍ରତାର ଭୂକମ୍ପରେ ୧୪ ଜଣଙ୍କର ଜୀବନହାନି ଘଟିଥିଲା ।

## ଆନ୍ଧ୍ରରେ ଜଳିଗଲା ବସ୍: ୨୦ ମୃତ



କୁର୍ଣ୍ଣୁଲ: ଆନ୍ଧ୍ରପ୍ରଦେଶର କୁର୍ଣ୍ଣୁଲ ଜିଲ୍ଲା ଚିନ୍ନାଟେକୁର ନିକଟରେ ଶୁକ୍ରବାର ଭୋର ସମୟରେ ଏକ ଘରୋଇ ଟ୍ରାଭେଲ୍ ବସ୍ ଏକ ଦୁଇଚକିଆ ଯାନ ସହ ଧକ୍କା ହେବାରୁ ଗାଡ଼ିର ତେଲ ଟାଙ୍କି ଫାଟି ନିଆଁ ଲାଗିଯାଇଥିଲା। ଫଳରେ ବସ୍‌ଟି ଧୁଧୁ ହୋଇ ଜଳିବା ସହ ସେଥିରେ ଥିବା ୪୦ ଜଣ ଯାତ୍ରୀଙ୍କ ମଧ୍ୟରୁ ୨୦ ଜଣଙ୍କର ମୃତ୍ୟୁ ଘଟିଛି ଓ ଅନ୍ୟମାନେ ଗୁରୁତର ଆହତ ହୋଇଛନ୍ତି। ବସ୍‌ଟି ହାଇଦ୍ରାବାଦରୁ ବେଙ୍ଗାଲୁରୁ ଯାଉଥିଲା। ପ୍ରାଥମିକ ରିପୋର୍ଟରୁ ଜଣାପଡିଛି ଯେ, ବସ୍‌ରେ ପ୍ରାୟ ୪୦ ଜଣ ଯାତ୍ରୀ ଥିଲେ। ପୁଲିସ କହିଛି ଯେ ଅଧିକାଂଶ ମୃତଦେହ ସମ୍ପୂର୍ଣ୍ଣ ଜଳିଯାଇଛି, ଯାହାକୁ ଚିହ୍ନଟ କରିବା କଷ୍ଟକର। ଭୋର ପ୍ରାୟ ସାଢ଼େ ୩ଟା ବେଳେ ଏହି ଘଟଣା ଘଟିଥିଲା। ପ୍ରତ୍ୟକ୍ଷଦର୍ଶୀମାନେ କହିଛନ୍ତି ଯେ, ପ୍ରଥମେ ବସ୍ ?ର ଆଗପଟରେ ନିଆଁ ଲାଗିଥିଲା। ୧୨ ଜଣ ଯାତ୍ରୀ ଜରୁରିକାଳୀନ ପ୍ରସ୍ଥାନ ଦ୍ୱାର ଭାଙ୍ଗି ଆହତ ଅବସ୍ଥାରେ ଖସି ପଳାଇବାକୁ ସଫଳ ହୋଇଥିଲେ। ସେମାନଙ୍କୁ ଚିକିତ୍ସା ପାଇଁ କୁର୍ଣ୍ଣୁଲ ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଦୁର୍ଘଟଣା ଘଟିବା ସମୟରେ ଏହି ଅଞ୍ଚଳରେ ପ୍ରବଳ ବର୍ଷା ହୋଇଥିଲା, ଯାହା ସମ୍ଭବତଃ ଦୁର୍ଘଟଣାର କାରଣ ହୋଇଥାଇପାରେ। ଏହି ଦୁର୍ଘଟଣାରେ ଦୁଃଖ ପ୍ରକାଶ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ଆନ୍ଧ୍ରପ୍ରଦେଶର କୁର୍ଣ୍ଣୁଲ ଜିଲ୍ଲାରେ ବସ୍ ଦୁର୍ଘଟଣା ଯୋଗୁଁ ପ୍ରାଣ ହରାଇଥିବା ଲୋକଙ୍କ ପାଇଁ ମୁଁ ଅତ୍ୟନ୍ତ ଦୁଃଖିତ। ଏହି କଠିନ ସମୟରେ ପ୍ରଭାବିତ ଲୋକ ଓ ସେମାନଙ୍କ ପରିବାର ପ୍ରତି ମୋର ସମବେଦନା। ଆହତଙ୍କ ଶୀଘ୍ର ଆରୋଗ୍ୟ ପାଇଁ ପ୍ରାର୍ଥନା କରୁଛି। ପ୍ରଧାନମନ୍ତ୍ରୀ ମଧ୍ୟ ପ୍ରତ୍ୟେକ ମୃତକଙ୍କ ନିକଟ ସମ୍ପର୍କୀୟଙ୍କ ପାଇଁ 'ପ୍ରଧାନମନ୍ତ୍ରୀ ଜାତୀୟ ରିଲିଫ୍ ପାଣ୍ଠି'ରୁ ୨ ଲକ୍ଷ ଟଙ୍କା ଓ ଆହତଙ୍କ ପାଇଁ ୫୦,୦୦୦ ଟଙ୍କା କରି ଅନୁକମ୍ପାମୂଳକ ସହାୟତା ରାଶି ଘୋଷଣା କରିଛନ୍ତି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମଧ୍ୟ ସମବେଦନା ଜଣାଇ କହିଛନ୍ତି, ମୁଁ ଶୋକସନ୍ତପ୍ତ ପରିବାର ସଦସ୍ୟଙ୍କୁ ମୋର ହୃଦୟରୁ ସମବେଦନା ଜଣାଉଛି ଏବଂ ଆହତଙ୍କ ଶୀଘ୍ର ଆରୋଗ୍ୟ ପାଇଁ ପ୍ରାର୍ଥନା କରୁଛି। ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଏନ୍ ଚନ୍ଦ୍ରବାବୁ ନାଇଡୁ କହିଛନ୍ତି, ବସ୍ ଅଗ୍ନିକାଣ୍ଡ ବିଷୟରେ ଜାଣି ମୁଁ ମର୍ମାହତ। ସରକାରୀ କର୍ତ୍ତୃପକ୍ଷ ଆହତ ଓ ପ୍ରଭାବିତ ପରିବାରକୁ ସମସ୍ତ ସମ୍ଭାବ୍ୟ ସହାୟତା ପ୍ରଦାନ କରିବେ। ସ୍ୱାସ୍ଥ୍ୟମନ୍ତ୍ରୀ ସତ୍ୟକୁମାର ଯାଦବ କହିଛନ୍ତି ଯେ, ପୀଡିତଙ୍କୁ ଚିହ୍ନଟ କରିବା ପାଇଁ ଡିଏନ୍ଏ ନମୁନା ସଂଗ୍ରହ କରାଯାଉଛି। ଆହତମାନଙ୍କୁ ଯଥାସମ୍ଭବ ଚିକିତ୍ସା ସେବା ଯୋଗାଇବାକୁ କୁର୍ଣ୍ଣୁଲ ଜିଜିଏଚ୍ ଅଧୀକ୍ଷକଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସାମାନ୍ୟ ଆହତ ଛଅ ଜଣଙ୍କୁ ପ୍ରାଥମିକ ଚିକିତ୍ସା ପରେ ଡିସ୍‌ଚାର୍ଜ କରାଯାଇଥିବା ଜଣାପଡ଼ିଛି।

## ନଭେମ୍ବର ୯ରୁ ଆରମ୍ଭ ହେବ ଚୀନ-ଭାରତ ବିମାନ ସେବା




ବେଜିଂ : ପାଞ୍ଚ ବର୍ଷର ବିରତି ପରେ ଆସନ୍ତା ୨୬ ତାରିଖରୁ ପୁଣି ଥରେ ଭାରତ ଓ ଚୀନ ମଧ୍ୟରେ ସିଧାସଳଖ ବିମାନ ସେବା ଆରମ୍ଭ ହେବ । ଇଣ୍ଡିଗୋ ଘୋଷଣା କରିଛି ଯେ ଏହା ଅକ୍ଟୋବର ୨୬ରୁ କୋଲକାତା-ଗୁଆଙ୍ଗଝୋଉ ବିମାନ ଏବଂ ନଭେମ୍ବର ୧୦ରୁ ଦିଲ୍ଲୀ-ଗୁଆଙ୍ଗଝୋଉ ବିମାନ ସେବା ପୁଣି ଆରମ୍ଭ କରିବ। ସେପଟେ ଚୀନ୍ ବିମାନ କମ୍ପାନୀ ଚାଇନା ଇଷ୍ଟର୍ଣ୍ଣ ଘୋଷଣା କରିଛି ଯେ ଏହା ନଭେମ୍ବର ୯ ରୁ ସାଂଘାଇ-ଦିଲ୍ଲୀ ବିମାନ ସେବା ପୁନରାରମ୍ଭ କରିବ। ଉଡ଼ାଣ ପୁନଃଆରମ୍ଭ ହେବା ବିଷୟରେ ପଚରାଯିବାରୁ, ଚୀନ୍ ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ଗୁଓ ଜିଆକୁନ୍ ଏକ ଗଣମାଧ୍ୟମ ବ୍ରିଫିଂରେ କହିଛନ୍ତି ଯେ ଏହା ଦୁଇ ଦେଶ ମଧ୍ୟରେ ଚୁକ୍ତିନାମା କାର୍ଯ୍ୟକାରୀ କରିବାରେ ସର୍ବଶେଷ ଅଗ୍ରଗତି। ଏହା ଚୀନ୍ ଏବଂ ଭାରତର ୨୮୦ କୋଟିରୁ ଅଧିକ ଲୋକଙ୍କ ମଧ୍ୟରେ ବନ୍ଧୁତ୍ୱପୂର୍ଣ୍ଣ ଆଦାନପ୍ରଦାନକୁ ସୁଗମ କରିବା ପାଇଁ ଏକ ସକାରାତ୍ମକ ପଦକ୍ଷେପ ହେବ। ଏହା ବନ୍ଧୁତ୍ୱର ନୂଆ ଉଡ଼ାଣ ହେବ । ସୂଚନାଯୋଗ୍ୟ ଯେ ୨୦୨୦ରେ ଭାରତ ଓ ଚୀନ ସୈନ୍ୟଙ୍କ ମଧ୍ୟରେ ହୋଇଥିବା ଗଲୱାନ ସଂଘର୍ଷ ପରେ ଦୁଇ ଦେଶର ସମ୍ପର୍କ ଖରାପ ହୋଇଥିଲା । ଫଳରେ ସିଧାସଳଖ ବିମାନ ସେବାକୁ ବନ୍ଦ କରିଦିଆଯାଇଥିଲା । ଏବେ ସମ୍ପର୍କରେ ସୁଧାର ଆସିଥିବାରୁ ପୁଣି ଥରେ ବିମାନ ସେବା ଆରମ୍ଭ ହେବାକୁ ଯାଉଛି ।

## ଭାରତ ସୀମା ନିକଟରେ ନୂଆ ଏୟାର୍ ଡିଫେନ୍ସ ସାଇଟ୍ ନିର୍ମାଣ କଲା ଚୀନ୍



ନୂଆଦିଲ୍ଲୀ: ୨୦୨୦ରେ ଭାରତ ଓ ଚୀନ୍ ସେନା ମଧ୍ୟରେ ଗଲାୱାଲରେ ରକ୍ତାକ୍ତ ସଂଘର୍ଷ ହୋଇଥିଲା। ଏହି ସଂଘର୍ଷ ସ୍ଥାନଠାରୁ ପ୍ରାୟ ୧୧୦ କିଲୋମିଟର ଦୂରରେ ତିବ୍ବତର ପାଙ୍ଗୋଙ୍ଗ ହ୍ରଦର ପୂର୍ବ ଭାଗରେ ଚୀନ୍ ଦ୍ୱାରା ନିର୍ମାଣ କାର୍ଯ୍ୟକଳାପ ଜୋର୍‌ସୋରରେ ଚାଲିଛି। ଉପଗ୍ରହ ଚିତ୍ରରେ କମାଣ୍ଡ ଓ କଣ୍ଟ୍ରୋଲ୍ ବିଲ୍ଡିଂ, ବ୍ୟାରାକ୍, ଯାନ ଶେଡ୍, ଅସ୍ତ୍ରଶସ୍ତ୍ର ଗୋଦାମ ଓ ରାଡାର ସ୍ଥିତିକୁ ଦେଖିଲେ ଚୀନ୍ ଏକ ନୂତନ ବାୟୁ-ପ୍ରତିରକ୍ଷା କମ୍ପ୍ଲେକ୍ସ ନିର୍ମାଣ କରୁଥିବା ଜଣାପଡ଼ିଛି। ବିଶେଷଜ୍ଞମାନେ କହିଛନ୍ତି ଯେ, ଏଠାରେ କ୍ଷେପଣାସ୍ତ୍ର ରଖିବା, ପରିବହନ କରିବା ଓ ଉତ୍କ୍ଷେପଣ କରିବା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ଏହା ଚୀନ୍‌ର ଦୀର୍ଘ ଦୂରଗାମୀ ଏଚ୍‌କ୍ୟୁ-୯ ଭୂପୃଷ୍ଠରୁ ଆକାଶ କ୍ଷେପଣାସ୍ତ୍ର (ଏସ୍ଏଏମ୍) ସିଷ୍ଟମ୍‌କୁ ଲୁଚାଇ ରଖିବା ସହ ସୁରକ୍ଷା ପ୍ରଦାନ କରିପାରିବ। ଏହି ଡିଜାଇନ୍‌କୁ ପ୍ରଥମେ ଆମେରିକାର ଜିଓ-ଇଣ୍ଟେଲିଜେନ୍ସ ଫାର୍ମ ଅଲ୍‌ସୋର୍ସ ଆନାଲିସିସ୍‌ର ଗବେଷକମାନେ ଚିହ୍ନଟ କରିଥିଲେ, ଯାହା ଭାରତର ନିକଟରେ ଅପଗ୍ରେଡ୍ ହୋଇଥିବା ନ୍ୟୋମା ଏୟାରଫିଲ୍ଡର ଠିକ୍ ବିପରୀତ ପାର୍ଶ୍ୱରେ ଏଲ୍ଏସିଠାରୁ ପ୍ରାୟ ୬୫ କିଲୋମିଟର ଦୂରରେ ଅବସ୍ଥିତ। ଭାରତ-ତିବ୍ବତ ସୀମାନ୍ତରେ ଏହିପରି ସଂରକ୍ଷିତ ଉତ୍କ୍ଷେପଣ ସ୍ଥାନ ଏକ ନୂତନ ବିକାଶ ହୋଇଥିବାବେଳେ, ଦକ୍ଷିଣ ଚୀନ୍ ସାଗରର ବିବାଦୀୟ ଦ୍ୱୀପପୁଞ୍ଜରେ ଚୀନ୍ ସାମରିକ ଆଉଟ୍‌ପୋଷ୍ଟରେ ମଧ୍ୟ ସମାନ ସୁବିଧା ରହିଥିବା ରିପୋର୍ଟ କରାଯାଇଛି।

# ମହାରାଷ୍ଟ୍ରରେ ମହିଳା ଡାକ୍ତରଙ୍କ ଆତ୍ମହତ୍ୟା 'ପୁଲିସ ଅଧିକାରୀ ୪ ଥର ଦୁଷ୍କର୍ମ କରିଥିଲେ'



ମୁମ୍ବାଇ: ମହାରାଷ୍ଟ୍ରର ସତାରା ଜିଲ୍ଲାରେ ଏକ ସରକାରୀ ହସ୍ପିଟାଲରେ କାର୍ଯ୍ୟ କରୁଥିବା ଜଣେ ମହିଳା ଡାକ୍ତର ଗୁରୁବାର ରାତିରେ ଆତ୍ମହତ୍ୟା କରିଛନ୍ତି। ପୀଡ଼ିତା ଡାକ୍ତର ଆତ୍ମହତ୍ୟା କରିବା ପୂର୍ବରୁ ତାଙ୍କ ବାମ ହାତ ପାପୁଲିରେ ସୁଇସାଇଡ୍ ନୋଟ୍ ଲେଖି ୨ ଜଣ ପୁଲିସଙ୍କ ବିରୋଧରେ ଦୁଷ୍କର୍ମ ଓମାନସିକ ନିର୍ଯାତନା ଅଭିଯୋଗ ଆଣିଛନ୍ତି। ମହିଳା ଡାକ୍ତରଙ୍କ ଘର ବିଡ଼ ଜିଲ୍ଲାରେ ଏବଂ ଫଲଟନ ତହସିଲର ଏକ ସରକାରୀ ହସ୍ପିଟାଲରେ ତାଙ୍କର ପୋଷ୍ଟିଂ ହୋଇଥିଲା। ଗୁରୁବାର ମଧ୍ୟରାତ୍ରିରେ ଫଲଟନର ଏକ ହୋଟେଲ ରୁମ୍‌ରେ ତାଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ ମିଳିଥିଲା। ପୁଲିସର ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ଯେ ଡାକ୍ତର ଜଣଙ୍କ ଆତ୍ମହତ୍ୟା କରିବା ପୂର୍ବରୁ ତାଙ୍କ ହାତରେ ଲେଖିଥିବା ସୁଇସାଇଡ୍ ନୋଟ୍‌ରେ ସେ ଏସ୍ଆଇ ଗୋପାଳ ବଦାନେ ଏବଂ ଅନ୍ୟ ଜଣେ ପୁଲିସ କନେଷ୍ଟବଳ ପ୍ରଶାନ୍ତ ବାଙ୍କରଙ୍କ ବିରୋଧରେ ଗୁରୁତର ଅଭିଯୋଗ କରିଛନ୍ତି। ଏସ୍ଆଇ ଗୋପାଳ ତାଙ୍କୁ ଗତ ୫ ମାସ ମଧ୍ୟରେ ୪ ଥର ଦୁଷ୍କର୍ମ କରିଥିବା ସେ ଅଭିଯୋଗ କରିଛନ୍ତି। ସେହିପରି ପ୍ରଶାନ୍ତ ବାଙ୍କର ଏହି ସମୟରେ ତାଙ୍କୁ ଭୀଷଣ ମାନସିକ ନିର୍ଯାତନା ଦେଇଥିବା ପୀଡ଼ିତା ଅଭିଯୋଗ କରିଛନ୍ତି। ଡାକ୍ତରଙ୍କ ମର ଶରୀର ମିଳିବା ପରେ ଏହାକୁ ବ୍ୟବଚ୍ଛେଦ ପାଇଁ ପଠାଯାଇଛି। ଉକ୍ତ ଘଟଣାରେ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇଛି। ଘଟଣା ସଂକ୍ରାନ୍ତରେ ପ୍ରତିକ୍ରିୟା ରଖି ସତରା ଜିଲ୍ଲା ଏସ୍‌ପି ତୁଷାର ଦୋଶୀ କହିଛନ୍ତି, ସତାରା ଜିଲ୍ଲା ପୁଲିସ ଏହି ଘଟଣାରେ ଏସ୍ଆଇ ଗୋପାଳ ବଦାନେ ଏବଂ ବାଙ୍କରଙ୍କ ବିରୋଧରେ ଦୁଷ୍କର୍ମ ଓ ଆତ୍ମହତ୍ୟା ପାଇଁ ଉସୁକାଇବା ମାମଲାରେ ଅଭିଯୋଗ ଦାଏର କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ଅଭିଯୁକ୍ତ ପୁଲିସ ସବ୍‌ଇନ୍ସପେକ୍ଟର ଓ କନେଷ୍ଟବଳଙ୍କୁ ଡ୍ୟୁଟିରୁ ନିଲମ୍ବନ କରାଯାଇଛି। ଫଲଟନ ଉପଜିଲ୍ଲା ହସ୍ପିଟାଲ୍‌ର ଏହି ମେଡିକାଲ ଅଫିସର୍ର ପୂର୍ବରୁ ମଧ୍ୟ ଜୁନ୍ ୧୯ ତାରିଖରେ ଡିଏସ୍‌ପିଙ୍କ ନିକଟରେ ଏନେଇ ଅଭିଯୋଗ କରିଥିଲେ। ଆତ୍ମହତ୍ୟାର କିଛି ମାସ ପୂର୍ବରୁ ଡିଏସ୍‌ପିଙ୍କ ନିକଟକୁ ଲେଖିଥିବା ଚିଠିରେ ମହିଳା ଡାକ୍ତର ଜଣଙ୍କ ୨ ଜଣ ପୁଲିସଙ୍କ ବିରୋଧରେ ଅଭିଯୋଗ କରିଥିଲେ। ସେ କହିଥିଲେ ଯେ ସେ ଅତ୍ୟନ୍ତ ଚାପରେ ଅଛନ୍ତି। ମିଥ୍ୟା ମେଡିକାଲ ରିପୋର୍ଟ ପ୍ରସ୍ତୁତ କରିବା ପାଇଁ ତାଙ୍କୁ ବାଧ କରାଯାଉଛି ଏବଂ ଲଗାତାର ଶାରୀରିକ ଓ ମାନସିକ ଯନ୍ତ୍ରଣା ଦିଆଯାଉଛି । ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ଏବଂ ତାଙ୍କୁ ନ୍ୟାୟ ମିଳୁ ବୋଲି ସେ ଚିଠିରେ ଦର୍ଶାଇଥିଲେ। ମହାରାଷ୍ଟ୍ର ମହିଳା କମିସନ ମୁଖ୍ୟ ରୁପାଲି ଚକନକର ଉକ୍ତ ଘଟଣା ସଂକ୍ରାନ୍ତରେ କହିଛନ୍ତି ଯେ ଆମେ ପୁଲିସର ବର୍ବର କାର୍ଯ୍ୟକୁ କଡ଼ା ନିନ୍ଦା କରୁଛୁ ଏବଂ ସତାରା ପୁଲିସ ଏହି ଘଟଣାରେ ଅଭିଯୁକ୍ତ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଉଚିତ। ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନାବିସ ସତରା ଏସ୍‌ପିଙ୍କ ସହ ଏନେଇ କଥା ଆଲୋଚନା କରିଛନ୍ତି।

## ଜମ୍ମୁ-କାଶ୍ମୀର ରାଜ୍ୟସଭା ନିର୍ବାଚନ: ୩ ଆସନରେ ଏନ୍‌ସି ବିଜୟୀ, ବିଜେପିକୁ ୧



ଶ୍ରୀନଗର: ଜମ୍ମୁ କାଶ୍ମୀରର ୪ଟି ରାଜ୍ୟସଭା ଆସନ ପାଇଁ ଆଜି ହୋଇଥିବା ନିର୍ବାଚନରେ ଶାସକ ନ୍ୟାସନାଲ କନ୍‌ଫରେନ୍ସ (ଏନ୍‌ସି)କୁ ବଡ଼ ସଫଳତା ମିଳିଛି। ତିନୋଟି ଆସନରେ ଏନ୍ ?ସି ବିଜୟୀ ହୋଇଥିବା ବେଳେ ଚତୁର୍ଥ ଆସନ ବିଜେପିକୁ ଯାଇଛି। ଏନ୍‌ସି ଏକ ବିବୃତିରେ କହିଛି ଯେ ଚୌଧୁରୀ ମହମ୍ମଦ ରମଜାନଙ୍କୁ ପ୍ରଥମ ଆସନରେ ଏବଂ ସଜ୍ଜାଦ କିଚଲୁଙ୍କୁ ଦ୍ୱିତୀୟ ଆସନରେ ବିଜେତା ଘୋଷଣା କରାଯାଇଛି। ଚୌଧୁରୀ ୫୮ଟି ଭୋଟ୍ ପାଇଥିବା ବେଳେ କିଚଲୁଙ୍କୁ ୫୭ଟି ଭୋଟ୍ ମିଳିଛି। ତୃତୀୟ ଆସନରେ ଏନ୍ ?ସି କୋଷାଧ୍ୟକ୍ଷ ଜିଏସ୍ ଓବରୟ ବିଜୟୀ ହୋଇଛନ୍ତି। ଚତୁର୍ଥ ଆସନରେ ବିଜେପି ନେତା ସତ୍ ଶର୍ମାଙ୍କୁ ବିଜୟ ମିଳିଛି। ଶର୍ମା ଏନ୍‌ସିର ଇମ୍ରାନ ନବୀ ଦାର୍ରଙ୍କୁ ପରାସ୍ତ କରି ଚତୁର୍ଥ ରାଜ୍ୟସଭା ଆସନରେ ବିଜୟୀ ହୋଇଛନ୍ତି। ସତ୍ ଶର୍ମା ୩୨ଟି ଭୋଟ୍ ପାଇଥିବା ବେଳେ ଏନ୍‌ସି ପ୍ରାର୍ଥୀଙ୍କୁ ୨୨ଟି ଭୋଟ୍ ମିଳିଥିଲା। ଶର୍ମା ଜମ୍ମୁ କାଶ୍ମୀର ବିଜେପିର ସଭାପତି ଅଟନ୍ତି। ସୂଚନାଯୋଗ୍ୟ, ଚାରୋଟି ରାଜ୍ୟସଭା ଆସନ ପାଇଁ ସାତ ଜଣ ପ୍ରାର୍ଥୀ ମୈଦାନରେ ଥିଲେ। ସେମାନଙ୍କ ମଧ୍ୟରୁ ଚାରିଜଣ ଏନ୍‌ସିର ଏବଂ ତିନିଜଣ ବିଜେପିର। ଏନ୍ ?ସିକୁ ପିଡିପି ଏବଂ କଂଗ୍ରେସର ସମର୍ଥନ ରହିଥିବାରୁ ଏହା ୩ଟି ଆସନ ସୁରୁଖୁରୁରେ ହାସଲ କରିବାକୁ ସକ୍ଷମ ହୋଇଛି। ସମସ୍ତ ଦଳ ହ୍ୱିପ୍ ଜାରି କରି ସମସ୍ତ ସଦସ୍ୟଙ୍କୁ ଭୋଟ୍ ଦେବାକୁ ଅନୁରୋଧ କରିଥିଲେ। ଆଜି ଅପରାହ୍ନ ୪ଟା ପର୍ଯ୍ୟନ୍ତ ମତଦାନ ଚାଲିଥିଲା ଏବଂ ସନ୍ଧ୍ୟା ୫ଟା ପରେ ଫଳାଫଳ ଘୋଷଣା ହୋଇଛି। ସୂଚନାଯୋଗ୍ୟ, ଜମ୍ମୁ-କାଶ୍ମୀରରେ ୧୦ ବର୍ଷ ପରେ ଏହି ନିର୍ବାଚନ ଅନୁଷ୍ଠିତ ହୋଇଛି, ଯାହା ୨୦୧୯ ପରେ ପ୍ରଥମ ରାଜ୍ୟସଭା ନିର୍ବାଚନ।

# ଆଜି ଭାରତ-ଅଷ୍ଟ୍ରେଲିଆ ତୃତୀୟ ଦିନିକିଆ

## ରୋହିତ-କୋହଲିଙ୍କ ସମସ୍ତଙ୍କ ନଜର

ନୂଆଦିଲ୍ଲୀ, ୨୪।୧୦: ପର୍ଥରେ ୮ ବଲରୁ ଶୂନ ରନ୍, ଆଡିଲେଡରେ ୪ ବଲରୁ ଶୂନ ରନ୍ । ମୋଟ ୧୨ ବଲରୁ ଶୂନ ରନ୍। ଏହି ପ୍ରଦର୍ଶନ ଟିମ୍ ଇଣ୍ଡିଆର ଷ୍ଟାର ବ୍ୟାଟର ବିରାଟ କୋହଲିଙ୍କର । ସେ ଅଷ୍ଟ୍ରେଲିଆ ଗସ୍ତରେ ଏପର୍ଯ୍ୟନ୍ତ ନିଜର ଖାତା ଖୋଲି ନାହାନ୍ତି। ତୃତୀୟ ଏବଂ ଅନ୍ତିମ ଦିନିକିଆ ଆସନ୍ତାକାଲି ସିଡନୀରେ ଅନୁଷ୍ଠିତ ହେବ। ସମ୍ଭବତଃ ଏହା ବିରାଟ କୋହଲି ଏବଂ ତାଙ୍କର ସାଥୀ ରୋହିତ ଶର୍ମାଙ୍କ ଅଷ୍ଟ୍ରେଲିଆ ମାଟିରେ ଶେଷ ଅନ୍ତର୍ଜାତୀୟ ମ୍ୟାଚ୍ ହୋଇପାରେ।



ଏହି ମ୍ୟାଚ୍‌ରେ ଉଭୟ ବ୍ୟାଟରଙ୍କୁ ପ୍ରଭାବଶାଳୀ ପ୍ରଦର୍ଶନ କରିବାକୁ ପଡ଼ିବ। ଭାରତୀୟ ଦଳ ପୂର୍ବରୁ ସିରିଜ୍ ହାରିସାରିଛି ଏବଂ ଏବେ ପ୍ରଥମ ଥର ପାଇଁ କ୍ଲିନ୍ ସୁଇପ୍‌ର ଆଶଙ୍କାର ସମ୍ମୁଖୀନ ହେଉଛି। ଅଷ୍ଟ୍ରେଲିଆ ଦଳ ଦିନିକିଆ କ୍ରିକେଟ୍‌ରେ ଭାରତ ବିପକ୍ଷରେ କେବେ କ୍ଲିନ୍ ସୁଇପ୍ ହାସଲ କରିନାହିଁ। ଗୋଟିଏ ଦିନ ପୂର୍ବରୁ, ଅକ୍ଟୋବର ୨୩ ତାରିଖରେ ଅଷ୍ଟ୍ରେଲିଆ ଦ୍ୱିତୀୟ ମ୍ୟାଚ୍‌କୁ ଦୁଇ ୱିକେଟ୍‌ରେ ଜିତିଥିଲା। ଦଳ ପ୍ରଥମ ମ୍ୟାଚ୍‌କୁ ସାତ ୱିକେଟ୍‌ରେ ଜିତିଥିଲା। କୋହଲିଙ୍କ ବୟସ ୩୬ ଏବଂ ରୋହିତଙ୍କ ବୟସ ୩୮ ବର୍ଷ । ଉଭୟ ଟି-୨୦ ଏବଂ ଟେଷ୍ଟ କ୍ରିକେଟରୁ ଅବସର ନେଇସାରିଛନ୍ତି। ଫ୍ୟୁଚର୍ ଟୁର୍ ପ୍ରୋଗ୍ରାମ ଅନୁଯାୟୀ, ଭାରତ ଆଗାମୀ ଦୁଇ ବର୍ଷ ମଧ୍ୟରେ ଅଷ୍ଟ୍ରେଲିଆ ଗସ୍ତ କରିବାର କାର୍ଯ୍ୟକ୍ରମ ନାହିଁ। ଏହାର ଅର୍ଥ ହେଉଛି, ରୋହିତ ଏବଂ କୋହଲି ଦକ୍ଷିଣ ଆଫ୍ରିକାରେ ୨୦୨୭ ଓଡିଆଇ ବିଶ୍ୱକପ୍ ପର୍ଯ୍ୟନ୍ତ ଖେଳିପାରନ୍ତି, କିନ୍ତୁ ସେମାନେ ଅଷ୍ଟ୍ରେଲିଆରେ କୌଣସି ମ୍ୟାଚ୍ ଖେଳିପାରିବେ ନାହିଁ ।

ଭାରତ ମ୍ୟାଚ୍‌ରେ କ୍ଲିନ୍ ସୁଇପ୍ ହେବାର ଆଶଙ୍କାର ସମ୍ମୁଖୀନ ହେଉଛି। ଅଷ୍ଟ୍ରେଲିଆ ଦଳ କେବେବି ଦିନିକିଆ ସିରିଜ୍‌ରେ ଭାରତ ବିପକ୍ଷରେ କ୍ଲିନ୍ ସୁଇପ୍ ହାସଲ କରିନାହିଁ। ଉଭୟ ଦଳ ୧୯୮୪ ମସିହାରୁ ଦିନିକିଆ ସିରିଜ୍ ଖେଳୁଛନ୍ତି। ଯେତେବେଳେ ଅଷ୍ଟ୍ରେଲିଆ ଦଳ ପ୍ରଥମ ଥର ପାଇଁ ଭାରତ ଗସ୍ତ କରିଥିଲା, ସେତେବେଳେ ୫ଟି ମ୍ୟାଚ୍‌ରୁ ତିନୋଟିରେ ବିଜୟୀ ହୋଇଥିଲା । କିନ୍ତୁ ଦୁଇଟି ମ୍ୟାଚ୍ ଡ୍ରରେ ରହିଥିଲା।

ଅନ୍ୟପଟେ ସିଡନୀ କ୍ରିକେଟ ଗ୍ରାଉଣ୍ଡରେ ଭାରତୀୟ ଦଳର ରେକର୍ଡ ଖରାପ। ଦଳ ୯ ବର୍ଷ ଧରି ସେଠାରେ କୌଣସି ଓଡିଆଇ ମ୍ୟାଚ୍ ଜିତିନାହିଁ। ଭାରତୀୟ ଦଳର ଶେଷ ଥର ପାଇଁ ଜାନୁଆରୀ ୨୩, ୨୦୧୬ରେ ସେଠାରେ ବିଜୟୀ ହୋଇଥିଲା। ସେବେଠାରୁ ଟିମ୍ ଇଣ୍ଡିଆ ସିଡନୀରେ ଲଗାତାର ତିନୋଟି ମ୍ୟାଚ୍ ହାରିଛି। ଦୁଇ ଦଳ ଅଷ୍ଟ୍ରେଲିଆ ପିଚ୍‌ରେ ୫୬ଟି ମ୍ୟାଚ୍ ଖେଳିଛନ୍ତି । ଯେଉଁଥିରେ ଆୟୋଜକ ଦଳ ୪୦ଟିରେ ବିଜୟୀ ହୋଇଛି। ଭାରତ ୧୪ଟି ମ୍ୟାଚ୍ ଜିତିଛି । ଭାରତ ଏବଂ ଅଷ୍ଟ୍ରେଲିଆ ମୋଟ ୧୫୪ଟି ହେଡ୍-ଟୁ-ହେଡ୍ ମ୍ୟାଚ୍ ଖେଳିଛନ୍ତି। ଅଷ୍ଟ୍ରେଲିଆ ୮୬ଟି ଜିତିଛି, ଭାରତ ୫୮ଟି ମ୍ୟାଚ୍ ଜିତିଛି। ୧୦ଟି ମ୍ୟାଚ୍ ଅମୀମାଂସିତ ରହିଛି ।

# ଜୁନିୟର ହକି ବିଶ୍ୱକପରୁ ଓହରିଲା ପାକିସ୍ତାନ

## ଖୁବଶୀଘ୍ର ହେବ ବିକଳ୍ପ ଟିମ୍ ଘୋଷଣା

ନୂଆଦିଲ୍ଲୀ, ୨୪।୧୦(ଏଜେନ୍ସି): ପାକିସ୍ତାନ ଦଳ ନଭେମ୍ବର ୨୮ରୁ ଭାରତରେ ଅନୁଷ୍ଠିତ ହେବାକୁ ଥିବା ଜୁନିୟର ହକି ବିଶ୍ୱକପରୁ ଓହରି ଯାଇଛି । ଅନ୍ତର୍ଜାତୀୟ ହକି ଫେଡେରେସନ ଶୁକ୍ରବାର ଏନେଇ ସୂଚନା ଦେଇଛି । ପାକିସ୍ତାନ ହକି ଫେଡେରେସନ ଆନୁଷ୍ଠାନିକ ଭାବରେ ସୂଚନା ଦେଇଛି ଯେ, ଦଳ ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରିବ ନାହିଁ । ପାକିସ୍ତାନ ସ୍ଥାନରେ ଆଉ କେଉଁ ଦଳ ଖେଳିବ ସେନେଇ ଖୁବଶୀଘ୍ର ଘୋଷଣା କରାଯିବ ବୋଲି ଏଫଆଇଏଚ୍ ଏକ ବିବୃତ୍ତିରେ କହିଛି।



ଜୁନିଅର ହକି ବିଶ୍ୱକପ୍ ଚେନ୍ନାଇ ଏବଂ ମଦୁରାଇରେ ଅନୁଷ୍ଠିତ ହେବ। ପାକିସ୍ତାନକୁ ଭାରତ, ଚିଲି ଏବଂ ସ୍ୱିଜରଲ୍ୟାଣ୍ଡ ସହିତ ପୁଲ ବିରେ ରଖାଯାଇଥିଲା। ଏପ୍ରିଲ ୨୨ରେ ପହଲଗାମ ଆତଙ୍କବାଦୀ ଆକ୍ରମଣ ଏବଂ ପରବର୍ତ୍ତୀ ସମୟରେ ଭାରତର ଅପରେସନ ସିନ୍ଦୂର ପରଠାରୁ ଭାରତ ଓ ପାକିସ୍ତାନ ମଧ୍ୟରେ ଉତ୍ତେଜନା ବୃଦ୍ଧି ପାଇଛି। ଗତ ମାସରେ ବିହାରର ରାଜଗିର ଷ୍ଟାଡିୟମରେ ଅନୁଷ୍ଠିତ ହକି ଏସିଆ କପରୁ ମଧ୍ୟ ପାକିସ୍ତାନ ଓହରି ଯାଇଥିଲା । ପାକିସ୍ତାନ ସମେତ। ଓମାନ ମଧ୍ୟ ଓହରି ଯାଇଥିଲା। ବାଂଲାଦେଶ ଏବଂ କାଜାଖସ୍ତାନକୁ ଟୁର୍ଣ୍ଣାମେଣ୍ଟରେ ସ୍ଥାନ ଦିଆଯାଇଥିଲା।

ଭାରତୀୟ ଦଳ ସେପ୍ଟେମ୍ବର ୨୮ ତାରିଖରେ ଏସିଆ କପ୍ ଫାଇନାଲରେ ପାକିସ୍ତାନ କ୍ରିକେଟ ଟିମକୁ ହରାଇଥିଲା । ବିଜୟ ପରେ ଦଳ ମୋହସିନ ନକଭିଙ୍କଠାରୁ ଏସିଆ କପ୍ ଟ୍ରଫି ଗ୍ରହଣ କରିବାକୁ ମନା କରିଦେଇଥିଲା। ପହଲଗାମ୍ ଆତଙ୍କବାଦୀ ଆକ୍ରମଣର ପ୍ରତିବାଦରେ ଭାରତ ଏହି ପଦକ୍ଷେପ ଗ୍ରହଣ କରିଥିଲା । ନକଭି ଏସିସି ଅଧ୍ୟକ୍ଷ ହେବା ସହିତ ପାକିସ୍ତାନ କ୍ରିକେଟ୍ ବୋର୍ଡର ମୁଖ୍ୟ । ସେ ପାକିସ୍ତାନର ଗୃହମନ୍ତ୍ରୀ ମଧ୍ୟ ଅଛନ୍ତି। ଫାଇନାଲ ପୂର୍ବରୁ ଭାରତୀୟ ଖେଳାଳିମାନେ ପାକିସ୍ତାନୀ ଖେଳାଳିଙ୍କ ସହ ହାତ ମିଳାଇ ନଥିଲେ। ଟୁର୍ଣ୍ଣାମେଣ୍ଟରେ ଦୁଇ ଦଳ ତିନିଥର ମୁହାଁମୁହିଁ ହୋଇଥିଲେ। ଏସିଆ କପ୍ ପରେ, ଭାରତୀୟ ମହିଳା ଦଳ ମଧ୍ୟ ପାକିସ୍ତାନୀ ଖେଳାଳିଙ୍କ ସହ ହାତ ମିଳାଇ ନଥିଲେ।




କଲମ୍ବୋରେ ବର୍ଷାର ଖେଳ : ପାକିସ୍ତାନ-ଶ୍ରୀଲଙ୍କା ବିଶ୍ୱକପ୍ ମ୍ୟାଚ୍‌ରେ ବର୍ଷା ଯୋଗୁଁ ଖେଳ ବାଧାପ୍ରାପ୍ତ।

# ସେମି ଫାଇନାଲର ସମୀକରଣ

ନୂଆଦିଲ୍ଲୀ, ୨୪।୧୦: ବ୍ୟାକ୍ ଟୁ ବ୍ୟାକ୍ ପରାଜୟ ପରେ ବିଜୟ ଟ୍ରାକ୍‌କୁ ଫେରିଛି ଟିମ୍ ଇଣ୍ଡିଆ । ମହିଳା ଦିନିକିଆ ବିଶ୍ୱକପର ସେମି ଫାଇନାଲରେ ପ୍ରବେଶ କରିଛି ଟିମ୍ ହର୍ମନପ୍ରୀତ । ନ୍ୟୁଜିଲାଣ୍ଡକୁ ୫୩ରନ୍‌ରେ ହରାଇ ଚତୁର୍ଥ ଦଳ ଭାବେ ସେମି ଫାଇନାଲ ଟିକେଟ୍ ହାତେଇଛି ଟିମ୍ ଇଣ୍ଡିଆ । ଅଷ୍ଟ୍ରେଲିଆ, ଦକ୍ଷିଣ ଆଫ୍ରିକା ଓ ଇଂଲଣ୍ଡ ପରେ ଚତୁର୍ଥ ଦଳ ଭାବେ ଭାରତ ସେମିରେ ସ୍ଥାନ ପକ୍କା କରିଛି। ଏବେ ପ୍ରଶ୍ନ ଭାରତ କାହା ସହିତ ଖେଳିବ ଆସନ୍ତୁ ଜାଣିବା ପୂରା ସମୀକରଣ ।



ପଏଣ୍ଟ ଟେବୁଲକୁ ଦେଖିଲେ, ଅଷ୍ଟ୍ରେଲିଆ ୬ଟି ମ୍ୟାଚ୍ ଖେଳିବା ପରେ ୧୧ ପଏଣ୍ଟ ସହିତ ଶୀର୍ଷରେ ଅଛି । ଦକ୍ଷିଣ ଆଫ୍ରିକା ୬ଟି ମ୍ୟାଚ୍ ଖେଳି ୧୦ ପଏଣ୍ଟ ସହିତ ଦ୍ୱିତୀୟ ସ୍ଥାନରେ ଅଛି । ଇଂଲଣ୍ଡ ୬ଟି ମ୍ୟାଚ୍ ଖେଳି ୯ ପଏଣ୍ଟ ସହିତ ତୃତୀୟ ସ୍ଥାନରେ ଅଛି । ଭାରତ ୬ଟି ମ୍ୟାଚ୍ ଖେଳି ୬ ପଏଣ୍ଟ ସହିତ ୪ ନମ୍ବର ସ୍ଥାନରେ ରହିଛି । ସେମିଫାଇନାଲ ପାଇଁ ଯୋଗ୍ୟତା ଅର୍ଜନ କରିଥିବା ଶେଷ ଦଳ ହୋଇଛି । ସେମିଫାଇନାଲ ସ୍ଥାନ ସୁରକ୍ଷିତ କରିବା ସତ୍ତ୍ୱେ, ସମସ୍ତ ୪ ଦଳ ଗ୍ରୁପ୍ ପର୍ଯ୍ୟାୟରେ ଆଉ ଗୋଟିଏ ଲେଖାଏଁ ମ୍ୟାଚ୍ ଖେଳିବେ । ଅନ୍ତିମ ଗ୍ରୁପ୍ ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ଏବଂ ଦକ୍ଷିଣ ଆଫ୍ରିକା ପରସ୍ପର ସହିତ ମୁହାଁମୁହିଁ ହେବେ । ଇଂଲଣ୍ଡ ଏବଂ ନ୍ୟୁଜିଲ୍ୟାଣ୍ଡ ସହିତ ମୁକାବିଲା ହେବ । ଭାରତ ବାଂଲାଦେଶ ସହିତ ତାର ଶେଷ ଲିଗ୍ ମ୍ୟାଚ୍ ଖେଳିବ । ଟିମ୍ ଇଣ୍ଡିଆ ଏହି ମ୍ୟାଚ୍ ଜିତିଲେ ବି ପଏଣ୍ଟ ଟେବୁଲ୍‌ରେ ସ୍ଥାନ ପରିବର୍ତ୍ତନ ହେବ ନାହିଁ । ବାଂଲାଦେଶ ବିପକ୍ଷରେ ବିଜୟ ପରେ ୮ ପଏଣ୍ଟ ହାସଲ କରିବ ହେଲେ ଚତୁର୍ଥ ସ୍ଥାନରେ ରହିବ । ଶୀର୍ଷ ୩ଟି ସ୍ଥାନ ପରିବର୍ତ୍ତନ ହୋଇପାରେ । ତେଣୁ ଭାରତ ଦକ୍ଷିଣ ଆଫ୍ରିକା, ଇଂଲଣ୍ଡ କିମ୍ବା ଅଷ୍ଟ୍ରେଲିଆ ସହିତ ସେମି ଫାଇନାଲ ଖେଳିବ ।

ସେମିଫାଇନାଲ ସୂଚୀ: କାହାକୁ ଭେଟିବ ଟିମ୍ ଇଣ୍ଡିଆ ଏବେ ପ୍ରଶ୍ନ ହେଉଛି, ମହିଳା ଦିନିକିଆ ବିଶ୍ୱକପ୍ ୨୦୨୩ର ସେମି ଫାଇନାଲରେ କିଏ କେଉଁ ଦଳ ସହିତ ମୁକାବିଲା କରିବ ଟିମ୍ ଇଣ୍ଡିଆକୁ କିଏ ଚ୍ୟାଲେଞ୍ଜ କରିବ ପ୍ରଥମ ସେମିଫାଇନାଲ ଅକ୍ଟୋବର ୨୯ରେ ଗୌହାଟୀରେ ଅନୁଷ୍ଠିତ ହେବ। ଯେଉଁଥିରେ ଟିମ୍ ଇଣ୍ଡିଆ ଖେଳିବ । ପ୍ରଥମ ସେମିଫାଇନାଲରେ, ଚତୁର୍ଥ ସ୍ଥାନରେ ଥିବା ଦଳ ଭାରତ ଟେବୁଲ-ଟପର ସହିତ ମୁକାବିଲା କରିବ । ଉକ୍ତ ଟିମ୍ ଅଷ୍ଟ୍ରେଲିଆ ନା ଦକ୍ଷିଣ ଆଫ୍ରିକା ତାହା ଅକ୍ଟୋବର ୨୫ ତାରିଖ ଅର୍ଥାତ୍ ଆସନ୍ତାକାଲି ଜଣାପଡିବ । ଦ୍ୱିତୀୟ ସେମିଫାଇନାଲରେ ପଏଣ୍ଟ ଟେବୁଲରେ ଦ୍ୱିତୀୟ ଏବଂ ତୃତୀୟ ସ୍ଥାନରେ ଥିବା ଦଳ ମଧ୍ୟରେ ଖେଳାଯିବ । ନଭି ମୁମ୍ବାଇରେ ଡିୱାଇ ପାଟିଲ ଷ୍ଟାଡିୟମରେ ଖେଳାଯିବାର ଦ୍ୱିତୀୟ ସେମିଫାଇନାଲ ।

## ମାନ୍ଧାନା, ପ୍ରତୀକାଙ୍କ ଶତକ

ଇନ୍ଦୋର: ଭାରତୀୟ ମହିଳା କ୍ରିକେଟ୍ ଦଳ ପଞ୍ଚମ ଥର ଦିନିକିଆ ବିଶ୍ୱକପ୍‌ର ସେମିଫାଇନାଲରେ ପହଞ୍ଚିଛି। ଗୁରୁବାର ନ୍ୟୁଜିଲାଣ୍ଡ ବିପକ୍ଷ ଲିଗ୍ ମ୍ୟାଚ୍‌କୁ ଭାରତ ଡକ୍‌ୱର୍ଥ-ଲୁଇସ୍ ନିୟମରେ ୫୩ ରନ୍‌ରେ ଜିତି ଏହି କୃତିତ୍ୱ ହାସଲ କରିଛି। ଦୁଇ ଥର ରନର୍ସଅପ୍ ହୋଇଥିବା ଭାରତ ୮ ବର୍ଷ ପରେ ଦିନିକିଆ ବିଶ୍ୱକପ୍‌ର ସେମିଫାଇନାଲରେ ପହଞ୍ଚିଛି। ଗୁରୁବାର ଦୁଇ ଓପନର ସ୍ମୃତି ମାନ୍ଧାନା ଓ ପ୍ରତୀକା ରାୱଲଙ୍କ ଶତକ ବଳରେ ନିର୍ଦ୍ଧାରିତ ୪୯ ଓଭରରେ ଭାରତ ୩ ୱିକେଟ୍‌ରେ ୩୪୦ ରନ୍ କରିଥିଲା। ପରେ ପୁଣି ବର୍ଷା ହେବାରୁ ନ୍ୟୁଜିଲାଣ୍ଡ ଦଳକୁ ଡକ୍‌ୱର୍ଥ-ଲୁଇସ୍ ନିୟମରେ ୪୪ ଓଭରରେ ୩୨୫ ରନ୍‌ର ବିଜୟଲକ୍ଷ୍ୟ ମିଳିଥିଲା। ଏହାର ପିଛାକରି ନ୍ୟୁଜିଲାଣ୍ଡ ୮ ୱିକେଟ୍ ହରାଇ ୨୭୧ ରନ୍ କରି ପାରିଥିଲା। ଭାରତ କ୍ରମାଗତ ୩ଟି ମ୍ୟାଚ୍ ହାରିବା ପରେ ବିଜୟଧାରାକୁ ଫେରିଛି। ଭାରତ ୬ଷ୍ଠ ମ୍ୟାଚ୍‌ରୁ ୩ୟ ବିଜୟ ସହ ୬ ପଏଣ୍ଟ ପାଇ ୪ର୍ଥ ସ୍ଥାନରେ ରହିଛି।

ରବିବାର ଇଂଲଣ୍ଡ ବିପକ୍ଷରେ ନ୍ୟୁଜିଲାଣ୍ଡ ଏବଂ ବାଂଲାଦେଶ ବିପକ୍ଷରେ ଭାରତ ଶେଷ ଲିଗ୍ ମ୍ୟାଚ୍ ଖେଳିବେ। ଏହି ଦୁଇଟି ମ୍ୟାଚ୍‌ର ଫଳାଫଳ ଯାହା ହେଉ ନା ପଛେ; ଭାରତ ସେମିଫାଇନାଲ ଖେଳିବ। ଭାରତ ଜିତିବା ପରେ ନ୍ୟୁଜିଲାଣ୍ଡ ସହ ଶ୍ରୀଲଙ୍କା ସେମିଫାଇନାଲ ଦୌଡ଼ରୁ ବାଦ୍ ପଡ଼ିଛି। ଯଦି ରବିବାର ଭାରତ ପରାସ୍ତ ହୁଏ ଏବଂ ନ୍ୟୁଜିଲାଣ୍ଡ ବିଜୟୀ ହୁଏ; ତଥାପି ଭାରତ ସେମିଫାଇନାଲ ଖେଳିବ। କାରଣ ନ୍ୟୁଜିଲାଣ୍ଡ (୧)ଠାରୁ ଭାରତ (୩) ଅଧିକ ମ୍ୟାଚ୍ ଜିତିଛି। ଟସ୍ ଜିତି ନ୍ୟୁଜିଲାଣ୍ଡ ଫିଲ୍ଡିଂ କରିଥିଲା। ଦୁଇ ଭାରତୀୟ ଓପନର ସ୍ମୃତି ମାନ୍ଧାନା ଓ ପ୍ରତୀକା ରାୱଲ ଆରମ୍ଭରୁ କିଛି ଓଭର ଜଗିରଖି ଖେଳି ପରେ ଷ୍ଟ୍ରୋକ୍ ଖେଳିବା ଆରମ୍ଭ କରିଥିଲେ। ଦୁହେଁ ୩୪ ଓଭର ପର୍ଯ୍ୟନ୍ତ କ୍ରିଜ୍‌ରେ ରହି ୨୧୨ ରନ୍‌ର ଭାଗୀଦାରି କରି ବଡ଼ ସ୍କୋର୍‌ର ମୂଳଦୁଆ ପକାଇଥିଲେ। ବିଶ୍ୱକପ୍‌ରେ ଯେକୌଣସି ୱିକେଟ୍ ପାଇଁ ୨୧୨ ରନ୍ ସର୍ବାଧିକ ରନ୍‌ର ଭାଗୀଦାରି। ବାମହାତି ମାନ୍ଧାନା ବିଶ୍ୱରେ ଯୁଗ୍ମ ଦ୍ୱିତୀୟ ସର୍ବାଧିକ ୧୪ଶ ଦିନିକିଆ ଶତକ ହାସଲ କରିଥିଲେ। ମାନ୍ଧାନା ୯୫ ବଲ୍‌ରୁ ୪ଟି ଛକା ଓ ୯ଟି ଚୌକା ସହ ୧୦୯ ରନ୍ କରିଥିଲେ। ଜୀବନର ପ୍ରଥମ ଶତକ ହାସଲ କରିଥିବା ପ୍ରତୀକା ରାୱଲ ୧୩୪ ବଲ୍‌ରୁ ୨ଟି ଛକା ଓ ୧୩ଟି ଚୌକା ସହ ୧୨୨ ରନ୍ କରିଥିଲେ। ଜେମିମା ରଡ୍ରିଗ୍‌ବେଜ୍ ୫୫ ବଲ୍‌ରୁ ୧୧ଟି ଚୌକା ସହ ୭୬ ରନ୍‌କରି ଅପରାଜିତ ରହିଥିଲେ। ୩/୩୪୦ ଦିନିକିଆରେ ଭାରତର ସର୍ବାଧିକ ସ୍କୋର୍।

# ଦିନିକିଆରେ ଅଧିକ ଛକ୍କା ଲଗାଇଥିବା ୭ ବ୍ୟାଟର

ମୁମ୍ବାଇ, ୨୪।୧୦(ଏଜେନ୍ସି): ଭାରତ ଏବଂ ଅଷ୍ଟ୍ରେଲିଆ ମଧ୍ୟରେ ଆଜି ୨୩ ଅକ୍ଟୋବରରେ ଦ୍ୱିତୀୟ ୱାନଡେ ମ୍ୟାଚ୍ ଏଡିଲେଡ୍ ଓଭଲରେ ଖେଳାଯାଉଛି । ଏହି ମ୍ୟାଚ୍‌ରେ ରୋହିତ ଶର୍ମା ୭୭ରନର ସାନଦାର ପାଳି ଖେଳିଛନ୍ତି ଏବଂ ପାଳିରେ ରୋହିତ ୨ଲମ୍ବା ଛକ୍କା ମାରିଛନ୍ତି ।



ସେହିଭଳି ରୋହିତ ୱାନଡେ କ୍ରିକେଟରେ ସବୁଠାରୁ ଅଧିକ ଛକ୍କା ଲଗାଇବାର ରେକର୍ଡ଼ଠାରୁ ଏବେ କେବଳ ୫ଛକ୍କା ଦୂରରେ ଅଛନ୍ତି । ପାକିସ୍ତାନର ଅଲରାଉଣ୍ଡର ଶାହିଦ ଅଫରିଦିଙ୍କ ନାଁରେ ୱାନଡେ ଅନ୍ତର୍ଜାତୀୟରେ ସବୁଠାରୁ ଅଧିକ ଛକ୍କା ଲଗାଇବାର ରେକର୍ଡ଼ ରହିଛି। ଏଠାରେ ଆମେ ଆପଣଙ୍କୁ କହିବାକୁ ଯାଉଛି କି ୱାନଡେ କ୍ରିକେଟରେ ସବୁଠାରୁ ଅଧିକ ଛକ୍କା ଲଗାଇବାରେ ୭ବ୍ୟାଟର କିଏ

ୱାନଡେ କ୍ରିକେଟରେ ସବୁଠାରୁ ଅଧିକ ଛକ୍କା ଲଗାଇଥିବା ଟପ୍ ୭ ବ୍ୟାଟର

୧- ଶାହିଦ ଅଫରିଦ(ପାକିସ୍ତାନ)- ୩୫୧ ଛକ୍କା

ୱାନଡେ କ୍ରିକେଟରେ ସବୁଠାରୁ ଅଧିକ ଛକ୍କା ଲଗାଇଥିବା ଟପ୍ -୭ ବ୍ୟାଟରଙ୍କ ଲିଷ୍ଟରେ ପାକିସ୍ତାନର ଅଲରାଉଣ୍ଡର ଶାହିଦ ଆଫ୍ରିଦି ପ୍ରଥମ ନମ୍ବରରେ ଅଛନ୍ତି । ଆଫ୍ରିଦି ୩୯୮ୱାନଡେ ମ୍ୟାଚ୍‌ରେ ୩୫୧ଛକ୍କା ଯୋଡ଼ିଛନ୍ତି ।

୨-ରୋହିତ ଶର୍ମା(ଭାରତ)- ୩୪୬ ଛକ୍କା

ଭାରତର ପୂର୍ବତନ ଅଧିନାୟକ ରୋହିତ ଶର୍ମା ୱାନଡେ କ୍ରିକେଟରେ ସବୁଠାରୁ ଅଧିକ ଛକ୍କା ଲଗାଇଥିବା ବ୍ୟାଟରଙ୍କ ଲିଷ୍ଟରେ ଦ୍ୱିତୀୟ ନମ୍ବରରେ ଅଛନ୍ତି । ରୋହିତ ଏବେ ପର୍ଯ୍ୟନ୍ତ ୨୭୫ୱାନଡେ ମ୍ୟାଚ୍ ଖେଳିଛନ୍ତି, ଯେଉଁଥିରେ ସେ ୩୪୬ଛକ୍କା ଲଗାଇଛନ୍ତି ।

୩- କ୍ରିସ୍ ଗେଲ(ୱେଷ୍ଟଇଣ୍ଡିଜ)- ୩୩୧ ଛକ୍କା

ୱାନଡେ କ୍ରିକେଟରେ ସବୁଠାରୁ ଅଧିକ ଛକ୍କା ଲଗାଇଥିବା ବ୍ୟାଟରଙ୍କ ଲିଷ୍ଟରେ ୱେଷ୍ଟଇଣ୍ଡିଜର ବିସ୍ଫୋଟକ ବ୍ୟାଟର କ୍ରିସ ଗେଲ୍ ତୃତୀୟ ସ୍ଥାନରେ ଅଛନ୍ତି । ଗେଲ୍ ମୋଟ୍ ୩୦୧ୱାନଡେ ମ୍ୟାଚ୍‌ରେ ୩୩୧ ଛକ୍କା ଯୋଡ଼ିଛନ୍ତି ।

୪- ସନଥ ଜୟସୂର୍ଯ୍ୟା(ଶ୍ରୀଲଙ୍କା)- ୨୭୦ ଛକ୍କା

ଶ୍ରୀଲଙ୍କର ଧୂଆଁଧାର ବ୍ୟାଟର ସନଥ ଜୟସୂର୍ଯ୍ୟା ୱାନଡେ କ୍ରିକେଟରେ ସବୁଠାରୁ ଅଧିକ ଛକ୍କା ଲଗାଇବା ବ୍ୟାଟରଙ୍କ ଲିଷ୍ଟରେ ଚତୁର୍ଥ ନମ୍ବରରେ ଅଛନ୍ତି । ଜୟସୂର୍ଯ୍ୟା ୪୪୫ୱାନଡେ ମ୍ୟାଚ୍ ଖେଳିଛନ୍ତି, ଯେଉଁଥିରେ ସେ ୨୭୦ଛକ୍କା ଲଗାଇଛନ୍ତି ।

୫- ମହେନ୍ଦ୍ର ସିଂହ ଧୋନୀ(ଭାରତ)-୨୨୯ଛକ୍କା

ୱାନଡେ କ୍ରିକେଟରେ ସବୁଠାରୁ ଅଧିକ ଛକ୍କା ଲଗାଇଥିବା ବ୍ୟାଟରଙ୍କ ଲିଷ୍ଟରେ ଭାରତର ପୂର୍ବତନ ଅଧିନାୟକ ମହେନ୍ଦ୍ର ସିଂହ ଧୋଧୀ ପଞ୍ଚମ ସ୍ଥାନରେ ଅଛନ୍ତି । ଧୋନୀ ୩୫୦ୱାନଡେ ମ୍ୟାଚ୍‌ରେ ୨୨୯ଛକ୍କା ଯୋଡ଼ିଛନ୍ତି ।

୬- ଇୟୋନ ମର୍ଗନ(ଇଂଲଣ୍ଡ)- ୨୨୦ଛକ୍କା

ଇଂଲଣ୍ଡର ପୂର୍ବତନ ଅଧିନାୟକ ଇୟୋନ ମର୍ଗନ ୱାନଡେ କ୍ରିକେଟରେ ସବୁଠାରୁ ଅଧିକ ଛକ୍କା ଲଗାଇଥିବା ବ୍ୟାଟରଙ୍କ ଲିଷ୍ଟରେ ଷଷ୍ଠ ସ୍ଥାନରେ ଅଛନ୍ତି । ମର୍ଗନ୨୪୮ୱାନଡେ ମ୍ୟାଚ୍ ଖେଳିଛନ୍ତି ଯେଉଁଥିରେ ସେ ୨୨୦ ଛକ୍କା ଲଗାଇଛନ୍ତି ।

୭- ଏ.ବି. ଡିଭିଲିୟର୍ସ(ଦକ୍ଷିଣଆଫ୍ରିକା)- ୨୦୪ ଛକ୍କା

ୱାନଡେ କ୍ରିକେଟରେ ସବୁଠାରୁ ଅଧିକ ଛକ୍କା ଲଗାଇଥିବା ବ୍ୟାଟରଙ୍କ ଲିଷ୍ଟରେ ଦକ୍ଷିଣ ଆଫ୍ରିକାଣ ବ୍ୟାଟର ଏ.ବି. ଡିଭିଲିୟର୍ସ ୭ମ ନମ୍ବରରେ ଅଛନ୍ତି । ଡିଭିଲିୟର୍ସ ୨୨୮ୱାନଡେ ମ୍ୟାଚ୍‌ରେ ୨୦୪ଛକ୍କା ଲଗାଇଛନ୍ତି ।

## ଭାଲିଆବାଡ଼ି କପ୍ କ୍ରିକେଟ୍

# ପଳାଶପୁର ସେମିରେ

ଖୋର୍ଦ୍ଧା, ୨୪।୧୦: ସ୍ଥାନୀୟ ଭାଲିଆବାଡ଼ି ଖେଳ ପଡ଼ିଆରେ ଚାଲିଥିବା ୪୮ତମ ଭାଲିଆବାଡ଼ି କପ୍ କ୍ରିକେଟର କ୍ୱାଟର ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି ଅରିଶଳ ଦଳକୁ ୨୮ରନରେ ହରାଇ ପଳାଶପୁର ଦଳ ପ୍ରଥମ ଦଳ ଭାବେ ସେମିରେ ପ୍ରବେଶ କରିଛି । ପଳାଶପୁର ଦଳ ଟସରେ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତି ନେଇଥିଲା। ଦଳ ନିର୍ଦ୍ଧାରିତ ୧୦ ଓଭରରେ ଗୋଟିଏ ୱିକେଟ୍ ହରାଇ ୧୯୭ରନ୍ କରିଥିଲେ। ଦଳ ପକ୍ଷରୁ ବସନ୍ତ ସାହୁ ୨୭ଟି ବଲରୁ ୮ଟି ଛକା ଓ ୧୦ ଚୌକା ସହାୟତାରେ ୯୨ରନ୍ ଓ ବିଶ୍ୱରଂଜନ ସାହୁ ୨୭ଟି ବଲରୁ ୯ଟି ଛକା ଓ ୪ଟି ଚୌକା ସହାୟତାରେ ୯୭ରନ କରିଥିଲେ। ଜବାବରେ ଅରିଶଳ ଦଳ ୧୦ ଓଭରରେ ୫ଟି ୱିକେଟ୍ ହରାଇ ୧୬୯ରନ୍ କରିବାକୁ ସକ୍ଷମ ହୋଇଥିଲେ। ଫଳରେ ପଳାଶପୁର ଦଳ ବିଜୟ ଘୋଷିତ ହୋଇଥିଲା ଅରିଶଳ ଦଳ ପକ୍ଷରୁ ଶୁଭେନ୍ଦୁ ପ୍ରଧାନ ୨୫ଟି ବଲରେ ୧୧ଟି ଛକା ଓ ୫ଟି ଚୌକା ସହାୟତାରେ ୮୮ରନ କରିଥିଲେ । ପଳାଶପୁର ଦଳ ପକ୍ଷରୁ ଚନ୍ଦନ ୪ଟି ୱିକେଟ୍ ନେଇଥିଲେ । ଅରିଶଳ ଦଳର ଶୁଭେନ୍ଦୁ ପ୍ରଧାନଙ୍କ ସୁନ୍ଦର ଖେଳ ପାଇଁ ଶ୍ରେଷ୍ଠ ଖେଳାଳୀ ପୁରସ୍କାର ପ୍ରଦାନ କରାଯାଇଥିଲା ଆଜିର ମ୍ୟାଚକୁ ଛବିନାରାୟଣ ସାହୁ, ଭବେଶ ସାହାଣୀ ଓ ଦିନବନ୍ଧୁ ବିଶ୍ୱାଳ ପରିଚାଳନା କରିଥିଲେ ।



## ନୀଳକଣ୍ଠ ମେମୋରିଆଲ ଗୁରୁଜଙ୍ଗ କପ କ୍ରିକେଟ

# ମିନି ଆଧାର ଫାଇନାଲରେ ଗୁଡୁମ

ଖୋର୍ଦ୍ଧା, ୨୪।୧୦: :ଖୋର୍ଦ୍ଧା ପୌର ପରିଷଦ ଅନ୍ତର୍ଗତ ଗୁରୁଜଙ୍ଗ ଖେଳ ପଡିଆ। ଠାରେ ଗୁରୁଜଙ୍ଗ କ୍ରିକେଟ ଆସୋସିଏସନ୍ ଆନୁକୁଲ୍ୟ ରେ ଚାଲିଥିବା ନୀଳକଣ୍ଠ ମେମୋରିଆଲ ଗୁରୁଜଙ୍ଗ କପ୍ ସପ୍ତମ ଦିବସ ମିନି ଆଧାର ଟୁର୍ନାମେ□ ର ପ୍ରଥମ ମ୍ୟାଚ୍ ଅରାଙ୍ଗ ବନାମ କୋଣାର୍କ ନଗର ମଧ୍ୟରେ ଅନୁଷ୍ଠିତ ହେଇଥିଲା ।ପ୍ରଥମେ ଟସ୍ ରେ ବିଜୟ ଲାଭ କରି ଅରାଙ୍ଗ ଦଳ ବ୍ୟାଟିଂ କରିବାକୁ ନିଷ୍ପତି ନେଇ ୧୦ ଓଭର ୧୦୩ ରନ କରିଥିଲେ। ଜବାବରେ କୋଣାର୍କ ନଗର ଦଳ ୧୦ ଓଭର ରେ ୩ ୱିକେଟ ହରାଇ ଆବଶ୍ୟକ ରନ ସଂଗ୍ରହ କରି ଏହି ମ୍ୟାଚ କୁ ୭ୱିକେଟ ରେ ଜିତିନେଇଥିଲେ। ସୁଜିତ ମଙ୍ଗରାଜ ଶ୍ରେଷ୍ଠ ଖେଳାଳି ଭାବେ ଅତିଥି ଅକ୍ଷୟ ଜେନା ଙ୍କ ଠାରୁ ପୁରସ୍କୃତ ହୋଇଥିଲେ ।ସେହିପରି ଦ୍ୱିତୀୟ ମ୍ୟାଚ୍ ରେ ଗୁଡୁମ ପାଇକତିଗିରିଆ। ଦଳ କୁ ଭେଟି ଥିଲାଗୁଡୁମ ଦଳ ପ୍ରଥେମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭର ରେ ୩ ୱିକେଟ ହରାଇ ୧୨୯ ରନ୍ କରିଥିଲା। ଜବାବ ରେ ପାଇକତିଗିରିଆ ଦଳ ୧୦ଓଭର ରେ ୧୧୦ କରି ସୀମିତ ରହିଥିଲେ। ଏହି ମ୍ୟାଚ କୁ ଗୁଡୁମ ଦଳ ୧୯ ରନ ରେ ଜିତି ନେଇଥିଲେ। ଅତିଥି ତ୍ରିନାଥ ପରିଡା ଶ୍ରେଷ୍ଠ ଖେଳାଳି ରତି ରଞ୍ଜନ ଙ୍କୁ ପୁରସ୍କୃତ କରିଥିଲେ।





ସେହିପରି ପ୍ରଥମ ସେମି ଫାଇନାଲ ମ୍ୟାଚ ଗୁଡୁମ ଓ କୋଣାର୍କ ନଗର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ଗୁଡୁମ ଦଳ ବ୍ୟାଟିଂ କରି ମନୋଜ ଙ୍କ ୬୮ ରନ ସହାୟତାରେ ୧୦ ଓଭର ରୁ ୬ୱିକେଟ ହରାଇ ୧୩୪ ରନ କରିଥିଲ। ଜବାବରେ କୋଣାର୍କ ନଗର ଦଳ ଆୟୁଷ ଦାସ ଙ୍କ ୩୨ ରନ ସହାୟତା ରେ ୧୦ ମାତ୍ର ୧୨୦ ରନ ରେ ସୀମିତ ରହିଥିଲେ। ଏହି ମ୍ୟାଚ କୁ ଗୁଡୁମ ଦଳ ୧୪ ରନ ରେ ଜିତି ଫାଇନାଲ କୁ ପ୍ରବେଶ କରିଛି। ଶ୍ରେଷ୍ଠ ଖେଳାଳି ଭାବେ ରାକେଶ ଙ୍କୁ ଅତିଥି ଅସିତ ପରିଡା ପୁରସ୍କୃତ କରିଥିଲେ ସୂର୍ଯ୍ୟକାନ୍ତ ଗୁମାନ ସିଂ, ରାଜଦୀପ ରାଜପ୍ରସାଦ ରଥ, ଅମିତ ବେହେରା,ପ୍ରକାଶ ପାଇକରାୟ, ପ୍ରକାଶ ସାହୁ, ସାନୁଜ ବିଶ୍ୱାଳ ମ୍ୟାଚ୍ କୁ ପରିଚାଳନା କରିଥିଲେ।

Printed _ Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 _ Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ